

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୨ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 February 2026

Vol.No. 36 ■ No.50 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଉଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


## ଭାରତ ଓ ବ୍ରାଜିଲ ମଧ୍ୟରେ ୨୦ ବିଲିୟନ ଡଲାରର ବ୍ୟବସାୟିକ ଚୁକ୍ତି

ନୂଆଦିଲ୍ଲୀ,୨୧/୨ : ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିବାକୁ ପ୍ରତିବଦ୍ଧ ହୋଇଛନ୍ତିଧି। ରାଷ୍ଟ୍ରପତି ଲୁଲାଙ୍କୁ ଭାରତରେ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଦ୍ୱାରା ଭାରତ-ବ୍ରାଜିଲ ସମ୍ପର୍କ ନିରନ୍ତର ମଜବୁତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭା ପ୍ରତ୍ୟେକ କ୍ଷେତ୍ରରେ ଭାରତ-ବ୍ରାଜିଲ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କର ମିଳିତ ସଂକଳ୍ପକୁ ଦୋହରାଇଛନ୍ତି । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଆମେରିକୀୟ ଡଲାର ଅତିକ୍ରମ କରିବାକୁ ପ୍ରତିବଦ୍ଧ ହୋଇଛନ୍ତିଧି। ରାଷ୍ଟ୍ରପତି ଲୁଲାଙ୍କୁ ଭାରତରେ ସ୍ୱାଗତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ତାଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଦ୍ୱାରା ଭାରତ-ବ୍ରାଜିଲ ସମ୍ପର୍କ ନିରନ୍ତର ମଜବୁତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ବର୍ଷ ବର୍ଷ ଧରି ଲୁଲାଙ୍କ ସହ ପ୍ରତ୍ୟେକ ସାକ୍ଷାତ ଭାରତ ପ୍ରତି ତାଙ୍କର ଗଭୀର ବିଶ୍ୱାସ ଓ ବନ୍ଧୁତାକୁ ସ୍ପଷ୍ଟ ଭାବରେ



ପ୍ରତିଫଳିତ କରିଛି। ପ୍ରଧାନମନ୍ତ୍ରୀ ଗ୍ଲୋବାଲ୍ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ଲୁଲାଙ୍କ ଅଂଶଗ୍ରହଣ ପାଇଁ କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ, ଏହା ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ନୂତନ ପ୍ରେରଣା ଦେଇଛି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ବ୍ରାଜିଲ ହେଉଛି ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ରାଷ୍ଟ୍ର । ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ସେ ରାଷ୍ଟ୍ରପତି ଲୁଲାଙ୍କ ସହ ଆସିଥିବା ବୃହତ ବ୍ୟବସାୟିକ ପ୍ରତିନିଧି ଦଳକୁ ପାରସ୍ପରିକ ବିଶ୍ୱାସର ପ୍ରତୀକ ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ମର୍କୋସୁର ବାଣିଜ୍ୟ ଚୁକ୍ତିନାମାର ବିସ୍ତାର ଦୁଇ ଦେଶ ମଧ୍ୟରେ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବ। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି, ଯେ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ କ୍ଷେତ୍ରରେ ଭାରତ-ବ୍ରାଜିଲ ସହଯୋଗ କେବଳ ଦୁଇ ଦେଶ ପାଇଁ ନୁହେଁ ବରଂ ସମଗ୍ର ଗ୍ଲୋବାଲ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ । ସାମ୍ବାଦିକ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବ୍ରାଜିଲରେ ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ କାର୍ଯ୍ୟ କରୁଛି।

◆◆ପୃଷ୍ଠା ୭

## ଓଡ଼ିଶାରେ ଏପ୍ରିଲ ୧ ଆରମ୍ଭ ହେବ ଏସଆଇଆର

ଭୁବନେଶ୍ୱର, ୨୧/୨ (ନି.ପ୍ର): ଓଡ଼ିଶାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ମତଦାତା ସୂଚୀରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ଆରମ୍ଭ ହେବ । ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତଗୋପଲନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏଥିନେଇ ଏବେ ମ୍ୟାପିଂ ଜାରି ରହିଛି। ୨୦୦୨ ଏସଆଇଆର ତାଲିକାର ବିବରଣୀ ଯାଂଚ କରି ଜଣାଇବାକୁ ନିବେଦନ କରିଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ। ଓଡିଶାରେ କେଉଁମାନଙ୍କ ନାଁ ଇଲେକ୍ଟ୍ରୋରାଲ ରୋଲରେ ରହିବ କେତେ କଟିବ ସ୍ପଷ୍ଟ ହୋଇଯିବ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଇଲେକ୍ଟ୍ରୋରାଲ କ୍ଲିନ୍ ହେବା ଦରକାର। ଓଡ଼ିଶାରେ ଏସଆଇଆର ୪ଟି ପର୍ଯ୍ୟାୟରେ ଜୁଲାଇ ମାସ ପର୍ଯ୍ୟନ୍ତ ଚାଲିବ। ଇସିଆଇ ନେଟ୍ ଆପ୍ ରେ ଘରେ ବସି ସମସ୍ତେ ଅପଡେଟ ମଧ୍ୟ ଜାଣିପାରିବେ ।

## କାଚ ବୋତଲରେ ମିଳିବନି ମଦ

ଭୁବନେଶ୍ୱର, ୨୧/୨ (ନି.ପ୍ର): ଏଣିକି କାଚ ବୋତଲରେ ମିଳିବ ନାହିଁ ମଦ । ଫୁଟି ପ୍ୟାକେଟ୍ ଭଳି ମୋଟା କାଗଜ ଖୋଳରେ ମିଳିବ ମଦ । କାଚ ବୋତଲର ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାର କରାଯିବ । ଅବକାରୀ ନୀତି ଅନୁସାରେ କାଚ ବୋତଲର ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦିଆଯାଇଛି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ମଧ୍ୟ ଅଟେ । ଏହା ସହିତ, ପରିବେଶ ସୁରକ୍ଷାର ଦୃଷ୍ଟିକୋଣରୁ ସରକାର ସମସ୍ତ ସମ୍ପୃକ୍ତ ସଂସ୍ଥା/ ବ୍ୟକ୍ତି ମାନଙ୍କୁ କାଚ ବୋତଲର ପୁନଃ ବ୍ୟବହାର (ରିସାଇକ୍ଲି) ପାଇଁ ଉତ୍ସାହିତ କରୁଛି । ବିଧାୟକ ସନା ମହାକୁଡ଼ଙ୍କ ପ୍ରଶ୍ନରେ ଉତ୍ତର ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ଆତଙ୍କବାଦୀ ଆକ୍ରମଣ ନେଇ ଦିଲ୍ଲୀରେ ଆଲର୍ଟ

### ଲାଲକିଲ୍ଲା ଓ ଚାନ୍ଦିନୀଚୌକ ନିକଟରେ ସୁରକ୍ଷା ବ୍ୟବସ୍ଥା କଡାକଡି

ନୂଆଦିଲ୍ଲୀ,୨୧/୨ : ଦିଲ୍ଲୀରେ ପୁଣିଥରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କାକୁ ନେଇ ସୁରକ୍ଷା ଏଜେନ୍ସିମାନେ ସତର୍କ ହୋଇଯାଇଛନ୍ତି। ଏହି ଗୁଇନ୍ଦା ସୂଚନା ପରେ ରାଜଧାନୀରେ ହାଇ ଆଲର୍ଟ ଘୋଷଣା କରାଯାଇଛି। କୁହାଯାଉଛି ଯେ ପାକିସ୍ତାନ ସମର୍ଥିତ ଆତଙ୍କୀ ସଂଗଠନ ଲସ୍କର-ଇ ତୋଇବା (ଏଲଇଟି) ଦିଲ୍ଲୀରେ ଆଇଇଡି ଆକ୍ରମଣର ଷଡଯନ୍ତ୍ର ରଚୁଛି। ସୂତ୍ର ଅନୁସାରେ ଆତଙ୍କବାଦୀମାନଙ୍କ ନିଶାନାରେ ଐତିହାସିକ ଲାଲକିଲା ଅଞ୍ଚଳ ଓ ଏହାର ପାଖପାଖି ଅଞ୍ଚଳ ଥାଇପାରେ। ବିଶେଷକରି ଭିଡ଼ ଥିବା ଚାନ୍ଦିନୀ ଚୌକ ଅଞ୍ଚଳର ପ୍ରମୁଖ ମନ୍ଦିରକୁ ନେଇ ସୂଚନା ମିଳିଛି। ଯଦିଓ ଔପଚାରିକ ଭାବେ କୌଣସି ବିଶେଷ ସ୍ଥଳର ନାମ ପ୍ରକାଶ କରାଯାଇନାହିଁ, ତଥାପି ସୁରକ୍ଷା ଏଜେନ୍ସିମାନେ ସଂବେଦନଶୀଳ ଧାର୍ମିକ ସ୍ଥଳମାନଙ୍କର ସୁରକ୍ଷା ବଢ଼ାଇ ଦେଇଛନ୍ତି। ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬ ଫେବୃଆରୀରେ ପାକିସ୍ତାନର ରାଜଧାନୀ ଇସଲମାବାଦରେ ଅବସ୍ଥିତ ଟେରଲାଇ ଇମାମ ବାରଗାହରେ ଜୁମା ନମାଜ ସମୟରେ ହୋଇଥିବା ବିସ୍ଫୋରଣ ପରେ ଏହି ଆତଙ୍କୀ ସଂଗଠନ ଭାରତରେ ବଡ଼ ଘଟଣା



ଘଟାଇବାର ଚେଷ୍ଟାରେ ରହିଛି। ସେହି ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ଅନ୍ୟମାନେ ଆହତ ହୋଇଥିଲେ।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ କଂଗ୍ରେସର ତୀବ୍ର ସମାଲୋଚନା

ନୂଆଦିଲ୍ଲୀ,୨୧/୨ : କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ପ୍ରସଙ୍ଗରେ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ବୁଝାମଣା କରିଛନ୍ତି ବୋଲି ଲେଖିଛନ୍ତି। ଆମେରିକା ସୁପ୍ରିମକୋର୍ଟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିଶ୍ୱବ୍ୟାପୀ ଶୁଳ୍କ ବ୍ୟବସ୍ଥାକୁ ଖାରଜ କରିବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏହି ପ୍ରସଙ୍ଗରେ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ବୁଝାମଣା କରିଛନ୍ତି ବୋଲି ଲେଖିଛନ୍ତି। ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିଦ୍ୱାରା ଦେଶ ପ୍ରତି ହୋଇଥିବା ବିଶ୍ୱାସଘାତର ପର୍ଦ୍ଦାଫାସ ହୋଇଛି



ବୋଲି ରାହୁଲ ଅଭିଯୋଗ କରିବା ସହିତ ପ୍ରଧାନମନ୍ତ୍ରୀ ପୁନଃ ଆଲୋଚନା କରିପାରିବେ ନାହିଁ। ସେ ପୁଣି ଥରେ ଆତ୍ମସମର୍ପଣ କରିଦେବେ ବୋଲି ଏହି ପୋ ?ଷ୍ଟରେ ଲେଖିଛନ୍ତି। କଂଗ୍ରେସ ଏହାପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଉପରେ ସମାନ ଅଭିଯୋଗ କରିଆସୁଛି। ପ୍ରଧାନମନ୍ତ୍ରୀ ଓ ତାଙ୍କ ସରକାର ବାଣିଜ୍ୟ ଚୁକ୍ତି ପାଇଁ ଭାରତର ହିତକୁ ଅଣଦେଖା କରିଥିବା ଦଳ କହିଆସୁଛି। ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ ଭାରତ ପାଇଁ ଏକ ଅଗ୍ନିପରୀକ୍ଷା କହିବା ସହିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ‘ହତାଶାଭାବ ଏବଂ ଆତ୍ମସମର୍ପଣ’ ଦ୍ୱାରା ଦେଶ ଏହା ଭୋଗୁଛି ବୋଲି କହିଛି। କଂଗ୍ରେସରେ ଯୋଗାଯୋଗ ଦାୟିତ୍ୱରେ ଥିବା ମହାସଚିବ ଜୟରାମ ରମେଶ ମଧ୍ୟ ଦାବି କରିଛନ୍ତି ଯେ, ଯଦି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ଦୁର୍ବଳ ଭାବମୂର୍ତ୍ତିକୁ ରକ୍ଷା କରିବା ପାଇଁ ଏତେ ହତାଶ ହୋଇ ନଥାନ୍ତେ ଏବଂ ଆଉ ମାତ୍ର ୧୮ ଦିନ ଅପେକ୍ଷା କରିଥାନ୍ତେ, ତେବେ ଭାରତୀୟ କୃଷକମାନେ ଯନ୍ତ୍ରଣା ଏବଂ ଦୁର୍ଦ୍ଦଶାରୁ ରକ୍ଷା ପାଇଥାନ୍ତେ ଏବଂ ଭାରତୀୟ ସାର୍ବଭୌମତ୍ୱ ସୁରକ୍ଷିତ ରହିଥାନ୍ତା।

◆◆ପୃଷ୍ଠା ୭

## ସୁପ୍ରିମକୋର୍ଟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ: ଡୋନାଲ୍ଡ ଟ୍ରମ୍ପ

ନୂଆଦିଲ୍ଲୀ,୨୧/୨ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନ୍ୟାୟପାଳିକା ମଧ୍ୟରେ ଏକ ବଡ଼ ସାମ୍ବିଧାନିକ ତଥା ବାଣିଜ୍ୟିକ ବିବାଦ ଦେଖାଦେଇଛି । ଏକ ଐତିହାସିକ ରାୟରେ, ଆମେରିକାର ସୁପ୍ରିମକୋର୍ଟ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନେକ ଶୁଳ୍କକୁ ବେଆଇନ ଘୋଷଣା କରିଛନ୍ତି । କୋର୍ଟଙ୍କ ଆଦେଶରେ କ୍ରୋଧିତ ହୋଇ ଟ୍ରମ୍ପ କେବଳ ବିଚାରପତିମାନଙ୍କୁ ସମାଲୋଚନା କରିବା ସହିତ ତୁରନ୍ତ କାର୍ଯ୍ୟକାରୀ ହେଉଥିବା ଏକ ନୂତନ ୧୦ ପ୍ରତିଶତ ବିଶ୍ୱ ଶୁଳ୍କ ଘୋଷଣା କରିଛନ୍ତି । ମୁଖ୍ୟ ବିଚାରପତିଙ୍କ



ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ୬-୩ ବହୁମତରେ ରାୟ ଦେଇଥିଲେ ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଲାଗୁ କରିବା ପାଇଁ ଜରୁରୀକାଳୀନ ଆଇନର ଅପବ୍ୟବହାର କରିଛନ୍ତି। ଏହି ମାମଲାଟି ମୁଖ୍ୟତଃ ୧୯୭୭ ମସିହାର ଅନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ (ଆଇଇଇପିଏ) ସହିତ ଜଡିତ ଥିଲା। କୋର୍ଟ ସ୍ପଷ୍ଟ କରିଥିଲେ ଯେ, ଏହି ଆଇନ ଅନୁଯାୟୀ, ରାଷ୍ଟ୍ରପତି ଜରୁରୀକାଳୀନ ସମୟରେ ବାଣିଜ୍ୟକୁ ନିୟନ୍ତ୍ରିତ କରିପାରିବେ, କିନ୍ତୁ ମନଇଚ୍ଛା ଶୁଳ୍କ ଲାଗୁ କରିବାର ଅଧିକାର ତାଙ୍କର ନାହିଁ। ଟ୍ରମ୍ପ ପ୍ରଥମେ ମେକ୍ସିକୋ, କାନାଡା, ଚୀନ୍ ଓ ପରେ ଭାରତ ସମେତ ବହୁ ଦେଶ ଉପରେ ଭାରୀ ଶୁଳ୍କ ଲାଗୁ କରିବା ପାଇଁ ଏହି ଆଇନର ଅପବ୍ୟବହାର କରିଥିଲେ। ରାୟ ନେଇ ଟ୍ରମ୍ପ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁଯାୟୀ, ରାଜ୍ୟପାଳମାନଙ୍କ ସହିତ ଏକ ବ୍ୟକ୍ତିଗତ ଆଲୋଚନା ସମୟରେ

◆◆ପୃଷ୍ଠା ୭

## ସବୁ ଦେଶ ଉପରେ ଆମେରିକାର ୧୦% ଶୁଳ୍କ ଲାଗୁ

ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ପୂର୍ବ ଟାରିଫ୍ ବେଆଇନ ଘୋଷଣା କରିବାର କିଛି ଘଣ୍ଟା ପରେ, ଟ୍ରମ୍ପ ଓଭାଲ୍ ଅଫିସରୁ ଏକ ନୂତନ କାର୍ଯ୍ୟନିର୍ବାହୀ ଅର୍ଡରରେ ସ୍ୱାକ୍ଷର କରିଛନ୍ତି । ଏହି ନୂତନ ଆଦେଶ ଅନୁଯାୟୀ, ସମସ୍ତ ଦେଶରୁ ଆମେରିକାକୁ ଆସୁଥିବା ଆମଦାନି ଉପରେ ଏବେ ୧୦% ବିଶ୍ୱ ଟାରିଫ୍ ଲାଗୁ ହେବ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ବାଣିଜ୍ୟ ନୀତିକୁ ନେଇ ନ୍ୟାୟପାଳିକା ସହିତ ଏକ ଲଢ଼େଇ କରି ପରାଜିତ ହୋଇଛନ୍ତି। ଆମେରିକାର ସୁପ୍ରିମକୋର୍ଟ ତାଙ୍କର ପୂର୍ବ ଟାରିଫ୍ ବେଆଇନ ଘୋଷଣା କରିବାର କିଛି ଘଣ୍ଟା ପରେ, ଟ୍ରମ୍ପ ଓଭାଲ୍ ଅଫିସରୁ ଏକ ନୂତନ କାର୍ଯ୍ୟନିର୍ବାହୀ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ଏହି ନୂତନ ଆଦେଶ ଅନୁଯାୟୀ, ସମସ୍ତ ଦେଶରୁ ଆମେରିକାକୁ ଆସୁଥିବା ଆମଦାନି ଉପରେ ଏବେ ୧୦% ବିଶ୍ୱ ଟାରିଫ୍ ଲାଗୁ ହେବ ।

## ଥାଇଲାଣ୍ଡରୁ ଫେରିଲେ ୪ ଓଡ଼ିଆ ଯୁବକ

ଭୁବନେଶ୍ୱର, ୨୧/୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣ ଓଡ଼ିଆ ଯୁବକମାନଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି। ଶନିବାର ଦିନ ୪ଜଣ ଓଡ଼ିଆ ଯୁବକ - ଜୟନ୍ତ କୁମାର ମଲ୍ଲିକ୍, ହେମନ୍ତ କୁମାର ବେହେରା, ମନରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ ଓଡ଼ିଶାରେ ଆସି ପହଂଚିଛନ୍ତି। ଓଡ଼ିଶାର କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରୁ ୬ ଜଣ ଯୁବକ ବିଗତ ୨୦୨୫ ମସିହା ଅଗଷ୍ଟ ମାସରେ ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ଉକ୍ତ ପ୍ଲାଏଉଡ୍ କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉନଥିବାର ଅଭିଯୋଗ କରିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଓଡ଼ିଶାକୁ ଫେରି ଆସିବା ପାଇଁ ସେମାନେ ଓଡ଼ିଶା ସରକାରଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଥିଲେ। ଏହି ସମ୍ବନ୍ଧରେ ଜାଣିବା ପରେ ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ସହାୟତାରେ ୪ଜଣ ଓଡ଼ିଆ ଯୁବକଙ୍କୁ ଓଡ଼ିଶାକୁ ଫେରାଇ ଅଣାଯାଇଛି । ଆଜି ଓଡ଼ିଶାକୁ ଫେରିବାପରେ ଯୁବକମାନେ ସମସ୍ତ ସହାୟତା ପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପୁରୀ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, ୨୧/୨ (ନି.ପ୍ର): ପୁରୀ ବାସିନ୍ଦାଙ୍କ ପାଇଁ ଶ୍ରୀମନ୍ଦିରରେ ହୋଇପାରେ ସ୍ୱତନ୍ତ୍ର ବ୍ୟବସ୍ଥା । ଏହି ବିଷୟରେ ଅନୁଧ୍ୟାନ କରି ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛି ପରିଚାଳନା କମିଟି । ବିଧାନସଭାରେ ଆଇନ ମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି ।

## ଚାଲିପାରୁନି ବିଧାନସଭା : ଧାନ ବିକ୍ରୀରେ ଅନିୟମିତତା ଓ କୃଷକ ସମସ୍ୟାକୁ ନେଇ ବିରୋଧୀଙ୍କ ବିଧାନସଭାରେ ହଙ୍ଗାମା

ଭୁବନେଶ୍ୱର, ୨୧/୨ (ନି.ପ୍ର): ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଜି ବିଧାନସଭାରେ ବିରୋଧୀ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ଲଗାତାର ଚତୁର୍ଥ ଦିନ ମଧ୍ୟ ହଙ୍ଗାମା କରିଛନ୍ତି । ଏହି କାରଣରୁ ବଜେଟ ଅଧିବେଶନର ପଂଚମ ଦିବସର ପ୍ରଥମାର୍ଦ୍ଧରେ ପ୍ରଶ୍ନକାଳ ଓ ଶୂନ୍ୟକାଳ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ବାଚସ୍ପତି ଗୃହକୁ ପ୍ରଥମେ ୧୧.୩୦ ଯାଏ ଓ ପରେ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଛନ୍ତି । ଚଳିତ ବିଧାନସଭାର ପଂଚମ ଦିନରେ ଶନିବାର ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ସକାଳ ୧୦.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଚାହିଁଥିଲେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରିଥିଲେ । ମାତ୍ର ବିରୋଧୀଙ୍କ ପକ୍ଷରୁ ପ୍ରବଳ ହଙ୍ଗାମା କରାଯାଇଥିଲା । ଧାନମଣ୍ଡି ସମସ୍ୟା, ଧାନକିଣାରେ ଅନିୟମିତତା ଓ ଚାଷୀ ମାନଙ୍କର ଅନ୍ୟ ସମସ୍ୟାକୁ ନେଇ ନେଇ ବିଜେଡି ଓ କଂଗ୍ରେସର ବିଧାୟକ ମାନେ ପ୍ରତିବାଦ କରିଥିଲେ । ସେମାନେ ଏହି ପ୍ରସଙ୍ଗରେ ନାରାବାଜୀ ସହ ଗୃହରେ ଧାନ ରଖି ହୋ ହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା । ସେମାନଙ୍କ ହାତରେ ବ୍ୟାନର ମାନ ଥିଲା ଯେଉଁଥିରେ ବିଭିନ୍ନ ପ୍ରକାର ସରକାର ବିରୋଧୀ ସ୍ଲୋଗାନ ମାନ ଲେଖା ଯାଇଥିଲା । ବାଚସ୍ପତି ସୁରମା ପାଢୀ ହଙ୍ଗାମା କରୁଥିବା ବିଧାୟକ ମାନଙ୍କୁ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ଏହାର କୌଣସି ପ୍ରକାର ପ୍ରଭାବ ବିରୋଧୀ ବିଧାୟକଙ୍କ ଉପରେ ପଡି ନ ଥିଲା । ଏହା ଫଳରେ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ୧୧.୩୦ରେ ଗୃହ କାର୍ଯ୍ୟ ପୁଣି



ଥରେ ଆରମ୍ଭ ହେଲା ମାତ୍ରେ ସେହି ସମାନ ସ୍ଥିତି ଉତ୍ପନ୍ନ ହୋଇଥିଲା । ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ବିଧାୟକ ମାନେ ଚାଷୀ ମାନଙ୍କ ସମସ୍ୟାକୁ ନେଇ ପୁଣି ଥରେ ହଙ୍ଗାମା ଆରମ୍ଭ କରି ଦେଇଥିଲେ । ସେମାନଙ୍କ ହାତରେ ବ୍ୟାନର ରହିଥିଲା । ସେମାନେ ନାରାବାଜୀ କରି ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । ବାଚସ୍ପତି ସୁରମା ପାଢୀ ହଙ୍ଗାମା କରୁଥିବା ବିଧାୟକ ମାନଙ୍କୁ ପୁଣି ଥରେ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିଥିଲେ । ହେଲେ ସେମାନେ ହଙ୍ଗାମା ଜାରି ରଖିଥିଲେ । ଫଳରେ ବାଚସ୍ପତି ଅପରାହ୍ନ ୪ଟା ଯାଏ ଗୃହ କାର୍ଯ୍ୟ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଅପରାହ୍ନ ଅଧିବେଶନରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ବିରୋଧୀ ଦଳ ସଦସ୍ୟମାନେ ହଙ୍ଗାମା ଜାରି ରଖିବାରୁ ବାଚସ୍ପତି ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

# ଗ୍ରୀଷ୍ମ ପ୍ରବାହ ପରିଚାଳନା ବୈଠକ ଅନୁଷ୍ଠିତ

ପୁରୀ, ୨୧/୨ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ଲୋକ ମାନଙ୍କୁ ସଚେତନ ସହ ବିଭିନ୍ନ ବିଭାଗ ସେମାନଙ୍କ ପରିଚାଳନାକୁ ସୁଦୃଢ କରିବା ଜରୁରୀ। ଯାହା ଫଳରେ ଏହି ଗ୍ରୀଷ୍ମ ପ୍ରବାହ କ୍ଷୟକ୍ଷତିକୁ ରୋକାଯାଇ ପାରିବ ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ଆଜି ପୂର୍ବାହ୍ନରେ ସଦଭାବନ ସଭାଗୃହ ପରିସରରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟିର ପୁରୀ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ, ପୂର୍ବ ପ୍ରସ୍ତୁତି ଦ୍ୱାରା ଧନ ଜୀବନ ହାନି ଓ କ୍ଷୟକ୍ଷତିକୁ ହ୍ରାସ କରିପାରିବା। ତେଣୁ ବୈଠକର ନିର୍ଯ୍ୟାସ ଅନୁସାରେ ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ବିଷଦ ଆଲୋଚନା କରାଯାଇ କାର୍ଯ୍ୟ ଚୂଡାନ୍ତ କରାଗଲା। ବ୍ଲକ, ତହସିଲ, ଜିଲ୍ଲା ସ୍ତର ସହ ସମସ୍ତ ବିଭାଗ ସେମାନଙ୍କ କଂଟ୍ରୋଲ ରୁମ୍ ବା ନିୟନ୍ତ୍ରଣ କକ୍ଷକୁ ନିରନ୍ତର ଭାବେ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୱାଟକୋ ତରଫରୁ ସହରାଂଚଳରେ ପାନୀୟ ଜଳ ଯୋଗାଣକୁ ଅଧିକ କ୍ରିୟାଶୀଳ କରିବା, ଆବଶ୍ୟକତା ଅନୁସାରେ ଜଳ ଯୋଗାଇବା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ଉତ୍ସ ଗୁଡିକୁ ନିୟମିତ ବିଶୋଧନ ସହ ଅଧିକ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଣ, ଗ୍ରାମାଚଂଳରେ ଓ ସହରାଚଂଳର ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ବିଡ଼ିଓ, ପୌର ଓ ଏନଏସିର ନିର୍ବାହୀ ଅଧିକାରୀ ମାନେ ପାନୀୟ ଜଳଛତ୍ରର ବ୍ୟବସ୍ଥା କରିବା, ଶ୍ରମିକ ମାନଙ୍କୁ ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ କାମ ନ କରାଇବା, ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଛାଇ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା, ସେମାନଙ୍କ ନିମନ୍ତେ ସଚେତନତା ବ୍ୟବସ୍ଥା, ଶିକ୍ଷାନୁଷ୍ଠାନ ଗୁଡିକ ସରକାରୀ ମାର୍ଗଦର୍ଶିକା ଅନୁସାରେ ପରିଚାଳନା, ସମସ୍ତ ଚିକିତ୍ସାଳୟରେ ଏସି, କୁଲର ବ୍ୟବସ୍ଥା, ବରଫ ବ୍ୟବସ୍ଥା, ପ୍ରଚୁର ଓଆରଏସ ବ୍ୟବସ୍ଥା, ବେସରକାରୀ ହସପିଟାଲ ମାନଙ୍କୁ ସଚେତନ କରାଇବା ବ୍ୟବସ୍ଥା, ହିଟ୍ ଓ୍ୱେଭରେ ମୃତ୍ୟୁ ଅଭିଯୋଗରେ ପୋଷ୍ଟମର୍ଟମ ସହ ଯୁଗ୍ମ ତଦନ୍ତ ବ୍ୟବସ୍ଥା, ଗ୍ରୀଷ୍ମ ସମୟରେ ଲୋକ ମାନଙ୍କୁ କ'ଣ କରିବା କ'ଣ ନ କରିବା ସମ୍ପର୍କରେ ସଚେତନ କରାଇବା ବ୍ୟବସ୍ଥା, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ମାନଙ୍କୁ ସଚେତନ ଓ ସେମାନଙ୍କ ସହଯୋଗ ନେବା, ନିରବଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣ କରିବା, ପଶୁ ସମ୍ପଦ ମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା, ଶ୍ରୀମନ୍ଦିର ଆସୁଥିବା ଶ୍ରଦ୍ଧାଳୁ ମାନଙ୍କ ପାଇଁ ଛାଇ ବ୍ୟବସ୍ଥା, ମ୍ୟାଟ ଓ ଜଳ ସିଂଚନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପାନୀୟ ଜଳ ସହ ଓଆରଏସ ବ୍ୟବସ୍ଥା, ବିଭିନ୍ନ ଆବାସିକ ଶିକ୍ଷାନୁଷ୍ଠାନ ମାନଙ୍କରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟ ରକ୍ଷା ବ୍ୟବସ୍ଥା, ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ଅନୁରୂପ ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ବିଭାଗ ତତ୍ପରତାର ସହ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅତିରିକ୍ତ ଏସପି ଦେବୀ ପ୍ରସାଦ ପ୍ରତାପ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର ଓ ଲାଇନ ଡିପାର୍ଟମେଂଟ ର ଅଧିକାରୀ ମାନେ ଏଥିରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜରୁରୀ ବିଭାଗର ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ସୁକାନ୍ତ କୁମାର ଦାଶ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଡାହାଣୀ କୁପ୍ରଥା ଓ ମହିଳା ନିର୍ଯାତନା ବିରୋଧରେ ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା

କେନ୍ଦୁଝର, ୨୧/୨ (ନି.ପ୍ର): ସମାଜରୁ କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା ସହ ଡାହାଣୀ ସନ୍ଦେହରେ ହେଉଥିବା ଅମାନୁଷିକ ନିର୍ଯାତନାକୁ ରୋକିବା ପାଇଁ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଜିଲ୍ଲା ସ୍ତରୀୟ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କର୍ମଶାଳାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଓ ଆଇନଗତ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଡାହାଣୀ ସନ୍ଦେହ କରି ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଏକ ଗୁରୁତର ଅପରାଧ। ଅନେକ ସମୟରେ କେବଳ ସନ୍ଦେହ ଆଧାରରେ ନିରୀହ ମହିଳାମାନଙ୍କୁ ସମାଜରୁ ବାସନ୍ଦ କରାଯାଇଥାଏ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସଚେତନତା ଓ ଶିକ୍ଷା ହିଁ ସମାଧାନ। ଶ୍ରୀମତୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହି କୁପ୍ରଥାକୁ କେବଳ ପୋଲିସ ବା ଆଇନ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ ନାହିଁ। ଏଥିପାଇଁ ସମ୍ବେଦନଶୀଳତା ଗ୍ରାମାଚଂଳରେ ଲୋକଙ୍କୁ ଏହି ଅନ୍ଧବିଶ୍ୱାସ ବିଷୟରେ ସଚେତନ କରାଇବା ଆବଶ୍ୟକ। ଶିକ୍ଷାର ପ୍ରସାର ଦ୍ୱାରା ହିଁ ଲୋକଙ୍କ ମନରୁ ଅନ୍ଧବିଶ୍ୱାସ ଦୂର ହୋଇପାରିବ। ସେହିପରି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ସ୍ୱାଇଁ କହିଥିଲେ ଏହି ସମସ୍ୟା କେବଳ ଗାଁରେ ସୀମିତ ନାହିଁ, ବରଂ ସହରାଚଂଳରେ ମଧ୍ୟ ଦେଖିବାକୁ ମିଳୁଛି। ଲୋକଙ୍କ ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ସେମାନଙ୍କୁ ଗୁଣିଗାରେଡି ଉପରେ ବିଶ୍ୱାସ କରିବାକୁ ବାଧ୍ୟ କରାଯାଏ। ଯେତେବେଳେ ଜଣେ ବ୍ୟକ୍ତି ମନରେ ଡର ବସା ବାନ୍ଧିଯାଏ, ସେତେବେଳେ ତା'ର ଅନ୍ଧବିଶ୍ୱାସ ପ୍ରତି ଭରସା ଆହୁରି ବଢିଯାଏ। ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ରୋଜଗାରର ଘୋର ଅଭାବ ଯୋଗୁଁ ନିରୀହ ଲୋକମାନେ ସହଜରେ ଏହି ଭ୍ରାନ୍ତ ଧାରଣାର ଶିକାର ହେଉଛନ୍ତି। ଯଦି ଆମେ ମନରୁ ଅନ୍ଧବିଶ୍ୱାସର ଡର ଦୂର କରିପାରିବା, ତେବେ ଯାଇ ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ। ଏହି କର୍ମଶାଳାରେ ଆଇନଜୀବୀ ସୁନୀଲ କୁମାର ମହାନ୍ତ ଯୋଗଦେଇ ଓଡ଼ିଶା ଡାହାଣୀ ନିର୍ଯାତନା ନିରୋଧ ଆଇନ-୨୦୧୩ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇ କହିଥିଲେ ଆଜିର ଆଧୁନିକ ଯୁଗରେ ମଧ୍ୟ ଡାହାଣୀ ସନ୍ଦେହ ଭଳି ଅନ୍ଧବିଶ୍ୱାସ ସମାଜରେ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଶେଷ କରି ଆଦିବାସୀ ବହୁଳ ଅଂଚଳରେ ଲୋକଙ୍କୁ ସଚେତନ କରିବା ଏବଂ ଶିକ୍ଷାର ପ୍ରସାର କରିବା ଦ୍ୱାରା ହିଁ ଏହି କୁପ୍ରଥାକୁ ମୂଳୋତ୍ପାଟନ କରାଯାଇପାରିବ । ଡାହାଣୀ ସନ୍ଦେହରେ କାହାକୁ ନିର୍ଯାତନା ଦେଲେ ଓଡ଼ିଶା ଡାହାଣୀ ଶିକାର ନିବାରଣ ଆଇନ ଅନୁଯାୟୀ କଠୋର ଦଣ୍ଡବିଧାନ ରହିଛି। ଜରୁରୀକାଳୀନ ସ୍ଥିତିରେ ମହିଳା ସହାୟତା ପାଇଁ ୧୮୧, ଶିଶୁଙ୍କ ପାଇଁ ୧୦୯୮ ଏବଂ ପୋଲିସ ସହାୟତା ପାଇଁ ୧୧୨ ନମ୍ବରକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଗ୍ରାମାଚଂଳରେ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ଏହି ସଚେତନତା ବାର୍ତ୍ତା ଘରେ ଘରେ ପହଂଚାଇବାକୁ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ସିଡିପିଓ, ସୁପରଭାଇଜର ଏବଂ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତାମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାସମାଜ ମଙ୍ଗଳ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଗଠନ ପାଇଁ ରାହାଗିରି କାର୍ଯ୍ୟକ୍ରମ

ନୂଆପଡା, ୨୧/୨ (ନି.ପ୍ର): ନୂଆପଡା ଜିଲ୍ଲା ପ୍ରଶାସନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବଲାଙ୍ଗୀର ଶାଖାର ମିଳିତ ଆନୁକୁଲ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଗଠନ ଅଭିଯାନ ଅନ୍ତର୍ଗତ ରାହାଗିରି ୨୦୨୬ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଆଜି ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକତା ଛକ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ଆଂଚଳିକ ଅଧିକାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବଲାଙ୍ଗୀର, ବବିତା ସିଂ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନିତା ଦାଶ, ସିଡିଏମଓ ଡ଼ା. ଧନେଶ୍ୱର ସେଠୀ, ଉପଜିଲ୍ଲାପାଳ ସୂର୍ମି ସୋରେନ ପ୍ରମୁଖ ଅତିଥି ଭାବରେ ସମାରୋହରେ ଯୋଗ ଦେଇଥିଲେ କ୍ଷ ରାହାଗିରି ନିମନ୍ତେ ଯୋଗ, ରଙ୍ଗୋଲି, ଦୌଡିଟଣା, ପୁଚି, ସ୍ଲୋ ସାଇକେଲ, ମେହେନ୍ଦୀ, ସ୍ଲୋଗାନ ଲେଖା, ଅନ୍ତାକ୍ଷରୀ ଇତ୍ୟାଦି ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଜନ ସାଧାରଣ ବହୁ ସଂଖ୍ୟାରେ ରାହାଗିରି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରିବା ପାଇଁ ନୂଆପଡ଼ା ବାସୀଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସୁପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇ, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ପ୍ରଶାନ୍ତ କୁମାର ମହାନ୍ତି, ପରିମଳ ସଂଯୋଜକ ଅନିଲ କୁମାର ଲେଙ୍କା, ଏସିଏଫ୍ ମହମ୍ମଦ ମୁସ୍ତାଫା ସଲିହା, ଅଜୟ ସେସ, ନୂଆପଡା ଏନଏସିଇ ଓ ସନ୍ଦୀପ କୁମାର ଚନ୍ଦ୍ରକାର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଶାନ୍ତ ମାଝୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ । ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପ୍ରଶାସନିକ ଓ ରାଜସ୍ୱ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ପ୍ରମୁଖ ରାହାଗିରିରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀ ମାନଙ୍କୁ ଜିଲ୍ଲାପାଳ ଏବଂ ଅତିଥି ମାନେ ମାନପତ୍ର ତଥା ଟ୍ରଫି ଦେଇ ସମ୍ମାନିତ କରିଥିଲେ। ସମସ୍ତଙ୍କ ସମନ୍ୱୟ ଓ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ରାହାଗିରି କାର୍ଯ୍ୟକ୍ରମ ପାଇଁ ଆଜି ନୂଆପଡା ସହର ସଂପୂର୍ଣ୍ଣ ଭାବରେ ଉତ୍ସବ ମୁଖର ହୋଇଉଠିଥିଲା ।

# ପୁରୀରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

ପୁରୀ, ୨୧/୨ (ନି.ପ୍ର): ବରିଷ୍ଠ ନାଗରିକ ମାନଙ୍କ ଅନୁଭବ, ଅଭିଜ୍ଞତା ଓ ସଂସ୍କାର ସମାଜର ମାର୍ଗଦର୍ଶିକା। ସେମାନେ ସମାଜ ପାଇଁ ବୋଝ ନୁହନ୍ତି ବରଂ ସମ୍ବଳ ବୋଲି କହିଛନ୍ତି ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ । ଆଜି ପୂର୍ବାହ୍ନରେ ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ବରିଷ୍ଠ ନାଗରିକ ମାନଙ୍କ ଲାଗି ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସେଠୀ ପୁରାଣ, ଇତିହାସ ଓ ସାମାଜିକ ବାର୍ତାର ବିଭିନ୍ନ ଉଦାହରଣ ଦେଇ ବରିଷ୍ଠ ମାନେ କିପରି ରାଜ୍ୟ, ରାଷ୍ଟ୍ର ଓ ସମାଜ ପାଇଁ ଜଣେ ଜଣେ ସମ୍ପତି ଭଳି ତାହାକୁ ଉଲ୍ଲେଖ କରିଥିଲେ। ସମ୍ପ୍ରତି ସାମାଜିକ ସଂସ୍କାରରେ ଅବକ୍ଷୟ ଯୋଗୁଁ ବରିଷ୍ଠ ମାନେ କେଉଁଠି କେଉଁଠି ଅବହେଳାର ଶୀକାର ହେଉଥିବାର ସୂଚନା ମିଳୁଛି। କାର୍ଯ୍ୟାନୁଷ୍ଠାନ ଲାଗି ଏ ସମ୍ପର୍କରେ ଆଇନରେ ମଧ୍ୟ ପ୍ରାବଧାନ ରହିଛି। ତେଣୁ ବ୍ୟାପକ ସଚେତନତା ମାଧ୍ୟମରେ ବରିଷ୍ଠ ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାର ପ୍ରକ୍ରିୟାରେ ସାମିଲ ହେବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପ୍ରତିନିଧି ଡା. ଉତ୍ପଳ କୁମାର ନନ୍ଦୀ, ଜିଲ୍ଲା ବରିଷ୍ଠ ନାଗରିକ କମିଟିର ସଦସ୍ୟ ହରିଶଙ୍କର ମିଶ୍ର, ସଦସ୍ୟା ଶ୍ରୀମତୀ ସବିତା ମିଶ୍ର, ଜିଲ୍ଲା ଇ- ଗଭର୍ଣ୍ଣାନ୍ସ ପରିଚାଳକ ପୀୟୂଷ ଚକ୍ରବର୍ତୀ, ଆରକ୍ଷୀ ନିରୀକ୍ଷକ ପବିତ୍ର କୁମାର ମହାରଣା ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଓ ନିରାପତା, ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ, ସାଇବର ଠକେଇରୁ ବର୍ତିବା ପାଇଁ ବିବିଧ ସତର୍କତା ଅବଲମ୍ବନ, ସୁସ୍ଥ ରହିବା ପାଇଁ ବିବିଧ ଉପାୟ ଓ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ନମିତା ଚାନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ଥାନୀୟ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଠାରୁ ସାମଗ୍ରୀ କ୍ରୟ ବଢ଼ାଇବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୧/୨ (ନି.ପ୍ର): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ବିକ୍ରେତା ବିକାଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ବଲପୁରର ଏମସିଏଲ୍, ବାନହରପାଲିର ଓପିଜିସି ଲିମିଟେଡ୍, ବେଦାନ୍ତ ଲିମିଟେଡ୍ ଭଳି ବୃହତ ଶିଳ୍ପସଂସ୍ଥାର କ୍ରୟ ବିଭାଗ ମୁଖ୍ୟ ମାନଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପ୍ରବନ୍ଧକ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ଏବଂ ଜିଲ୍ଲାର ଅନ୍ୟାନ୍ୟ ଏମଏସଏମଇ ଉଦ୍ୟୋଗୀମାନେ ଯୋଗ ଦେଇଥିଲେ। ଆଂଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ ) ଗୁଡ଼ିକ ଠାରୁ ଅଧିକ ପରିମାଣର ସାମଗ୍ରୀ କ୍ରୟ କରିବାକୁ ଜିଲ୍ଲାପାଳ ବୃହତ ଶିଳ୍ପ ସଂସ୍ଥାଗୁଡ଼ିକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଆଲୋଚନା ସମୟରେ ବିଭିନ୍ନ ବୃହତ ଶିଳ୍ପର କ୍ରୟ ବିଭାଗ ମୁଖ୍ୟମାନେ ସେମାନଙ୍କର ଆବଶ୍ୟକତା ଏବଂ ସେହି ସମସ୍ତ ସାମଗ୍ରୀର ଏକ ତାଲିକା ପ୍ରଦାନ କରିଥିଲେ, ଯାହା ସ୍ଥାନୀୟ ଏମଏସଏମଇଗୁଡ଼ିକ ଯୋଗାଇ ଦେଇପାରିବେ।ସ୍ଥାନୀୟ ଉଦ୍ୟୋଗୀମାନେ ଯେପରି ବୃହତ ଶିଳ୍ପର ଚାହିଦା ଓ ମାନ ଅନୁଯାୟୀ ସାମଗ୍ରୀ ପ୍ରସ୍ତୁତ କରି ସେମାନଙ୍କ ସହ ସଫଳ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିପାରିବେ, ସେଥିପାଇଁ ପ୍ରଶାସନ ପକ୍ଷରୁ ଏକ ସହାୟକ ବାତାବରଣ ସୃଷ୍ଟି କରାଯିବ। ବୃହତ ଶିଳ୍ପ ଓ ସ୍ଥାନୀୟ ଉଦ୍ୟୋଗୀଙ୍କ ମଧ୍ୟରେ ଏହି ସମନ୍ୱୟ ଜିଲ୍ଲାର ଶିଳ୍ପ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହେବ।

# ରାମ୍ପ ଅଧୀନରେ ଏମଏସଏମଇମାନଙ୍କ ପାଇଁ କେନ୍ଦ୍ରିତ ପ୍ରଶିକ୍ଷଣ: ଏଚଏଏଲ ସହ ଭେଣ୍ଡର ଡେଭେଲପମେଂଟ ପ୍ରୋଗ୍ରାମ କୋରାପୁଟରେ ଆୟୋଜିତ

ଜୟପୁର, ୨୧/୨ (ନି.ପ୍ର): ରାଇଜିଂ ଏଣ୍ଡ ଏକ୍ସେଲେରେଟିଂ ଏମଏସଏମଇ ପର୍ଫର୍ମାନ୍ସ (ରାମ୍ପ) ଉଦ୍ୟମ ଅଧୀନରେ ଏବଂ ହିନ୍ଦୁସ୍ଥାନ ଏରୋନାଉଟିକସ ଲିମିଟେଡ଼ ସହ ଭେଣ୍ଡର ଡିଭେଲପମେଂଟ ପ୍ରୋଗ୍ରାମ (ଭିଡିପି ) ଅନୁସାରେ ଏମଏସଏମଇମାନଙ୍କ ପାଇଁ ଏକ କେନ୍ଦ୍ରିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୨୦ ଫେବୃଆରୀ ୨୦୨୬ ତାରିଖରେ କୋରାପୁଟ ସ୍ଥିତ ସଭାବନା ସଭାଗୃହରେ ସଫଳତାର ସହ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମଟି ଡିରେକଟରଟେ ଅଫ ଏକ୍ସପୋର୍ଟ ପ୍ରୋମସନ ଏବଂ ମାର୍କେଟିଙ୍ଗ, ଓଡିଶା (ଡିଇପିଏମ), ଭୁବନେଶ୍ୱର ଦ୍ୱାରା ଜିଲ୍ଲା ଶିଳ୍ପ କେନ୍ଦ୍ର, ଜୟପୁର-କୋରାପୁଟ ସହ ସମନ୍ୱୟରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ସଞ୍ଜୟ କୁମାର ମିଶ୍ର, ନିର୍ଦ୍ଦେଶକ, ଡିଇପିଏମ ଓଡିଶାଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ସେ ରାମ୍ପ ର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଗଠିତ ଭେଣ୍ଡର ଡିଭେଲପମେଣ୍ଟ ପ୍ରୟାସ ମାଧ୍ୟମରେ ଏମଏସଏମଇମାନଙ୍କ ପାଇଁ ବଜାର ସଂଯୋଗ ଓ କ୍ରୟ ସୁଯୋଗକୁ ସୁଦୃଢ କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ।ଚିନ୍ମୟ ପରିଡା, ସାଧାରଣ ପ୍ରବନ୍ଧକ, ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), କୋରାପୁଟ, ସ୍ଥାନୀୟ ଉଦ୍ୟମମାନଙ୍କୁ ଏଚଏଏଲର ଆବଶ୍ୟକତାନୁସାରେ ତାଙ୍କ ଉତ୍ପାଦନ କ୍ଷମତାକୁ ସମନ୍ୱୟ କରି ସକ୍ରିୟ ଭାବରେ ଭେଣ୍ଡର ଭାବେ ନିବନ୍ଧନ କରିବାକୁ ଆହ୍ୱାନ କରିଥିଲେ। ଶୁଭେନ୍ଦୁ ଶେଖର ଦାସ, ଉପ ସାଧାରଣ ପ୍ରବନ୍ଧକ (ଇଂଟିଗ୍ରେଟେଡ୍ ମେଟିରିଆଲ୍ ମ୍ୟାନେଜମେଂଟ), ହଲ କୋରାପୁଟ, କ୍ରୟ ସୁଯୋଗ, ବିଭିନ୍ନ କ୍ରୟ ପ୍ରଣାଳୀ, ଭେଣ୍ଡର ନିବନ୍ଧନ ପ୍ରକ୍ରିୟା ଏବଂ ଏମଏସଇମାନଙ୍କ ପାଇଁ ପ୍ରାଥମିକତା ନୀତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ରାମକୃଷ୍ଣ ରଥ, ମୁଖ୍ୟ ପ୍ରବନ୍ଧକ (ଆଉଟସୋର୍ସିଂ), ହଲ କୋରାପୁଟ, ଏମଏସଏମଇ ମାନଙ୍କ ପାଇଁ ଆଉଟସୋର୍ସିଂ ପ୍ରକ୍ରିୟା ଓ ଅନବୋର୍ଡିଂ ବ୍ୟବସ୍ଥା ବିଷୟରେ ବ୍ୟାଖ୍ୟା କରିଥିଲେ। ମନୋଜ ସତ୍ୟବାନ ମହାଜନ, ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ, କୋରାପୁଟ, ଅଂଶଗ୍ରହୀମାନଙ୍କୁ ସମ୍ବୋଧନ କରି ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ଏମଏସଏମଇ ବିକାଶ ଓ ପ୍ରତିଷ୍ଠାନଗତ ସହଯୋଗ ବୃଦ୍ଧି ପାଇଁ ପୂର୍ଣ୍ଣ ସମର୍ଥନର ଆଶ୍ୱାସନ ଦେଇଥିଲେ। ଶ୍ରୀମତୀ ପଙ୍କଜିନୀ ଦେହୁରୀ, ଖାଦ୍ୟ ସୁରକ୍ଷା ଅଧିକାରୀ, ଏଫଏସଏସଏଆଇ, ଖାଦ୍ୟ ସୁରକ୍ଷା ମାନଦଣ୍ଡ ଓ ଲାଇସେନ୍ସ ସମ୍ବନ୍ଧୀୟ ନିୟମାବଳୀ ବିଷୟରେ ମାର୍ଗଦର୍ଶନ କରିଥିଲେ। ସନ୍ତୋଷ ସାହୁ, ଜିଲ୍ଲା ସମନ୍ୱୟକାରୀ, ଏପିକଲ, କୃଷି ଆଧାରିତ ଉଦ୍ୟମ ପାଇଁ ଉପଲବ୍ଧ ସୁଯୋଗ ଓ ସରକାରୀ ସହାୟତା ଯୋଜନା ବିଷୟରେ ଆଲୋଚନା କରିଥିଲେ। ସୌରଭ ରଞ୍ଜନ ବାଗ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ପର୍ଯ୍ୟଟନ ସଂଲଗ୍ନ ଉଦ୍ୟମ ଓ ସ୍ଥାନୀୟ ପଣ୍ୟର ପ୍ରଚାର-ପ୍ରସାର ସମ୍ଭାବନା ବିଷୟରେ ସଙ୍କ୍ଷିପ୍ତ ଭାବେ ଆଲୋଚନା କରିଥିଲେ। ପ୍ରଶ୍ନୋତର ସତ୍ରରେ ଏମଏସଏମଇ ପ୍ରତିନିଧିମାନେ ଭେଣ୍ଡର ନିବନ୍ଧନ ସମସ୍ୟା, ଅନୁପାଳନ ଆବଶ୍ୟକତା, ଆର୍ଥିକ ସୀମାବଦ୍ଧତା ଓ ହାଣ୍ଡହୋଲ୍ଡିଂ ସହାୟତା ସମ୍ବନ୍ଧୀୟ ପ୍ରଶ୍ନ ଉଠାଇଥିଲେ। ସରକାର ଓ ହଲ ପକ୍ଷରୁ ସକ୍ରିୟ ସହଯୋଗ ପାଇଁ ଅନୁରୋଧ କରାଯାଇଥିଲା ଏବଂ ଉଭୟ ପକ୍ଷ ଯୋଗ୍ୟ ଏମଏସଏମଇମାନଙ୍କୁ କ୍ରୟ ପ୍ରକ୍ରିୟାରେ ସଫଳ ଭାଗୀଦାରି ପାଇଁ ଆବଶ୍ୟକ ମାର୍ଗଦର୍ଶନ ଓ ସମନ୍ୱୟ ସହଯୋଗ ପ୍ରଦାନ କରିବାକୁ ସମ୍ମତି ଜଣାଇଥିଲେ। କାର୍ଯ୍ୟକ୍ରମର ଶେଷରେ ଦେବେନ୍ଦ୍ର ତ୍ରିପାଠୀ, ଲିଡ୍ ଜିଲ୍ଲା ପ୍ରବନ୍ଧକ, କୋରାପୁଟଙ୍କ ଦ୍ୱାରା ଶେଷ ଭାଷଣ ପ୍ରଦାନ କରାଯାଇଥିଲା। ସେ ଆର୍ଥିକ ପ୍ରସ୍ତୁତି ଓ ପ୍ରତିଷ୍ଠାନଗତ ଋଣ ସୁବିଧାର ସଦୁପଯୋଗ ମାଧ୍ୟମରେ ଉଦ୍ୟମ ବିସ୍ତାର ପାଇଁ ଉଦ୍ୟୋଗୀମାନଙ୍କୁ ପ୍ରେରିତ କରିଥିଲେ। ଏହି କର୍ମଶାଳା ରାମ୍ପ ଅଧୀନରେ କୋରାପୁଟ ଜିଲ୍ଲାର ଏମଏସଏମଇମାନଙ୍କୁ ଜାତୀୟ ସପ୍ଲାଇ ଶୃଙ୍ଖଳା ସହ ସଂଯୋଜନ କରିବା ପାଇଁ ସରକାରୀ ବିଭାଗ, ଆର୍ଥିକ ସଂସ୍ଥା ଓ ହାଲ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ କରିଥିଲା।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ

କେନ୍ଦ୍ରାପଡା, ୨୧/୨ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ -୨୦୨୬ ଜିଲ୍ଲା ମିଶନଶକ୍ତି ଭବନ, କେନ୍ଦ୍ରାପଡା ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରଥମେ ମୁଖ୍ୟ ଅତିଥି ତଥା ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟର ଶୁଭ ଉଦ୍ଘାଟନ କରାଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କେନ୍ଦ୍ରାପଡ଼ାସମ୍ପାଦକ, ସନ୍ତୋଷ କୁମାର ମହାପାତ୍ର, ଜିଲ୍ଲା ଉପ ଆରକ୍ଷୀ ଅଧିକ୍ଷକ, କେନ୍ଦ୍ରାପଡା ଶ୍ରୀମତୀ ସସ୍ମିତା ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ଜନସ୍ୱାସ୍ଥ୍ୟ), ଡ଼ା. ଗୌରାଙ୍ଗ ଚରଣ ଗିରି, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ, କେନ୍ଦ୍ରାପଡ଼ା ଅମରେଶ ସାମଲ, ଜିଲ୍ଲା ମିଶନ ଶକ୍ତି ସଂଯୋଜିକା ସୁଶ୍ରୀ ଆରତୀ ସାହୁ, ଜ୍ଞାନରଞ୍ଜନ ସେଠୀ, ଆର୍ଥିକ ସାକ୍ଷରତା ପରାମର୍ଶ ଦାତା (ଭାରତୀୟ ଷ୍ଟେଟ ବ୍ୟାଙ୍କ) ହରିନାଥ ପଣ୍ଡା ପ୍ରମୁଖ ଯୋଗଦେଇ କହିଥିଲେ ଯେ, ବରିଷ୍ଠ ନାଗରିକ ମାନେ ସମାଜର ମାର୍ଗଦର୍ଶକ ଅଟନ୍ତି । ଏମାନଙ୍କର ଧନ, ଜୀବନ, ସ୍ୱାସ୍ଥ୍ୟ, ସୁରକ୍ଷା ପାଇଁ ସରକାର ବହୁବିଧ ଯୋଜନା ପ୍ରଣୟନ କରିଛନ୍ତି । ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି । ସେମାନେ କିପରି ସାଇବର ଠକେଇ ଓ ଅନ୍ୟାନ୍ୟ ଡିଜିଟାଲ ଠକେଇର ଶିକାର ନହେବେ ସେଥିପାଇଁ ବିଭିନ୍ନ ଉଦାହରଣ ଦେଇ ସଚେତନ କରାଯାଇଥିଲା । ନିର୍ଯାତନାର ଶିକାର ହେଉଥିବା ବରିଷ୍ଠ ନାଗରିକମାନେ କିପରି ମାଗଣାରେ ଆଇନର ଦ୍ୱାରସ୍ଥ ହୋଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ସରକାରୀ ସୁବିଧା ସହିତ ସମସ୍ତଙ୍କ ସହଯୋଗ ମିଳିଲେ ସେମାନେ ସମ୍ମାନର ସହିତ ବଂଚିପାରିବେ । ନିମାଇଁ ଚରଣ ମାନସିକ ଅନଗ୍ରସର ବିଦ୍ୟାଳୟର ଅଧ୍ୟକ୍ଷ, ସ୍ୱପ୍ନାଂଶୁ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଓ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ସୁବିଧାସୁଯୋଗ ବିଷୟରେ ଅବଗତ କରେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା କ୍ରିଡ଼ା ଅଧିକାରୀ, ଲୋକନାଥ ପାଣିଗ୍ରାହୀ ଓ ଯୋଗଗୁରୁ ସଞ୍ଜୟ ମଥାନଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା । ତତ୍‌ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପରିଚାଳନାରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ମିଶନ ଶକ୍ତି, ବ୍ଲକ ଓ ପୌରସଂସ୍ଥାର କର୍ମଚାରୀ ମାନେ ସହଯୋଗ କରିଥିଲେ ।

# ସୂଚନା ଅଧିକାର ଆଇନ ଅବମାନନା ଅଭିଯୋଗରେ ଧାମନଗର ବାହୁବଳି ବିଡିଓଙ୍କୁ ୧୬ ହଜାର ଅର୍ଥଦଣ୍ଡ ନିର୍ଦ୍ଦେଶ

ଭଦ୍ରକ, ୨୧/୨ (ନି.ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକରେ ୩ ବର୍ଷରୁ ଅଧିକ ସମୟ ଧରି ଇନ୍ଦ୍ର, ଚନ୍ଦ୍ର ମାନୁନଥିବା ବାହୁବଳି ବିଡ଼ିଓ ବନବିହାରୀ ଦିନ୍ଦା ସୂଚନା ଅଧିକାର ଆଇନର ନିୟମ ଅନୁସରଣରେ ଅବହେଳା ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ ନକରିବା ଅଭିଯୋଗରେ ଓଡିଶା ସୂଚନା ଆୟୋଗ ପକ୍ଷରୁ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ୪ବିଭାଗର ଅଧିକାରୀଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଆୟୋଗଙ୍କ ଏହି କଡ଼ା ପଦକ୍ଷେପ ପ୍ରଶାସନିକ ମଂଚରେ ଚର୍ଚ୍ଚାକୁ ଜୋର ଦେଇଛି। ସୂଚନା ଅନୁଯାୟୀ ୨୦୨୩ ଅପ୍ରେଲ ୧୦ ତାରିଖରେ ସୂଚନା ଅଧିକାର କର୍ମୀ ଭଦ୍ରକର ବିକାଶ ଧଳ ଧାମନଗର ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ଆବେଦନ କରି 'ମୋ ପୋଖରୀ' 'ପ୍ରଧାନମନ୍ତ୍ରୀ/ଇନ୍ଦିରା ଆବାସ' 'ମଧୁବାବୁ ପେନସନ(ଭତା)' ଓ 'ସ୍ୱଚ୍ଛ ଭାରତ ମିଶନ(ପାଇଖାନା)' ଯୋଜନାରେ ଗତ ୧୦ ବର୍ଷ ମଧ୍ୟରେ ଉପକୃତ ହୋଇଥିବା ହିତାଧିକାରୀଙ୍କ ସଂପୂର୍ଣ୍ଣ ବିବରଣୀ ଚାହିଁଥିଲେ। କିନ୍ତୁ ନିର୍ଦ୍ଦିଷ୍ଟ ସମୟରେ ତଥ୍ୟ ନ ମିଳିବାରୁ ସେ ୨୦୨୩ ମେ ୨୨ ତାରିଖରେ ପ୍ରଥମ ଅପିଲ ଓ ପରେ ୨୦୨୩ ଜୁଲାଇ ୧୪ ତାରିଖରେ ଦ୍ୱିତୀୟ ଅପିଲ ଆୟୋଗଙ୍କ ଠାରେ ଦାଖଲ କରିଥିଲେ। ଦ୍ୱିତୀୟ ଅପିଲ ସଂଖ୍ୟା (୨୬୯୬/୨୩) ରେ ଆୟୋଗ ମାମଲାକୁ ଗ୍ରହଣ କରି ୨୦୨୫ ନଭେମ୍ବର ୨୭ ତାରିଖରେ ବିଚାର କରିଥିଲେ। ବିଚାର ସମୟରେ ଆବେଦକ ଉପସ୍ଥିତ ଥିବା ବେଳେ ବ୍ଲକ ପକ୍ଷରୁ ଜନ ସୂଚନା ଅଧିକାରୀ, ବିଏସଏସଓ ଯଶୋଦା ସାହୁ ଓ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଶର୍ମିଷ୍ଠା ମଲ୍ଲିକ ଉପସ୍ଥିତ ହୋଇଥିଲେ। ସମ୍ପୃକ୍ତ ବିଭାଗମାନଙ୍କୁ ପୁନଃପୁନଃ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ ତଥ୍ୟ ଦାଖଲ ହୋଇନଥିବା ଆୟୋଗଙ୍କ ସୂଚନାଯୋଗ୍ୟ ହୋଇଥିଲା। ଏହା ପରେ ଆୟୋଗ କାରଣ ଦର୍ଶାଅ ନୋଟିସ ଜାରୀ କରିଥିଲେ। ଗତ ଜାନୁଆରୀ ୭ ତାରିଖରେ ଉତର ବିଚାର କରି ଏପିଓ ପୀୟୂଷ ରାଉତ (ଏନଆରଇଜିଏ), ବିପିସି (ରୁରାଲ ହାଉସିଂ) ପ୍ରସାନ୍ତ ବାରିକ୍, ଭାରପ୍ରାପ୍ତ ବିଏସଏସଓ ଅରୁଣ ବାସନ୍ତୀଆ ଓ ବିଆରସି (ସ୍ୱଚ୍ଛ ଭାରତ ମିଶନ) ଲକ୍ଷ୍ମୀଧର ରାଉଳଙ୍କୁ ସୂଚନା ଅଧିକାର ଆଇନ ଅବମାନନାରେ ପ୍ରତ୍ୟେକଙ୍କୁ ୪ ହଜାର ଟଙ୍କା ଅର୍ଥଦଣ୍ଡ ଜରିମାନା କରାଯାଇ ମୋଟ ୧୬ ହଜାର ଟଙ୍କା ଦେବାଲାଗି ୧୭ ତାରିଖ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ପହଂଚିଛି। ଚିଠି ପାଇବାର ୩୦ ଦିନ ମଧ୍ୟରେ ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦିଷ୍ଟ ସମୟରେ ଅର୍ଥ ପୈଠ ନ କରାଗଲେ, ଆସନ୍ତା ମାର୍ଚ୍ଚ ୨୦୨୬ରୁ ସମ୍ପୃକ୍ତ ଅଧିକାରୀଙ୍କ ବେତନରୁ ୨ଟି କିସ୍ତିରେ ଅର୍ଥ ଆଦାୟ କରି ଏହାର ରିପୋର୍ଟ ଆୟୋଗଙ୍କ ରେଜିଷ୍ଟ୍ରାରଙ୍କୁ ଦାଖଲ କରିବାକୁ ବ୍ଲକ ଉନ୍ନୟନ ଅଧିକାରୀ ବନ ବିହାରୀ ଦିନ୍ଦାଙ୍କୁ ଆୟୋଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ।ସୂଚନା ଅଧିକାର ଆଇନର ପାଳନ ନିମନ୍ତେ ଆୟୋଗଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରିଥିବା ଦେଖାଯାଉଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ଫେବୃଆରୀ ୨୦୨୬
email :
rabibarachayan2015@gmail.com





# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

## ୨୭ ବୁଦ୍ଧଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ

ବୁଦ୍ଧଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ପାଞ୍ଚଟି ଭାଗରେ ବିଭକ୍ତ ଥିଲା। ଯେପରିକି (୧) ପୂର୍ବାହ୍ଣ ଅଧିବେଶନ, (୨) ଅପରାହ୍ଣ ଅଧିବେଶନ, (୩) ପ୍ରଥମ ପ୍ରହର, (୪) ମଧ୍ୟପ୍ରହର ଏବଂ (୫) ଶେଷପ୍ରହର।

ପୂର୍ବାହ୍ଣ ଅଧିବେଶନ : (ଭୋର ୪.୦୦ରୁ ମଧ୍ୟାହ୍ନ ୧୨.୦୦)

ବୁଦ୍ଧ ଭୋର୍ ୪.୦୦ ପରେ ଉଠି ସ୍ନାନ କରିସାରିବା ମାତ୍ରେ ବସି ଏକ ଘଣ୍ଟା ଧ୍ୟାନ କରନ୍ତି। ତତ୍ପରେ ସକାଳ ୫.୦୦ଟାରୁ ୬.୦୦ଟା ପର୍ଯ୍ୟନ୍ତ ମଧ୍ୟ ଧ୍ୟାନ କରନ୍ତି। ସେ ତାଙ୍କର ମନଶ୍ଚକ୍ଷୁରେ ସମଗ୍ର ବିଶ୍ୱଆଡ଼େ ଦୃଷ୍ଟିନିକ୍ଷେପ କରନ୍ତି ଯେ କେଉଁଠାରେ ଏପରି କେହି ଅଛନ୍ତି ଯାହାକୁ ସେ ସାହାଯ୍ୟ କରିପାରିବେ। ସକାଳ ୬.୦୦ଟାରେ ପୋଷାକ ପିନ୍ଧି ସେ ରହୁଥିବା ନିକଟସ୍ଥ ଗ୍ରାମ କିମ୍ବା ସହରକୁ ଖାଦ୍ୟ ସଂଗ୍ରହ କରିବାକୁ ବାହାରି ଯାଆନ୍ତି, କିମ୍ବା ତାଙ୍କଠାରୁ ଜରୁରୀ ଆବଶ୍ୟକତା ଲୋଡ଼ୁଥିବା ବ୍ୟକ୍ତିଙ୍କୁ ସେ ଯଥାଶୀଘ୍ର ଏକା କିମ୍ବା କେତେଜଣ ସନ୍ନ୍ୟାସୀଙ୍କ ସହିତ ସେଠାରେ ପହଞ୍ଚିଯାଆନ୍ତି।

ତା'ପରେ ସେ ତଳକୁ ଚାହିଁ ଘରଘର ବୁଲନ୍ତି, ପାତ୍ରରେ ଦିଆଯାଉଥିବା ଯେକୌଣସି ଖାଦ୍ୟକୁ ନୀରବରେ ଗ୍ରହଣ କରନ୍ତି। ଯେତେବେଳେ ସେ ନିଜର ଶିଷ୍ୟମାନଙ୍କ ସହିତ ଭିକ୍ଷା ମାଗିବାକୁ ଯା'ନ୍ତି, ତେବେ ସେମାନଙ୍କ ପଛରେ ଥାଇ ସେ ଗୋଟିଏ ଧାଡ଼ିରେ ଚାଲନ୍ତି। ଯଦି କେହି ତାଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ତାଙ୍କ ଘରକୁ ନିମନ୍ତ୍ରଣ କରନ୍ତି, ତେବେ ସେ ସେଠାକୁ ଯାଆନ୍ତି। ମଧ୍ୟାହ୍ନ ଭୋଜନ ପରେ ସେ ଲୋକମାନଙ୍କୁ ଏବଂ ଭିକ୍ଷୁମାନଙ୍କୁ ନିଜ ଆର୍ଯ୍ୟ ସତ୍ୟ ସମ୍ପର୍କରେ ଉପଦେଶ ଦିଅନ୍ତି। ଯଦି କେହି ଦୀକ୍ଷା ଗ୍ରହଣ କରିବାକୁ ଚାହାନ୍ତି, ତେବେ ସେ ସେହି ବ୍ୟକ୍ତିଙ୍କୁ ଦୀକ୍ଷା ଦିଅନ୍ତି।

ଅପରାହ୍ଣ ଅଧିବେଶନ : (ଦ୍ୱିପ୍ରହର ୧୨.୦୦ଟାରୁ ସନ୍ଧ୍ୟା ୬.୦୦ଟା)

ସାଧାରଣତଃ ଏହି ସମୟରେ ଭିକ୍ଷୁମାନେ ବୁଦ୍ଧଙ୍କ ପାଖକୁ ପ୍ରଶ୍ନ ପଚାରିବାକୁ ଆସନ୍ତି। ଯଦି କିଛି ପ୍ରଶ୍ନ ଥାଏ, ତେବେ ସେ ସେମାନଙ୍କୁ ଉତ୍ତର ଦିଅନ୍ତି ଏବଂ ସେମାନଙ୍କୁ ଉପଦେଶ ଏବଂ ଧ୍ୟାନ ପାଇଁ ପରାମର୍ଶ ଦିଅନ୍ତି। ଯେତେବେଳେ ସେମାନେ ଚାଲିଯାଆନ୍ତି, ସେ ନିଜ କୋଠରୀକୁ ଫେରିଯାନ୍ତି ଏବଂ ନିଜର ମନଶ୍ଚକ୍ଷୁରେ ସମଗ୍ର ବିଶ୍ୱକୁ ଦେଖନ୍ତି ଯେ କେହି ତାଙ୍କର ସାହାଯ୍ୟ ପ୍ରାର୍ଥୀ ଅଛନ୍ତି କି। ଯଦି ସେ କାହାକୁ ପାଆନ୍ତି, ତେବେ ସେ ସେଠାକୁ ଯାଆନ୍ତି। ଯଦି କେହି ନଥାନ୍ତି, ତେବେ ସେ ଉପଦେଶ କକ୍ଷରେ ଅପେକ୍ଷା କରିଥିବା ଶହଶହ ଲୋକଙ୍କୁ ଭେଟିବା ପାଇଁ କୋଠରୀରୁ ବାହାରକୁ ଆସନ୍ତୁ। ସେ ସେମାନଙ୍କୁ ଏପରି ଭାବରେ ଉପଦେଶ ଦିଅନ୍ତି ଯେ ସମସ୍ତେ ଅନୁଭବ କରନ୍ତି ବୁଦ୍ଧ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ପୃଥକ ଭାବରେ ଉପଦେଶ ଦେଉଛନ୍ତି। "ଜ୍ଞାନୀମାନଙ୍କୁ ଆନନ୍ଦ ଦେବା, ସାଧାରଣ ଲୋକଙ୍କ ବୁଦ୍ଧିକୁ ପ୍ରୋତ୍ସାହିତ କରିବା ଏବଂ ମନ୍ଦବୁଦ୍ଧି ସମ୍ପନ୍ନ ଲୋକଙ୍କ ଅନ୍ଧକାରକୁ ଦୂର କରିବା।"

ପ୍ରଥମ ପ୍ରହର : (ସନ୍ଧ୍ୟା ୬.୦୦ରୁ ରାତି ୧୦.୦୦)

ଏହି ସମୟରେ ଭିକ୍ଷୁମାନେ ଉପଦେଶ ଶୁଣିବା ପାଇଁ କିମ୍ବା ନିଜର ସନ୍ଦେହମୋଚନ ପାଇଁ ପ୍ରଶ୍ନ ପଚାରିବାକୁ ପୁନର୍ବାର ବୁଦ୍ଧଙ୍କ ନିକଟକୁ ଆସନ୍ତି। ଏପରିକି ଅନ୍ୟ ଲୋକମାନେ ମଧ୍ୟ ରାତିର ଏହି ସମୟରେ ବୁଦ୍ଧଙ୍କୁ ଦର୍ଶନ କରିବାକୁ ଆସନ୍ତି।

ମଧ୍ୟ ପ୍ରହର : (ରାତି ୧୦.୦୦ରୁ ରାତି ୨.୦୦)

ଏହି ସମୟ ଦେବତାମାନେ ବୁଦ୍ଧଙ୍କୁ ଦର୍ଶନ କରିବାକୁ ଏବଂ ତାଙ୍କ ଜୀବନର ସତ୍ୟକୁ ଶିକ୍ଷା କରିବାକୁ ଆସନ୍ତି। ଆମେ ସେମାନଙ୍କୁ ସ୍ୱଚକ୍ଷୁରେ ଦେଖିବା ସମ୍ଭବ ନୁହେଁ।

ଶେଷ ପ୍ରହର : (ରାତି ୨.୦୦ଟଠାରୁ ଭୋର୍ ୪.୦୦ଟା)

ରାତି ୨.୦୦ଟାରୁ ୩.୦୦ଟା ପର୍ଯ୍ୟନ୍ତ ସେ ଇତସ୍ତତଃ ଚାଲନ୍ତି। ରାତି ୩.୦୦ଟାରୁ ଭୋର୍ ୪.୦୦ଟା ପର୍ଯ୍ୟନ୍ତ ସେ ଶୋଇପଡ଼ନ୍ତି। ଉଠିବାମାତ୍ରେ ସେ ଏହିପରି ଭାବରେ ନିଜର ଦିନଚର୍ଯ୍ୟା ଜାରି ରଖିଥାନ୍ତି।

ସୁତରାଂ ଆମେ ଦେଖିପାରୁଛୁ ଯେ ବୁଦ୍ଧ ସାରାଦିନ ବ୍ୟସ୍ତ ରହିଥାନ୍ତି। ପ୍ରକୃତରେ ସେ ବୁଦ୍ଧ ଭାବରେ ତାଙ୍କର ୪୫ ବର୍ଷର ଶିକ୍ଷାଦାନ କାଳରେ ପ୍ରତିଦିନ କେବଳ ଘଣ୍ଟାଟିଏ ଶୋଉଥିଲେ। ଦିନର ପ୍ରଥମ ଘଣ୍ଟାରେ ସେ ସମଗ୍ର ବ୍ରହ୍ମାଣ୍ଡକୁ ଦେଖୁଥିଲେ, ନିଜର ଅସୀମ ପ୍ରେମରେ ଏହାକୁ ଆଶୀର୍ବାଦ କରୁଥିଲେ ଏବଂ ଲକ୍ଷଲକ୍ଷ ଜନତାଙ୍କୁ ସୁଖପ୍ରଦାନ କରୁଥିଲେ। ସେ ୩୫ ବର୍ଷ ବୟସରେ ବୁଦ୍ଧ ହୋଇଥିଲେ, ପରବର୍ତ୍ତୀ ୪୫ ବର୍ଷ ଉପଦେଶ ଦେଇଥିଲେ ଏବଂ ୮୦ ବର୍ଷ ବୟସରେ ଶରୀରତ୍ୟାଗ କରିଥିଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର,
ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ମନଗହନର କଥା...



ସବୁ ଯୁଗରେ କବିତା ରଚନା କଷ୍ଟସାଧ୍ୟ ବ୍ୟାପାର ହୋଇ ଆସିଛି । କାବ୍ୟର ଶୃଙ୍ଖଳା ହିଁ କାବ୍ୟକାର ପାଇଁ ବିରାଟ ପରୀକ୍ଷା । ସେହି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ କବି କବିତାକୁ ରସୋତ୍ତୀର୍ଣ୍ଣ କରିବାକୁ ସକ୍ଷମ ହୁଏ । ବିଶେଷତଃ ଆଧୁନିକ କବିତା ଯେଉଁ ନୂଆ ମୋଡ ନେଇଛି ଏବଂ ପରୀକ୍ଷା ନୀରିକ୍ଷାର ସମ୍ମୁଖୀନ ହୋଇଛି, ଆଜିର କବିକୁ ସେଥିପାଇଁ ବହୁ ପରୀକ୍ଷାର ସାମ୍ନା କରିବାକୁ ହେବ । କାବ୍ୟ ସାଧନାର ଜଟିଳତା ଭିତରେ ବୁଡି ରହି ସୂକ୍ଷ୍ମ କଳାର ସନ୍ଧାନୀ ହେବାକୁ ପଡିବ । ଆଧୁନିକ ଓଡିଆ କବିତାକୁ ଅଧିକ ଐଶ୍ୱର୍ଯ୍ୟ ମଣ୍ଡିତ କରିବାର ଗୁରୁଦାୟିତ୍ୱ ହେଉଛି ଆଧୁନିକ କବିର । ସେଥିପାଇଁ ଆଧୁନିକତାର ଛାଞ୍ଚରେ କବିକୁ ସମସ୍ତ ଭାବ, ଆବେଗ, ସାଙ୍ଗୀତିକତା ଓ ଛନ୍ଦର ସୌନ୍ଦର୍ଯ୍ୟ ଅଜାଡି ଦେବାକୁ ହେବ । ସବୁ ସତ୍ତ୍ୱେ ଯେପରି ଆବେଦନ ଗମ୍ଭୀର ଓ ମାନବିକ ମୂଲ୍ୟବୋଧ ଭିତରେ ନିଜସ୍ୱ ସତ୍ତା ହରାଇ ନବସେ । ଏହି ପର୍ଯ୍ୟାୟରୁ ଏବେ ଆଧୁନିକ ଓଡିଆ କବିତାକୁ ଲକ୍ଷ୍ୟ କରାଯାଇପାରେ । ଛନ୍ଦକୁ ଅବହେଳା କରିବା ହେଉଛି ଏହାର ଅନ୍ୟ ଏକ ଦୁର୍ବଳତା । ଏଡି ଦୁର୍ବଳତା ପାଇଁ ଆଜିର କବିତା ତା' ଆବେଦନ ହରାଇ ବସିଛି ବୋଲିବା ବାହୁଲ୍ୟ ନୁହେଁ । ଆଧୁନିକ ଓଡିଆ କବିତାର ବିଭିନ୍ନ ନିରୀକ୍ଷା ଭିତରେ ବି ଅନେକ ଆଧୁନିକ କିବ ସାର୍ଥକ ଛନ୍ଦ ପ୍ରୟୋଗରେ ଆପଣାର କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ଏଠାରେ ସେମାନଙ୍କ ନାମ ଉଚ୍ଚାରଣ ଅନାବଶ୍ୟକ । ସେମାନେ କାବ୍ୟ ଜଗତରେ ସ୍ୱତନ୍ତ୍ର ସ୍ୱାକ୍ଷର ଅଙ୍କନ କରିପାରିଥିବା ଆଶ୍ୱାସନାର କଥା । ଏହା ସ୍ୱୀକୃତ ଯେ, ନିଷ୍ପାପର ସଚେତନ ଆଧୁନିକ କାବ୍ୟ-ସାଧକ ପୁରାତନ ଓ ପାରମ୍ପାରିକ ରୀତିର ଛନ୍ଦକୁ ପରିହାର କରିଛି ସତ, କିନ୍ତୁ ସେ କବିତାକୁ ଛନ୍ଦହୀନ କରିବାକୁ ଚେଷ୍ଟା କରିନାହିଁ । ତା' କବିତାରେ ସେ ନୂତନ ତଥା ସ୍ୱକୀୟ ଛନ୍ଦ ପ୍ରୟୋଗ କରିଛି । ବହୁ କ୍ଷେତ୍ରରେ ଭାବକୁ ଏଇ ନୂତନ ଛନ୍ଦ ମାଧ୍ୟମରେ ପରୀକ୍ଷା କରିବାକୁ ଚେଷ୍ଟିତ ହୋଇଛି; ମାତ୍ର ଆଜି ବହୁ କବି ଛନ୍ଦର ସଂଜ୍ଞା ନ ଜାଣି କବିତା ରଚନାରେ ବ୍ୟସ୍ତ । ଯେକୌଣସି କବିତା ହେଉ, ତାକୁ ଛନ୍ଦ ହିଁ ଶୃଙ୍ଖଳିତ କରିଥାଏ ଏବଂ ସେହି ଶୃଙ୍ଖଳିତ ପରିସରକୁ ଛୁଇଁବା ଲାଗି କାବ୍ୟ ରସିକ ସନ୍ଧାନୀ ହୁଏ ।

**- ଅପୂର୍ବ ରଂଜନ ରାୟ**

## ପାଉଁଜିର ପାଣ୍ଡୁଲିପି-୮

**ବିପିନ ମହାନ୍ତି**



### ଖାଲି ପଡିଥିବ ଘଡା

ତୁମରି ପ୍ରେମକୁ ପାଥେୟ କରି ମୁଁ ପୁଣ୍ୟରଏଇ ପଥେ
ଚାଲିଛି ଚାଲିବି ପ୍ରିୟତମା ତୁମ ପ୍ରେମ ଥିବା ଯାଏ ସାଥେ
କହୁ କିଏ ପଛେ ପାଗଳ ପ୍ରେମିକ ଦେଉ ନୂଆ ପରିଚୟ
ହାରିବିନି କେବେ ମରିବାଯାଏ ମୁଁ ହେଉପଛେ ଅଭିନୟ ।

ତୁମରି ପ୍ରେମର ସାମିଆନା ତଳେ ଶୟନେ ସପନେ ସାଥୀ
ସ୍ମୃତିରେ ସଜାଇ ଶୂନ୍ୟ ଶେଯ ମୁଁ ଖୋଜୁଥିବି ତୁମ ପ୍ରୀତି
ତତଲା ଲୁହରେ ତିନ୍ତିଯାଉ ପଛେ ତକିଆ ତଳର ଚିଠି
ତଥାପି ତନ୍ଦ୍ରା ଭିଜା ମୋ ନୟନେ ତମକୁ ଖୋଜିବି ଉଠି ।

ତୁମରି ପ୍ରେମର ମଧୁ ମୂର୍ଚ୍ଛନା ମୃଣ୍ମୟ ମୁହୂର୍ତ୍ତ ମୋର
ମନ ମତାଣିଆ ଦରଦ ପଣିଆ ମରୁଥିବ ବାରବାର
ତୁମରି ପ୍ରୀତିର ମହୁଲି ମଦର ମାଦକରେ ଥିବି ଭିଜି
ମତୁଆଲା ଏଇ ମନ ମାଗୁଥିବ ମେଲାଣି ଦିଅ ଗୋ ଆଜି ।

ନା' ତୁମେ ଥିବ ନା' ମୁଁ ଥିବି ଏ' ଶୂନ୍ୟ ପିଆଲା ଛଡା
ନଥିବ ନିଶିର ଶୁଖିଲା ସୁଆଗ ଖାଲି ପଡିଥିବ ଘଡା ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## ......କବିତା......



### ॥ ଅଧା ଅଧା ଦିନ ଆଉ ରାତି ॥

**ଡା. ନୀଳମାଧବ କର**

ତମ ସାଙ୍ଗରେ ନାହିଁ ବୋଲି
ମୋ ଚିନ୍ତାର ସୀମା ନାହିଁ
ସେଠି ଏକା ଏକା ମୋ'ଠୁ ଦୂରରେ,
କେମିତି ଯେ ଅଛ !
ପାଖେ ପାଖେ ନ ରହିଲେ, ତମେ ପରା
ରାସ୍ତା ଭୁଲିଯାଅ
ତମକୁ କହିଥିବା କଥାସବୁ
ମନେ କ'ଣ ଅଛିଟି ତୁମର !

କିଛି ତ' ଜାଣନି ତମେ, ସଂସାରର କଥା
କିଛି ଆସେନି ତମକୁ
ବାରିପାରନି ଭଲ, ଭେଳ
ହସର ପ୍ରକାର ଭେଦ
ମିଛ ମିଛ ଲୁହର ଲକ୍ଷଣ ।

ଆନମନା ତମେ, ନ ଜଗିଲେ
ହଜିଯାଅ କ୍ଷଣକରେ ନିଜସଙ୍ଗେ
ମନରେ ନ ଥାଏ କେବେ
ଆସିଲଣି କେତେ ଦୂର
ଯିବ କେଉଁଠିକି, ବାରମ୍ବାର କହିବାକୁ ହୁଏ,
ମନେ ପକେଇଦେବାକୁ ହୁଏ,
ପଦେ କଥା ।

କହିବି କି କହିବିନି ବୋଲି ଅନେକ ଭାବିଛି,
ତେବେ ଲୁଚେଇବି ମନକଥା
ତମ ଆଗେ କାହିଁକି ଯେ
କହି ପକଉଛି,
ଗୋଟିଏ ପଟରେ, ସୀମାହୀନ ତମେ,
ତମ ବ୍ୟାପ୍ତି, ଅତୁଳ ତମ ପାରିବାପଣିଆ,
ଆର ପଟେ, ଶାବକଟେ ଭିତରେ ତମର
ଯତ୍ନରେ, ଆକଟରେ,
ବାଡ଼ଦେଇ ଡାହାଣୀ ଦୃଷ୍ଟିକୁ
ବଡେଇବାକୁ ହୁଏ, ତମକୁ ଛୁଆଟେ ପରି,
ସତରେ
ସଜେଇ, ସମ୍ଭାରି,
ଯୁଦ୍ଧକୁ ପଠେଇବାକୁ ହୁଏ, ତମକୁ ପ୍ରତିଦିନ
ସାଙ୍ଗରେ ନଥିଲେ ମୁଁ
ଅପୂର୍ଣ୍ଣ ଚିନ୍ତାଟେ ଥାଏ, ଦୁଆର ବନ୍ଧରେ ।

ମୋ ବିନା ତମେ ସେଠି, କେମିତି ଯେ ଅଛ
ଅଧା ଅଧା ଦିନ ଆଉ ରାତିସବୁ,
କେମିତି କାଟୁଛ !

♥ ଓଲଭରହାମ୍ପଟନ, ଯୁକେ

### ॥ ବସନ୍ତ ॥

**ସୁରେନ୍ଦ୍ର ପାଣିଗ୍ରାହୀ**



ବସନ୍ତ ଆସିଚି
ଆମ ଗାଁ ଚେମାବୋଉ ବୁଝେନା
ଏ ବସନ୍ତର ମାନେ କିଛି
ବସନ୍ତ ତା ପାଇଁ ଗୋଟେ ପଳାତକ
ପ୍ରବଞ୍ଚକ ମଣିଷ ଖାଦକ
ନଈକୂଳେ ପାଳଭୂତ ହେଇ ଦିନେ
ଲୁଟିନେଲା ତା' ଛାତିର ଛ'ମାଣ
ଆଉ ଦାଉ ଦାଉ ଦେହର ଡହକ ।

ବସନ୍ତ ଆସିଚି
ଉଜୁଡା କ୍ଷେତର ଖଳା
ଜୀବନର ଖାଲଖମା ଭରିବାକୁ
ସ୍ତ୍ରୀର ଗହଣା ବିକି
ଭିଟାମାଟି ଛାଡିବାକୁ ବସିଚି ମାଟିର ପୁଅ
ଖାଦାନରୁ ଦାଦନ ପାଇଁ କାଲି
କମ୍ପାନୀବାଲାର ଚିଟାଉ ଆସିଚି ।

ବସନ୍ତ ଆସିଚି
ତ୍ରିରଙ୍ଗା ଚାଦର ତଳେ କଫିନ୍ କୋଳରେ
ଫେରିଚି ଯବାନ ପୁଅ ଗାଁର ଗଳିକୁ
ବାପ ଭଳି ସୈନିକଟେ ସାଜି
ଦେଶର ବଇରୀ ମାରି ମାଆର ଆଖିରୁ
ଝରୁଥିବା ଲହୁ ଆଉ ଲୁହ ପୋଛିବାକୁ
ସୁନାଝିଅ ମଶାଣିରେ
ଠିଆହୋଇ ଶପଥ କରୁଚି...

ବସନ୍ତ ଆସିଚି
ଶୁଭୁଅଛି ଚାରିଆଡେ ଯୁଦ୍ଧର ଟମକ
ଚଢେଇର ଗୀତ ଆଉ ଫୁଲର ବାସନା କାହିଁ
ସନ୍ତ୍ରାସ ଓ ଧର୍ମଯୁଦ୍ଧର ଧମକରେ
ବମ୍, ବନ୍ଧୁକ ଓ ବାରୁଦରେ
ମୃତ୍ୟୁର ଛଞ୍ଚାଣ ଘୂରୁଚି...

ବସନ୍ତ ଆସିଚି
ନିଆଁଫୁଲ ପଳାଶର ଲେଲିହାନ ଶିଖାନେଇ
ଜଳୁଚି ବାସନ୍ତୀରାତି
ଉର୍ବଶୀର ଉଷୁମ ଦେହରେ
ଆମ୍ବ ବଉଳ ବାସ୍ନାରେ
ଘରସାରା ଭୋକର ଭୂଗୋଳ
ରାଜଧାନୀର ରାଜରାସ୍ତାରେ ଗଡୁଚି
କାହାର ଶବ, ବିପିଏଲ ବସ୍ତାନୀ ବାଂଧୁଚି
ବସନ୍ତ ଆସିଚି ।

♥ ସା/ପୋ : ବରି
ଭା- ସିମୁଳିଆ, ଜି- ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

### ॥ ଚିରନ୍ତନ ॥

**ସତ୍ୟରଂଜନ ପ୍ରହରାଜ**



ଏମିତି ନୁହେଁ କି
ମୁଁ ଜାଣିନଥିଲି ପ୍ରେମ ଖୁବ୍ ପ୍ରାକୃତିକ
ମୋର ଅମାନିଆ ଆଖିର ନଜର
ତା'ର ଭ୍ରୂ'ର ଅସ୍ଥିରତା
ଅଦିନିଆ ମଳୟ
ଏଫ୍ ଏମ୍ ରେ ଅରିଜିତ୍ ସିଂ
ସବୁ ଷଡଯନ୍ତ୍ର
ପ୍ରକୃତିର
ପ୍ରେମର...

ଏମିତି ବି ନୁହେଁ କି
ଦର୍ପଣରେ ଦିଶୁଥିବା ପାଟିଲାବାଳର ଦୃଶ୍ୟ
ଖୁବ୍ ଅଚାନକ
ଅଥଚ ତା' ନୂଆନୂଆ ଶାଢିର ସମାନ ଭାଂଗ
ନିତି ରଂଗ ବଦଳାଉଥିବା ମାୟାବୀ ଓଠ
ମୋର ଛେଳି ପରି କେରେ ଦାଢି
ଗୋଟେ ଦୁଷ୍ଟ ନଜର
ଥାଏ ସେମିତି
ଯେମିତି ତା'ର ଅତର
ମୋ ଅଧାହସର ରହସ୍ୟ...

ତଥାପି ପ୍ରେମ କଣ କେହି ପଚାରିନୁ ପରସ୍ପରକୁ
ଗୋଟେ ବୀମା ବଂଚିବାର
ନା ବିଜୁଳି ଆଇସିୟୁ ବେଡର
ଚାପୁଡା ନିଶାଭଂଗର
ନା ସଂଗତ ଖାଲି ଚୌକିର
ଏକ ଯଥେଷ୍ଟତା ନିଜ ନିଜପାଇଁ
ନା ଋଣ ପ୍ରାରବ୍ଧର
ବାହାନା ସବୁ ବେମତଲବ ବଦମାସୀର
ନା ସୁକଳ୍ପିତ ଷଡଯନ୍ତ୍ର ବଂଧା ପଡିବାକୁ
ଦୁହେଁ ଦୁହିଁକ ଆଖିରେ
ଚିରନ୍ତନ !

♥ ଲେନ ନଂ ୬, ଏରୋଡ୍ରୋମ୍ ଏରିଆ
ଭୁବନେଶ୍ୱର-୭୫୧୦୨୦
(ମୋ) ୯୬୫୮୪୧୩୫୩୪

### ॥ ତଥାପି ଥାଅ ॥

**ସୁମିତା ବେହେରା**



କିଛି ନ କୁହ
ତଥାପି ଥାଅ
ଅନ୍ତରରୁ ଅନ୍ତରୀକ୍ଷର ପରସ୍ତ ପରସ୍ତ
ଆବରଣ ଭିତରେ,
ବିଶ୍ୱାସର ଶଙ୍ଖନାଦରେ
ଶିଳାରୁ ଶିଳାଦିତ୍ୟ ହୋଇ
ଆଖେପାଖେ ଥାଅ
ସ୍ୱପ୍ନରେ ହେଉ ଅବା ମଧୁର ଭ୍ରମରେ ।

ମୁଁ ଛାତିରେ ଫୁଟାଇ ପାରିବି
ଏକ ନୀଳ ପଦ୍ମବନ
ମୁଁ ଢାଳି ପାରିବି କୃତାଞ୍ଜଳି ପୁଟରେ
ଲଳିତ ପ୍ରେମର ମୁଠାଏ
ବାଙ୍ମୟ ନିବେଦନ
ତମେ ଶୁଣ କି ନ ଶୁଣ
ସେଥିରେ ମୋର
ଯାଏ ଆସେ କେତେ ଯେ ??

କହିପାରିବିନି
ତୁମେ କେବେ ପାଲଟିଥିଲ ନଈ
କେବେ ବୁଝି ପାରିଥିଲ
ସେ ଆର୍ଦ୍ର ଆତ୍ମୀୟତା
କେବେ ନିଜକୁ ଅବରୁଦ୍ଧ କରି
ମୋ ପାଇଁ ଲେଖିଥିଲ କବିତା,

ତଥାପି ଥାଅ
ନିରବଧି, ମୋ ଭିତରେ ବାହାରେ
ତୁମ କଥା କହିବାକୁ ଉଦଗ୍ରୀବ
ମୋ ନିଃସଙ୍ଗ କଣ୍ଠରେ ।

♥ କାଳିକାପୁର, ବାରିପଦା

### ॥ ଷଡ଼ଶତ୍ରୁ ॥

**ପ୍ରଶାନ୍ତ କୁମାର ଦାଶ**



॥ କାମ ॥

ଜାତ କରଇ ଦୁଃଖ ଶୋକ
ଆତ୍ମା ଯେ ଭୋଗଇ ନରକ,
ଜୀବନ କରେ ନାରଖାର
ନ ଦିଶି ଦିଶେ କଦାକାର,
ତା'ଠାରୁ ଲଭିଲେ ମୁକତି
ଆତ୍ମାର ହୁଏ ସଦଗତି,
ମାନବ କରେ ପୁଣ୍ୟକର୍ମ
ଈଶ୍ୱର ପାଦେ ମନଧ୍ୟାନ ॥

॥ କ୍ରୋଧ ॥

ଅନଳ ପରାୟେ ଆକାର
ଦହନ କରଇ ସଂସାର,
ଯିଏ ତା' ସମୁଦ୍ରରେ ବୁଡ଼େ
ନିଶ୍ଚୟ ପଥ ସେହୁ ହୁଡ଼େ,
ଅଟଇ ରାକ୍ଷସର ରୂପ
ଅନ୍ତିମେ ଖାଲି ଅନୁତାପ,
ତାହାକୁ କରିଲେ ଆୟତ୍ତ
ଜିଣି ସେ ପାରଇ ଜଗତ ॥

॥ ଲୋଭ ॥

ଅତୃପ୍ତ ପ୍ରେତ ପ୍ରାୟ ସେହି
ଜୀବର ଆତ୍ମା ମଧ୍ୟେ ଥାଇ,
କାଳ ଯେ ଭୂତ ଭବିଷ୍ୟତ,
ତା' ବଶେ ସର୍ବେ ବଶୀଭୂତ,
ଆଦ୍ୟରେ ଚକ୍ଷୁଭାଗେ ବସେ
ଅନ୍ତେ ଆତ୍ମାକୁ ପରବେଶେ,
ଯେ ଜନ କରେ ତାକୁ ମିତ୍ର,
ଚିତ୍ତ ହୁଅଇ ଅପବିତ୍ର ॥

॥ ମୋହ ॥

ଅଟଇ ଜାଗତିକ ମାୟା
ଅତି ପ୍ରକାଣ୍ଡ ତା'ର କାୟା,
ଦିଶଇ ମହାସୁଖ ପ୍ରାୟ
ଅନ୍ତେ ଜୀବକୁ କରେ ଜୟ,
ତାହାର ଭ୍ରମରେ ଭ୍ରମିତ
ହୋଇଲେ କଷଣ ପ୍ରାପତ,
ଯେତେ ତଳକୁ ଭେଦେ ଚେର,
ନିକଟତର ମହାକାଳ ॥

॥ ମଦ ॥

ଜ୍ଞାନକୁ କରଇ ମଳିନ
କାରଣ ଯାଏ ଅକାରଣ,
ଦିବସ ମାସ ଓ ବରଷ
ଦିବ୍ୟ ଶ୍ୱାସକୁ କରେ ବିଷ,
ଯେ ଜନ ହୁଏ ସହୋଦର
ସଂସାର ମଧ୍ୟରେ ଅସାର,
ସର୍ବଦା କଳିର ପ୍ରଚାର
ସେ ଥିଲେ ନଥାଏଟି ଭଲ ॥

॥ ମାତ୍ସର୍ଯ୍ୟ ॥

ପ୍ରାଣୀଙ୍କ ଆତ୍ମାରେ ମୁଁକାର
ଥିଲେ ନଥାନ୍ତି ଯେ ଈଶ୍ୱର,
ମୁଁକାରେ ଥାଏ ଯାର ମତି
ନପାରେ ସତ୍ୟ ଧର୍ମ ଚିନ୍ତି,
ମୁଁକାର ଉର୍ଦ୍ଧ୍ୱେ ଯେହୁ ଉଡ଼େ
ବିଚରୁଥାଏ ଭକ୍ତି ଦାଣ୍ଡେ,
ପ୍ରଭୁଙ୍କ ପାଦରେ ମୁଁକାର
ସମର୍ପି ହୁଅ ନିର୍ବିକାର ॥

♥ ରେଗଡା, କର୍ଲାମୁଣ୍ଡା,
ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩

୧୦୯ ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ ● ସୃଜନ ଆଳାପ

# କାଳ ଓ କଳା ଏହି ଦୁଇ ଚେତନାକୁ ଆଧାର କରି ଲେଖକମାନେ ଲେଖନୀ ଚାଳନା କରିବା ବିଧେୟ : ଡ. ଭାଗବତ ବେହେରା

**ଡ. ଭାଗବତ ବେହେରା** ସାଂପ୍ରତିକ ଓଡିଆ ସାହିତ୍ୟ ଜଗତରେ ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ ଗଳ୍ପ କି ପ୍ରବନ୍ଧ ନୁହେଁ ବରଂ ଉପନ୍ୟାସ ଜଗତର ସେ ଜଣେ ନିଷ୍ଠାପର ବିଦ୍ଧାଣି । ପୁରାଣ ସାହିତ୍ୟର ଚରିତ୍ରମାନଙ୍କୁ ମୁଖ୍ୟ କରି ତାଙ୍କ ଉପରେ ଦୀର୍ଘ ଉପନ୍ୟାସ ଲେଖି ସେ ପ୍ରଦର୍ଶିତ କରିଛନ୍ତି ନିଜର ପାରଦର୍ଶିତା । ତାଙ୍କ ଲେଖାରେ ଅଛି ଯେଉଁ ଛଳଛଳ ଭାବ ଏବଂ ଉପସ୍ଥାପନାର ନଆରାପଣ ତାହା ତାଙ୍କୁ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର କରି ଚିହ୍ନାଏ । "ଆଜିର ଅର୍ଥ ସର୍ବସ୍ୱ ମଣିଷ ସାହିତ୍ୟ ପାଠ ଠାରୁ ଦୂରେଇ ଯାଉଛି, ତା'ର ଏକମାତ୍ର କାରଣ ଧନ ଉପାର୍ଜନ ଓ ବିଳାସ ବ୍ୟସନ" ବୋଲି ଆରୋପ କରୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଶ୍ରୀମଦ୍ ଭାଗବତ ମହାପୁରାଣ ପାଠ ଓ ମୋ ମାତା ୰ସରସ୍ୱତୀ ଦେବୀଙ୍କ ପ୍ରେରଣାରୁ ମୋ ସୃଜନର ଆଦ୍ୟ ସ୍ଫୁରଣ ଘଟିଛି । ଏତଦ୍ ଭିନ୍ନ ଅନ୍ୟ କିଛି ସ୍ମରଣୀ ତଥା ଭାଗବତ ଚେତନା ସମ୍ବନ୍ଧିତ ଗ୍ରନ୍ଥ ଅଧ୍ୟୟନ ମୋତେ ଲେଖନୀ ଧରିବା ପାଇଁ ପ୍ରବର୍ତ୍ତାଇଛି ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ପ୍ରଥମତଃ ମୋର ଆଦ୍ୟଗୁରୁ ମୋ ମାତା । ସାହିତ୍ୟ ସୃଷ୍ଟି ନିମିତ୍ତ ମୋତେ ପ୍ରଥମେ ମୋର ୰ ଗୁରୁ ଡକ୍ଟର କୃଷ୍ଣ ଚରଣ ସାହୁ ମୋତେ ଭାଗବତ ପ୍ରଥମସ୍କନ୍ଦ ସଂପାଦନା ପାଇଁ ପ୍ରୋତ୍ସାହିତ କରିଥିଲେ । ତାଙ୍କରି କୃପାରୁ ସର୍ବପ୍ରଥମେ ମୋ ଜୀବନର ପ୍ରଥମ ପ୍ରବନ୍ଧ ପାଠପଢ଼ା ସମୟରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶିତ ହୋଇଥିଲା । ମୋତେ ଅଧିକ ଲେଖିବା ପାଇଁ ମୋ ଗୁରୁ ଶ୍ରୀଯୁକ୍ତ ବିପିନ ବିହାରୀ ବିଶ୍ୱାଳ ଓ ଉପନ୍ୟାସ ଲେଖିବା ପାଇଁ ୰ବ୍ରଜନାଥ ରଥ ମୋତେ ଉପଦେଶ ଦେଇଥିଲେ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ କାଳ ଓ କଳା ଏହି ଦୁଇ ଚେତନାକୁ ଆଧାର କରି ଲେଖକମାନେ ଲେଖନୀ ଚାଳନା କରିବା ବିଧେୟ । କାଳ ହେବା ସମୟ, ସାଂପ୍ରତିକ ସମାଜର ଘଟଣାବଳୀ, ଚିନ୍ତା, ଚେତନା (ରାଜନୀତି, ଶିକ୍ଷା, ଧର୍ମ, ସଂସ୍କୃତି) ସହିତ ସମାଜକୁ ଉପଦେଶ ଦେବାର କଳା ସାହିତ୍ୟକୁ ପ୍ରତିଷ୍ଠା ଆଣିଦେବ, ଯାହା ଯୁଗେ ଯୁଗେ ହୋଇଛି । ହଜାର ହଜାର ବର୍ଷ ଧରି ସାହିତ୍ୟ ହିଁ ସମାଜରେ ପରିବର୍ତ୍ତନ ଆଣିଛି । ଆଜିର ସାହିତ୍ୟରେ ମଧ୍ୟ ତାହା ସମ୍ଭବ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଉପନ୍ୟାସ ଲେଖା ଯାଉଥିଲେ ମଧ୍ୟ, ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ଏ ସମସ୍ୟାର ସମାଧାନ ହେବ ?

■■ ଦଶନ୍ଧି ପରେ ଦଶନ୍ଧିରେ ପରିବର୍ତ୍ତିତ ହୋଇ ଯାଉଛି ମଣିଷ ଚିନ୍ତା, ଚେତନା, ଭାବଧାରା । ବିଂଶ ଶତାବ୍ଦୀରେ ମଣିଷ ସମାଜର ଭାବ ଭାବନା ଆଜି ଏକବିଂଶ ଶତାବ୍ଦୀରେ ନାହିଁ । ଆଜିର ଅର୍ଥ ସର୍ବସ୍ୱ ମଣିଷ ସାହିତ୍ୟ ପାଠ ଠାରୁ ଦୂରେଇ ଯାଉଛି, ତା'ର ଏକମାତ୍ର କାରଣ ଧନ ଉପାର୍ଜନ ଓ ବିଳାସ ବ୍ୟସନ । ଏଥିରେ ସମସ୍ତ ସମୟ ବିତୁଛି । ଏ କ୍ଷେତ୍ରରେ ସାହିତ୍ୟ ପାଠପାଇଁ ସମୟ ନାହିଁ କି ଆବେଗ ନାହିଁ । ପୁନଶ୍ଚ ଅଧୁନାତନ ନୂତନ ଉଦ୍ଭାବନ ଟି.ଭି, ମୋବାଇଲ, ଇଣ୍ଟରନେଟ ଏସବୁ ତାଙ୍କ ମନକୁ ଯେତେବେଳେ ମୋହି ନେଉଛି ସେତେବେଳେ ସେମାନେ ସାହିତ୍ୟ କାହିଁକି ପଢ଼ିବେ । ତଥାପି ସାହିତ୍ୟ ବଞ୍ଚିଛି, ବଞ୍ଚିବ ମଧ୍ୟ । ଯଦି ଏସବୁ ବିଳାସକୁ ମଣିଷ ମନରୁ କାଢ଼ିନେଇ ଜୀବନକୁ ସରସ, ସୁନ୍ଦର, ଆନନ୍ଦ ତଥା ଶିକ୍ଷା ଦେବା ଭଳି ଉପାଦାନ ନେଇ ସାହିତ୍ୟ ସୃଷ୍ଟି ହୁଏ, ତା'ହେଲେ ଏ ସମସ୍ୟାର କିଛି ସମାଧାନ ହୋଇ ପାରିବ, ପୂର୍ଣ୍ଣ ଭାବରେ ନୁହେଁ ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ଆମ ମାତୃଭାଷା ଓଡ଼ିଆ ଏବେ ସଂକଟରେ ଏହା ନିଶ୍ଚିତ । ଏହାର କାରଣ ଆମର ଆଧୁନିକ ଶିକ୍ଷା ପଦ୍ଧତିର ପରିଣତି । ଯେଉଁମାନେ ଆମ ମାଟି ମା'ର ଅଧିକ ଶିକ୍ଷିତ ସେହିମାନେ ହିଁ ଆମ ଭାଷାକୁ ସଂକଟରେ ପକାଉଛନ୍ତି । ସାଧାରଣ ଲୋକ ନୁହଁନ୍ତି । ପାଶ୍ଚାତ୍ୟ ଶିକ୍ଷା, ସଂସ୍କୃତିର ମୋହ ଆମ ଭାଷାକୁ ନ୍ୟୁନ କରି ପାରିବ ନାହିଁ । ହଜାର ହଜାର ବର୍ଷଧରି ଏ ଉଡ୍ର, କଳିଙ୍ଗ, ଉତ୍କଳ, ଓଡ଼ିଶାରେ ଓଡ଼ିଆ ଭାଷା ବଞ୍ଚି ରହିଛି, ରହିବ ମଧ୍ୟ ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ମାଟିକୁ ଚନ୍ଦ୍ର, ସୂର୍ଯ୍ୟ ସ୍ପର୍ଶ କରୁଥିବେ, ଆମ ମାତୃଭାଷା ଓଡ଼ିଆ ହଜାର ହଜାର ବର୍ଷଧରି ସାହିତ୍ୟକୁ ଆଧାର କରି ବଞ୍ଚିଛି, ଆଗକୁ ମଧ୍ୟ ସେମିତି ସହସ୍ର ସହସ୍ର ବର୍ଷ ଧରି ଏହି ସାହିତ୍ୟକୁ ଆଧାର କରି ବଞ୍ଚି ରହିବ ।

■ ଆପଣ ମୁଖ୍ୟତଃ ପୁରାଣର ଚରିତ୍ରକୁ ନେଇ ଉପନ୍ୟାସ ଲେଖନ୍ତି । ଏହାର କାରଣ କଣ ?

■■ 'ପୁରାଣ' ଶବ୍ଦ 'ପ୍ରାଣ'ରୁ ଆସିଛି, ପ୍ରାଣ - ପରାଣ - ପୁରାଣ ହୋଇ । ପୁରାଣ ସାହିତ୍ୟ ହେଉଛି, ସତ୍ୟ, ଶାନ୍ତି, ନୀତି, ଧର୍ମ, ଦର୍ଶନର ସାହିତ୍ୟ । ଧର୍ମ, ଅର୍ଥ, କାମ, ମୋକ୍ଷର ସାହିତ୍ୟ । ସେଥିପାଇଁ ମୁଁ ପୁରାଣ ସାହିତ୍ୟର ଚରିତ୍ରମାନଙ୍କୁ ନେଇ ଉପନ୍ୟାସ ଲେଖେଁ, ଯେଉଁ ଚରିତ୍ର ମାନଙ୍କର ଚିନ୍ତା ଚେତନା ଆଜିର ସମାଜର ମଣିଷଙ୍କୁ କିଛି ନୀତି ଆଦର୍ଶର ଶିକ୍ଷା ଦେଇ ପାରିବ।

■ ଆଜିର ସମାଜରେ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ ଭାବନ୍ତି କି ?

■■ ଇଂରାଜୀରେ ଗୋଟାଏ କଥା ଅଛି, ତାହା ହେଲା କଲମ ହେଉଛି ବଲମ (ଅସ୍ତ୍ର) ଠାରୁ ଶକ୍ତିଶାଳୀ । ଲେଖକର ଲେଖନୀ ସାଧାରଣ କାଳିଭରା କଲମଟିଏ ନୁହେଁ, ସେ କଲମ ଭିତରେ ପରମାଣୁ ଠାରୁ ବଳି ଶକ୍ତି ରହିଛି, ଯାହା ସମାଜକୁ ପରିବର୍ତ୍ତନ କରି ଦେବାରେ ଯଥେଷ୍ଟ ଉପଯୋଗୀ ହେବ ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଆମ ଓଡ଼ିଆ ଭାଷା ସାହିତ୍ୟ ଭାରତୀୟ ସାହିତ୍ୟରେ ସ୍ୱଷ୍ଟ ବିଭିନ୍ନ ଭାଷାଭାଷୀ ସାହିତ୍ୟ (ହିନ୍ଦୀ, ବଙ୍ଗଳା, ଅସମୀୟ, ତେଲୁଗୁ, ତାମିଲ, କନ୍ନଡ଼) ଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ । ସେଇଥିପାଇଁ ତ ଆମେ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଛୁ । ଆମ ସାହିତ୍ୟ (ଲୋକ ସାହିତ୍ୟରୁ ଆରମ୍ଭ କରି ଚର୍ଯ୍ୟା ସାହିତ୍ୟ, ସାରଳା, ପଞ୍ଚସଖା, କାବ୍ୟ, ଆଧୁନିକ, ଅତ୍ୟାଧୁନିକ) ପର୍ଯ୍ୟନ୍ତ ଅନେକ ଭାଷାଭାଷୀ ସାହିତ୍ୟକୁ ପ୍ରଭାବିତ କରିଛି । ଆମ ସାହିତ୍ୟର ସ୍ଥିତି ଯେ ଏକାନ୍ତ ଭାବରେ ସୁଦୃଢ଼- ଏଥିରେ ଦ୍ୱିମତ ହେବାର ନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ ଲେଖକଙ୍କ ଜୀବନରେ ପୁରସ୍କାରର ଗୁରୁତ୍ୱ ଅଛି, କାରଣ ପୁରସ୍କାର ତାଙ୍କୁ ଅଧିକ ମାତ୍ରାରେ ପ୍ରୋତ୍ସାହିତ କରିଥାଏ, ଲେଖନୀ ଚାଳନା କରିବା ପାଇଁ । ହେଲେ ଆଜିର ସମୟର ପୁରସ୍କାର କେତେ ସ୍ୱଷ୍ଟ ନିର୍ମଳ ତଥା ବାସ୍ତବ ସେ ସମ୍ପର୍କରେ ମୁଁ କିଛି କହିବି ନାହିଁ । ପ୍ରାଚୀନ କାଳରେ ରାଜା, ମହାରାଜାମାନେ ତାଙ୍କ ସଭାରେ କୃତୀ ସାହିତ୍ୟ ମଣ୍ଡଳୀକୁ ଯଥାର୍ଥ ସ୍ଥାନ ଦେଇ ଉପଢ଼ୌକନ, ଉପାଧିମାନ ଦେଉଥିଲେ ତାଙ୍କ ସାହିତ୍ୟର ଚମତ୍କାରିତାକୁ ଦେଖି । ଆଜି ମଧ୍ୟ ବହୁ ସାହିତ୍ୟ ସ୍ରଷ୍ଟାଙ୍କୁ ସମ୍ମାନିତ କରାଯାଉଛି । ଅର୍ଥ ମଧ୍ୟ ଦିଆ ଯାଉଛି। ଏହା ହେବା ଏକାନ୍ତ ବିଧେୟ, ଠିକ୍ ବଣିଆ ଖାଣ୍ଟି ସୁନାକୁ ଚିହ୍ନିବା ଭଳି । ମୋର ବ୍ୟକ୍ତିଗତ ମତ ଲେଖକଟିଏ ସମ୍ମାନ, ପୁରସ୍କାର ପଛରେ ନଧାଇଁ ଲେଖି ଚାଲୁ, ଆଜି ନହେଲେ ବି ସେ ଆସନ୍ତାକାଲି ତା ସମ୍ମାନ ପାଇ ପାରିବ। ଦିନେ ନା ଦିନେ ଏ ସମାଜ ତାକୁ ଚିହ୍ନିବ ।

■ ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୂର୍ବରୁ ମୁନିଋଷି ମାନଙ୍କର ସେହି ବାର୍ତ୍ତା- ସର୍ବେ ଭବନ୍ତୁ ସୁଖିନ
ସର୍ବେସନ୍ତୁ ନିରାମୟ
ସର୍ବେ ଭଦ୍ରାଣିପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖଭା ଭବେତ୍ ।

♥♥

## ■ ଅଳ୍ପରେ ଡ. ଭାଗବତ ବେହେରା



ଜନ୍ମ: ୧୯୫୩, ଫେବୃଆରୀ
ପିତା- ୰ ହରେକୃଷ୍ଣ ବେହେରା
ମାତା- ୰ ସରସ୍ୱତୀ ବେହେରା
ଜନ୍ମସ୍ଥାନ- ଗ୍ରାମ ଧନହଣ୍ଡା, ବସ୍ତା, ବାଲେଶ୍ୱର
ମୋ: ୬୩୭୦୫୦୯୧୦୪

**ପ୍ରକାଶିତ ପୁସ୍ତକ**

**ପ୍ରବନ୍ଧ**

୧) କୃଷ୍ଣସ୍ତୁ ଭଗବାନ ସ୍ୱୟମ୍
୨) ରାଧାକୃଷ୍ଣ ଲୀଳା ତତ୍ତ୍ୱ
୩) ଅମୃତପଦ ଭାଗବତ,
୪) ଓଡ଼ିଆ କାବ୍ୟ କବିତାରେ ବସନ୍ତ ବୈଭବ
୫) ଶ୍ରୀଶ୍ରୀ ଗୀତଗୋବିନ୍ଦ ଆଲୋଚନା (ଯନ୍ତ୍ରସ୍ଥ)

**ଉପନ୍ୟାସ-**

**କୃଷ୍ଣ ଚେତନାତ୍ମକ**
୧. 'ପୂତନା'
୨. କୁବ୍‌ଜା
୩. କଂସ
୪. କୃଷ୍ଣପ୍ରିୟା
୫. ସୁଦାମା
୬. ରୁକ୍ମିଣୀ
୭. ଦ୍ରୌପଦୀ (ଯନ୍ତ୍ରସ୍ଥ)
୮. ଗୋପୀ

**ଜଗନ୍ନାଥ ଚେତନାତ୍ମକ**
୧. ଦିବ୍ୟାଶବରୀ
୨. ଛେରାପହଁରା
୩. ସାଲବେଗ
୪. ରଘୁଅରକ୍ଷିତ
୫. ବନ୍ଧୁମହାନ୍ତି
୬. କଳା ପାହାଡ଼
୭. ପତିତପାବନ
୮. ଦେହୀପଦ ପଲ୍ଲବ ମୁଦାରମ୍

**ରାମଚେତନାତ୍ମକ**
୧. ବୈଦେହୀ
୨. କୈକେୟୀ

**ଅନୁଭବମୂଳକ**
୧. ବିଶ୍ୱାସେ ମିଳନ୍ତି ହରି

**ଆତ୍ମଜୀବନୀ**
୧.ସପ୍ତଦଶନ୍ଧିର ଜୀବନ

**ସାମାଜିକ ଉପନ୍ୟାସ**
୧.ଏମିତି ବି ହୁଏ



ପ୍ରାଣପ୍ରିୟା ପତ୍ନୀଙ୍କ ସହ ଡ. ଭାଗବତ ବେହେରା ।




ସାହିତ୍ୟ ସଭାରେ ଡ. ଭାଗବତ ବେହେରା...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ





ପୁସ୍ତକ ଉନ୍ମୋଚନ ଉତ୍ସବର ସ୍ମରଣୀୟ ମୁହୂର୍ତ୍ତ....




ଡ. ବେହେରାଙ୍କର ଲିଖିତ 'ପୂତନା' ଉପନ୍ୟାସର ଉନ୍ମୋଚନ ଉତ୍ସବ....

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୧୧

|| ଓମ୍ ||

ଆଦୌ ହିଁ ବୁଝିପାରେ ନାହିଁ ଆନନ୍ଦ ଏ ବିଦେଶିନୀ ଜେନିକୁ। ସେଥିପାଇଁ ଜେନିର ବନ୍ଧୁତ୍ୱକୁ ଏ ଯାଏଁ ସେ ଆଦର କରି ପାରୁନାହିଁ। ତଥାପି ହୃଦୟ ଅଧିକରୁ ଅଧିକ ବିଗଳିତ ହୋଇ ଉଠୁଛି ଜେନି ପ୍ରତି ଦୟା ଓ ଅନୁକମ୍ପାରେ।

ଜେନିର ଏଇ କଥା ଦୁଇପଦ ଆନନ୍ଦର ମସ୍ତିଷ୍କକୁ ଅଡୁଆ ଜାଲରେ ଛନ୍ଦି ଦେଲା। ଆଉ ଅଧିକ ସେଥିରେ ଘାରିହେବାକୁ ଦେଲାନାହିଁ ସେ। ଜେନିର ମନକଥା ବୁଝିବା ଦୁଷ୍କର। ମଣିଷ ପାଟି ବନ୍ଦ କରି ଚୁପଚାପ୍ ବସି ରହିଲେ ବି ଭିତରେ ଯୋଡ଼ି ହେଉଥାଏ ଅନେକ ଭାଷା, ଅନେକ ସଂଳାପ ଓ ଅନେକ କଥାବାର୍ତ୍ତା। ସେ ସବୁର ଅର୍ଥ ଅନ୍ୟପାଇଁ ଅବୁଝା ରହିଯାଏ। ଏଣୁ ଜେନି ଆଉ ଆନନ୍ଦ ପଦୁଟିଏ ବି କିଛି କଥା ହେଉ ନଥିଲେ ପରସ୍ପର, ସେମିତି ଚୁପଚାପ୍ ବସି ରହିଲେ ଅନେକ ବେଳ।

ସମୁଦ୍ର ଆଉ ଆକାଶରେ ସୀମାରେଖା ଆରପଟୁ ଅନ୍ଧାରିଆ ପରଦାଟେ ଧୀରେ ପ୍ରସାରିତ ହୋଇ ଆସୁଥିଲା କୂଳ ଆଡ଼କୁ । ସୂଚେଇ ଦେଉଥିଲା ସଂଧ୍ୟା ଆଗତ ପ୍ରାୟ। କାଳିଆ ଏକା ଅଛି ରୁମ୍‌ରେ । ପ୍ରଶାନ୍ତି ବାରମ୍ବାର ଆସି ଲେଉଟି ଯାଇଥିବ କାମର ତାଡ଼ନା ନେଇ। ଜେନି ଉଠି ଛିଡ଼ାହେଲା। ଉଭୟେ ପରସ୍ପର ଠାରୁ ବିଦାୟ ଘେନିଲେ। ଆନନ୍ଦ ଫେରିଲା ଘରେ ଏକା ରହିଥିବା ମା' ପାଖକୁ, ଆଉ ଜେନି ହୋଟେଲ୍‌କୁ। ଗଲାବେଳେ ଆନନ୍ଦ ନିଶ୍ଚିନ୍ତ କରିଗଲା, ଚାରିଦିନ ପରେ ପୁରୀର କୌଣସି ମଠ ବା ଆଶ୍ରମରେ ଜେନିକୁ ଅବଶ୍ୟ ଆଶ୍ରୟ ମିଳିଯିବ।

|| ଆନନ୍ଦ ||

ସ୍ନାନପୂର୍ଣ୍ଣିମାର ଚାରିଦିନ ଆଗରୁ ଜେନି ହୋଟେଲ୍ ଛାଡ଼ି ଚାଲି ଆସିଲା ପୁରୀସ୍ଥିତ ଇସ୍‌କନ୍ ମଠକୁ। ପୂର୍ବରୁ ଆନନ୍ଦ ବୁଝାବୁଝି କରି ବ୍ୟବସ୍ଥା କରି ସାରିଥିଲା। କଥା ବି ହୋଇଥିଲା ଏଠା ମଠାଧୀଶ ସ୍ୱାମୀ ବୋଧାତ୍ମାନନ୍ଦଙ୍କ ସହିତ। ଜେନି ସଂପର୍କିତ ସମସ୍ତ କଥା ସେ ଜଣେଇଲା ବୋଧାତ୍ମାନନ୍ଦଙ୍କୁ। କହିଲା, "ଆଉ ମାତ୍ର କେଇଟା ଦିନ ସେ ବିଦେଶିନୀ ବଞ୍ଚି ରହିବ ଜୀବନରେ। କ୍ୟାନସର୍ ପରି ଦୂରାରୋଗ୍ୟର ଶିକାର ହୋଇଛି। ଦିନ ଗଣୁଛି, ମୃତ୍ୟୁ ପୂର୍ବରୁ ରଥ ଉପରେ ଶ୍ରୀଜୀଉଙ୍କୁ ଦେଖି ପ୍ରାଣତ୍ୟାଗ କରିବ। ଜୀବନର ଶେଷ ଅଭିଳାଷ ଟିକକ ତା'ର ପୂରଣ ହେବ ବୋଲି ଆଶା ବାନ୍ଧିଛି। ଏମିତି ଅବସ୍ଥାରେ ହୋଟେଲ୍ କିମ୍ବା ଲଜ୍‌ରେ ଅଧିକ କାଳ ରହିବା ସଂଭବ ହେଉନାହିଁ ତାଙ୍କ ପକ୍ଷରେ। ସେଥିପାଇଁ ସନ୍ଧାନ କରୁଛନ୍ତି ମଠ ବା ମନ୍ଦିର ପରି କୌଣସି ଏକ ଆଧ୍ୟାତ୍ମିକ ପରିବେଶ, ଯେଉଁଠି ଟିକେ ମୃତ୍ୟୁ ପର୍ଯ୍ୟନ୍ତ ଶାନ୍ତି ମିଳିବ ତାଙ୍କୁ।"

ମନଯୋଗ ସହକାରେ ଆନନ୍ଦର କଥାଗୁଡ଼ିକ ଶୁଣିଲେ ସ୍ୱାମୀଜୀ। ଟିକେ ଗମ୍ଭୀର ଦିଶିଲା ତାଙ୍କ ମୁଖମଣ୍ଡଳ। ଏମିତି କଥା ତ କେବେ ହୁଏ ନାହିଁ କି ହୋଇନାହିଁ ଏଯାବତ୍! ସଂସାର ଜାଲରେ ଛନ୍ଦି ହୋଇ ଜୀବନମୃତ ଅବସ୍ଥାରୁ ମୁକ୍ତି ସକାଶେ ମଣିଷ ଆସେ ଏଠିକି ଦିବ୍ୟାନନ୍ଦର ସନ୍ଧାନରେ । ସନ୍ନ୍ୟାସ ଧର୍ମ ଅବଲମ୍ବନ କରି ଅଶାନ୍ତ ମନକୁ ଶାନ୍ତ କରାଏ । ଭୁଲିଯାଏ ସଂସାର ଓ ସାଂସାରିକ ଜୀବନର ତାଡ଼ନା। କିନ୍ତୁ କିଏ ଏହି ବିଦେଶିନୀ, ଯିଏ ଆସିବ ଏଠିକି ପ୍ରାଣତ୍ୟାଗ କରିବାକୁ ? କ'ଣ ଏହାର ରହସ୍ୟ ?

ଅଧିକରୁ ଅଧିକ ଗମ୍ଭୀର ହୋଇ ଉଠୁଥିଲେ ସ୍ୱାମୀଜୀ। ଗଭୀର ଭାବେ ଆନ୍ଦୋଳିତ ହେଉଥିଲା ତାଙ୍କ ମସ୍ତିଷ୍କ। ସମାଧାନ ଖୋଜୁଥିଲେ ନୀରବରେ। ଆବେଦନ ଅସ୍ୱୀକାର କଲେ ଅପଯଶ ହେବ ମଠର। ସଦା ଉଦାର ଓ କରୁଣାର ମୂର୍ତ୍ତିମନ୍ତ ପ୍ରତୀକ ଓ ସମସ୍ତ ଦୈବୀଗୁଣର ଅଧିକାରୀ ନିଶ୍ଚୟ ସ୍ୱାମୀଜୀ।

ଆଶା ଓ ଆଶଙ୍କା ଭିତରେ ବୁଡ଼ି ରହିଥିଲା ଆନନ୍ଦ। ବିଦେଶିନୀ ପାଇଁ ତା'ର ପ୍ରାର୍ଥନା ଓ ନିବେଦନ ବୋଧହୁଏ ବ୍ୟର୍ଥ ଯିବ! କିନ୍ତୁ ନା, ଆନନ୍ଦର ସନ୍ଦେହ ମୋଚନ ହେଲା, ସ୍ୱାମୀଜୀ ପାଟି ଖୋଲିଲେ। କହିଲେ - "ଉତ୍ତମ ପ୍ରସ୍ତାବ ଆନନ୍ଦ! ସେ ବିଦେଶିନୀ ଯଦି ଚାହୁଁଛନ୍ତି ସାମୟିକ ଭାବେ ଏଠି ଅବସ୍ଥାନ କରିବାକୁ, ତେବେ ତାଙ୍କୁ ନେଇ ଆସନ୍ତୁ। ଆମ ଅତିଥିଶାଳାରେ ତାଙ୍କପାଇଁ ସ୍ୱତନ୍ତ୍ର ଗୋଟେ କକ୍ଷର ବ୍ୟବସ୍ଥା କରିଦିଆଯିବ। କିନ୍ତୁ ସନ୍ନ୍ୟାସୀ ଓ ସନ୍ନ୍ୟାସୀନୀମାନଙ୍କ ଗହଣରେ ନୁହେଁ। ଅବଶ୍ୟ ସେମାନଙ୍କ ସହିତ ଆଳାପ ଆଲୋଚନା ଓ ମିଳାମିଶାରେ କୌଣସି ବାଧା ନାହିଁ।"

ଆନନ୍ଦ ନିଜକଥା ସହିତ ଆଉ ଟିକେ ଯୋଗକଲା- "ବିଦେଶିନୀ ଚାହାଁନ୍ତି ତାଙ୍କ ପାର୍ଶ୍ୱରେ ଗଚ୍ଛିତ ଥିବା ବିପୁଳ ଅର୍ଥରାଶି ସେ ମଠକୁ ଦାନ କରିଦେବେ। ସେ ତ ମରିଯିବେ। ତାଙ୍କର କୌଣସି ଉତ୍ତରାଧିକାରୀ ନଥିବାରୁ ତାଙ୍କ ଅନ୍ତେ ଏ ସମସ୍ତ ଅର୍ଥରାଶି ବ୍ୟାଙ୍କ୍ କିମ୍ବା ସରକାର ପରବର୍ତ୍ତୀ ପର୍ଯ୍ୟାୟରେ ବେୱାରିସ୍ ସଂପତ୍ତି ଭାବରେ ହାତକୁ ନେଇଯାଇ ପାରନ୍ତି! ଅଯଥା ବାଜ୍ୟାପ୍ତି ହେବା ପୂର୍ବରୁ ମଠକୁ ଦାନ କରି ଦେଇ ଯିବାକୁ ସେ ଉଚିତ ମଣୁଛନ୍ତି।"

"ତାହା ଆଦୌ ସମ୍ଭବ ନୁହେଁ ଆନନ୍ଦ! ଏପରିଭାବେ ଅର୍ଥ ଓ ସମ୍ପତ୍ତି ଗୋଟେଇଲେ ବିପୁଳ ସମ୍ପତ୍ତି ମଠରେ ମହଜୁଦ୍ ରହିବ, ଯାହା ମଠର ପରବର୍ତ୍ତୀ ପବିତ୍ର ଧାରାକୁ ଅନେକାଂଶରେ ପ୍ରଭାବିତ କରିବ। ପୁରୀର ଅଧିବାସୀ ଭାବରେ ତୁମେ ଜାଣିଥିବ, ଏଠାରେ ଅନେକ ଗୁଡ଼ିଏ ମଠ ଅତୀତରେ ଏଇ ଧରଣର ଅର୍ଥରେ କଳୁଷିତ ହୋଇ ପଡ଼ିଥିଲା। ଅନେକ ଧନ ଗଚ୍ଛିତକାରୀ ଲୋକେ ଚାହାଁନ୍ତି ସେମାନଙ୍କ ଅନ୍ୟାୟ ଉପାର୍ଜିତ ଧନକୁ ମଠକୁ ଦାନକରି ସେମାନଙ୍କ ପାପ ଧୋଇ ଦେବାକୁ । ଏମିତି ସବୁ ସଂପତ୍ତିଠାରୁ ଏ ମଠ ଦୂରେଇ ରହିଆସିଛି ଏଯାବତ୍। ବରଂ ସେ ବିଦେଶିନୀଙ୍କୁ ଜଣାନ୍ତୁ, ତାଙ୍କର ଅର୍ଥ ସେ ଅନ୍ୟ କୌଣସି ସଂସ୍ଥାକୁ ଦାନ କରିଦେବେ।"

ଆଉ ଅଧିକ ସମୟ ଆଲୋଚନାକୁ ପ୍ରଶ୍ରୟ ନ ଦେଇ ସ୍ୱାମୀଜୀ ଉଠିଗଲେ ଭିତରକୁ। ଆନନ୍ଦ ଆଶ୍ୱସ୍ତ ହୋଇ ଫେରିଆସିଲା ହୋଟେଲ୍‌କୁ। ହାସ୍ୟ ମୁଖରେ ସଂବାଦଟି ଦେଲା ଜେନିକୁ। ଜେନି ଶୁଣି ଯୁଗପତ୍ ଖୁସି ଓ ଉତ୍‌ଫୁଲ୍ଲିତ ହେଲା, ଯାହା ପ୍ରତିଫଳିତ ହେଲା ତା' କଥାରେ; "ଆଜି ଯିବା? ତେବେ କେତେବେଳେ?"

"ଆଜି ଅପରାହ୍ଣରେ। ତୁମେ ପ୍ରସ୍ତୁତ ହୋଇ ଯାଇଥିବ। ମୁଁ ଆସିଲେ ସାଥିହୋଇ ଯିବା।"- ଏତକ କହି ଆନନ୍ଦ ଚାଲିଆସିଲା।

ସେଦିନ ଅପରାହ୍ଣରେ ଜେନି ହୋଟେଲ୍‌ର ସମସ୍ତ ଦେୟ ପରିଶୋଧ କରିଦେଇ ଅଶ୍ରୁଳ ନୟନରେ ପ୍ରଶାନ୍ତି (ପରିଚାରିକା) ପାଖରୁ ବିଦାୟ ନେଇ ହୋଟେଲ୍ ଛାଡ଼ିଥିଲା। ସାଥିରେ ଥିଲେ ଆନନ୍ଦ। ପ୍ରଶାନ୍ତି ଦିଶୁଥିଲା ଗମ୍ଭୀର। ଅଜଣା ସନ୍ଦେହଟେ ଘନୀଭୂତ ହେଉଥିଲା ଆନନ୍ଦ ବାବୁଙ୍କ ଉପରେ। ପାଗିଳୀ ବିଦେଶନୀଟି କିଛି ଅଡୁଆରେ ପଡ଼ିବେ ନାହିଁ ତ?

ଜୀବନରେ ସମସ୍ତ ଆବେଗ ଓ ଉଦ୍‌ବେଗଠାରୁ ଦୂରରେ ଥିବା ସ୍ୱାମୀ ବୋଧାତ୍ମାନନ୍ଦଜୀ ତଥାପି ମନେମନେ ପ୍ରତୀକ୍ଷା କରୁଥିଲେ ବିଦେଶିନୀର ମଠ ଆଗମନର ମୁହୂର୍ତ୍ତକୁ। ଏକ ଘୁମନ୍ତ ଉତ୍ସୁକତା ଥିଲା ବିଦେଶିନୀଙ୍କ ପ୍ରତି ତାଙ୍କ ଭିତରେ । ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ମହିଳା ଜଣକ କେମିତି ଅବସ୍ଥାରେ ଥିବେ? କେତେ ସେବା ଯତ୍ନ ଆବଶ୍ୟକ ହେବ ତାଙ୍କ ପାଇଁ ମଠ ବ୍ୟବସ୍ଥାରୁ?

ଇସକନ୍ ମଠର ବିଶାଳକାୟ ଫାଟକ ଖୋଲି ଆନନ୍ଦକୁ ଅନୁସରଣ ପୂର୍ବକ ଭିତରକୁ ପ୍ରବେଶ କଲା ଜେନି। ସ୍ନାନଯାତ୍ରା ପାଇଁ ମଠଟି ସାମାନ୍ୟ ଚଳଚଞ୍ଚଳ ଅବସ୍ଥାକୁ ଆସି ଯାଇଥିଲା। ଜଣେ ଯୁବ ସନ୍ନ୍ୟାସୀ ସେମାନଙ୍କୁ ପ୍ରତୀକ୍ଷାଳୟରେ ବସିବାକୁ କହି ଫେରିଗଲେ ଭିତରକୁ । ଚକିତ ହୋଇ ମୁଗ୍ଧ ନୟନରେ ଦେଖୁଛି ଜେନି ମଠକୁ। ହୋଟେଲ୍ ଅପେକ୍ଷା ବେଶ୍ ସୁନ୍ଦର ଲାଗିବ ତାକୁ ଏଠି ରହିବାକୁ।

ଗାଢ଼ ଗୈରିକ ବସନଧାରୀ, ଲୁଣ୍ଡିତ ମସ୍ତକ, ଗୌରବର୍ଣ୍ଣ, ଉନ୍ନତ ଗ୍ରୀବା ସ୍ୱାମୀଜୀଙ୍କୁ ଦେଖି ଚିହ୍ନିବାକୁ ବାକି ରହିଲା ନାହିଁ ଜେନିର। ଉଠି ଛିଡ଼ାହେଲା ସେ ଏବଂ ସସଂଭ୍ରମେ ପ୍ରଣାମ ଜଣାଇଲା ବୋଧାତ୍ମାନନ୍ଦଜୀଙ୍କୁ।

"ଉପବିଷ୍ଟ"। - ନିଜ ଭିତରେ କୌଣସି ଆବେଗ ଓ ଉଦ୍‌ବେଗ ନରଖି ନିର୍ଦ୍ଦେଶ କଲେ ସ୍ୱାମୀଜୀ।

"ଆଜ୍ଞା!" - କହିଲା ଆନନ୍ଦ। "ଏ ସେଇ ବିଦେଶିନୀ, ନାମ ତାଙ୍କର ଜେନି। ସାଥିରେ ନେଇ ଆସିଛି ମଠକୁ।"

ଗାମ୍ଭୀର୍ଯ୍ୟପୂର୍ଣ୍ଣ ମୁଣ୍ଡ ଟୁଙ୍ଗାରିଲେ ସ୍ୱାମୀଜୀ। ଧୀର ଗଳାରେ ବିଦେଶିନୀ ଆଡ଼କୁ ଲକ୍ଷ୍ୟକରି କହିଲେ- "ତୁମ ବିଷୟରେ ସମସ୍ତ କଥା ମୋତେ ଜଣେଇଛନ୍ତି ଆନନ୍ଦ। ତୁମେ ଅସୁସ୍ଥ ଏବଂ ଅତ୍ୟନ୍ତ ନିରାନନ୍ଦ। ଏଣୁ କିଛି କହିବା ଅନାବଶ୍ୟକ।"

ପ୍ରତୀକ୍ଷାଳୟର ଭିତର ଦିଗକୁ ଦୃଷ୍ଟି ପ୍ରସାରିତ କଲେ ସ୍ୱାମୀଜୀ ଏବଂ କାହାକୁ ଇଂଗିତ କଲେ। ତାଙ୍କ ଇଂଗିତକୁ ପ୍ରତୀକ୍ଷା କରୁଥିବା ପୂର୍ବୋକ୍ତ ଆଜ୍ଞାବହ ଯୁବ ସନ୍ନ୍ୟାସୀ ପୁନଃ ଦୃଶ୍ୟ ହେଲେ।

"ବାବା! ରାଧିକା ମା'ଙ୍କୁ ସଂବାଦ ଦିଅ। କାର୍ଯ୍ୟବ୍ୟସ୍ତ ଥିଲେ ବି ତୁରନ୍ତ ଆସିବାକୁ କୁହ।"

"ପଢ଼ାପଢ଼ି କରିଥିବ ନିଶ୍ଚୟ!"- ଜେନି ଉଦ୍ଦେଶ୍ୟରେ ପଚାରିଲେ ସ୍ୱାମୀଜୀ।

"ଆଜ୍ଞା! ଇଂରାଜୀରେ ଏମ୍. ଏ ପାସ୍ କରିଛି।" ଆଉ ଅଧିକ କିଛି କହିବାକୁ ଚାହୁଁଥିଲା ଜେନି। କିନ୍ତୁ କହିପାରି ନଥିଲା। ସ୍ୱାମୀଜୀ ଉପସ୍ଥିତ ଥିବା ଜଣେ ବଂଗୀୟ ବାବୁଙ୍କ ସହିତ କଥା ହେଲେ। ଏମାନଙ୍କ କେତେ ପୂର୍ବରୁ କେଜାଣି, ସେ ପ୍ରତୀକ୍ଷା କରୁଥିଲେ ସ୍ୱାମୀଜୀଙ୍କୁ।

ପ୍ରତୀକ୍ଷାଳୟର ଭିତର ଦ୍ୱାର ନିକଟରେ ଦୃଶ୍ୟ ହେଲେ ଅନ୍ୟଜଣେ ଦୀର୍ଘାକୃତି ବିଦେଶିନୀ ମହିଳା । ପିନ୍ଧିଥିଲେ ଭାରତର ପାରମ୍ପରିକ ପୋଷାକ। ଶାଢ଼ି, ଚୁଡ଼ି, ଗୋଡ଼ରେ ପାଉଁଜି, କପାଳର ଦୁଇ ଭୃରୁ ମଝିରେ ନାଲିବିନ୍ଦି ଏବଂ ତା' ଉପରକୁ ବୈଷ୍ଣବୀ ଚନ୍ଦନର ଚିତା। ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଛି ଜେନି। ଆଖିରେ ପଲକ ପଡୁନାହିଁ। କିଏ ଏହି ବିଦେଶିନୀ ମହିଳା, ପୁଣି ଏଠି ସନ୍ନ୍ୟାସିନୀ? ଖୁସି ଲାଗୁଛି ଜେନିକୁ ତାଙ୍କୁ ଦେଖି। ହୁଏତ ଏ ସନ୍ନ୍ୟାସିନୀ ଅଷ୍ଟ୍ରେଲୀୟ କିମ୍ବା ଜର୍ମାନୀୟ ବୋଲି ମନେ ହେଉଛନ୍ତି। ଜୀବନରେ ଏଇ ସମାପ୍ତି ପର୍ଯ୍ୟାୟରେ ସବୁଯାକ ସକାରାତ୍ମକ ଘଟୁଛି ତା' ପାଇଁ, ଏଥିପାଇଁ ମନେମନେ ଉତ୍‌ଫୁଲ୍ଲିତ ହୋଇ ଯାଉଥିଲା ଜେନି।

"ରାଧିକା ମାତା ! ଇଏ ହେଲେ ଜେନି। ତାଙ୍କୁ ନେଇଯାଅ ଅତିଥି ସଦନକୁ। ସେଠାରେ ତାଙ୍କର ରହିବାର ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କର, କୌଣସି ଗୋଟେ ଏକକ କକ୍ଷରେ। ବାକି ତାଙ୍କର ସମସ୍ତ ଦାୟିତ୍ୱ ତୁମ ଉପରେ ନ୍ୟସ୍ତ ରହିଲା। ବ୍ୟକ୍ତିଗତ ଭାବେ ତୁମେ ଟିକେ ଅଧିକ ଧ୍ୟାନ ଦେବ ତାଙ୍କୁ, ଯେହେତୁ ସେ ଅସୁସ୍ଥ ଏବଂ ନିରାନନ୍ଦ"- କହିଲେ ସ୍ୱାମୀଜୀ। ତାଙ୍କ କଥାରେ ସମବେଦନା ପୂରି ରହିଥିଲା ଜେନି ପ୍ରତି। ଜେନି କୃତ୍ୟକୃତ୍ୟ ହୋଇପଡୁଥିଲା ଉଭୟ ସ୍ୱାମୀଜୀ ଓ ଆନନ୍ଦଙ୍କ ଉପରେ। ହଠାତ୍ ପ୍ରସଙ୍ଗ ବଦଳେଇ ସ୍ୱାମୀଜୀ କଥାହେଲେ ସେହି ବଂଗୀୟ ବାବୁଙ୍କ ସହିତ। ସଂଭବତଃ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା ସେମାନଙ୍କ କଥାବାର୍ତ୍ତାରେ।

ରାଧିକା ମା' ଦୃଷ୍ଟି କେନ୍ଦ୍ରିତ କଲେ ନବାଗତା ବିଦେଶିନୀ ଉପରେ ଏବଂ ଯଥାଯୋଗ୍ୟ ସଂଭାଷଣ ଜଣେଇ ଜେନିକୁ ଡାକିନେଲେ ଭିତରକୁ। ଜେନି ପ୍ରତି ଅନୁକମ୍ପାରେ ଭରିଥିଲା ତାଙ୍କ ଅନ୍ତର।

ଜେନି ବିଦାୟ ଜଣାଇଲା ଆନନ୍ଦକୁ ଏବଂ ନିଜ ବ୍ୟାଗ ସହିତ ଅଧୋମୁଖ ହୋଇ ପଶ୍ଚାତଗମନ କଲା ରାଧିକା ମା'ଙ୍କ ସହିତ। ଜେନିର ବିଦାୟକାଳୀନ ଆଖିର ଭାଷାଥିଲା ଏଇଆ- "ତୁମେ ମୋତେ ଋଣୀ କରିଦେଲ ଆନନ୍ଦ, ଯାହା ଅପରିଶୋଧ ହୋଇ ରହିଗଲା ଏ ଜନ୍ମରେ।"

ଆନନ୍ଦ ନୀରବ ସମ୍ମତି ଜଣେଇଲା ଜେନିକୁ ଏବଂ ମନେ ମନେ କହିହେଲା, "କର୍ତ୍ତବ୍ୟ କରିଛି ଯାହା, ଋଣୀ କରିନାହିଁ।"

ସ୍ୱାମୀଜୀଙ୍କ ପାଖରୁ ବିଦାୟ ନେଇ ବାହାରକୁ ଆସିଲା ଆନନ୍ଦ। ଏବେ ତାକୁ ଯଥେଷ୍ଟ ହାଲୁକା ଲାଗୁଥିଲା। ଏହା ସତ୍ତ୍ୱେ ବି କିଛି ଗୋଟେ ହଜେଇ ଦେଇଥିବାର ଅନୁଭବ ହେଲା ତାକୁ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
ମୋ : ୯୪୩୯୪୪୨୯୪୨

# ଓଡିଶା ବଜେଟ : ଦ୍ରୁତ ବିକାଶ ଅଭିବୃଦ୍ଧି ଓ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ମନସିଜ ଦାସ



୨୦୨୬ ଜାନୁଆରୀ ୩୧ ସୁଦ୍ଧା ଓଡ଼ିଶାରେ ୨୩.୫ ଲକ୍ଷ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରହିଛି। ସେଥିରୁ ୯୯.୫ ପ୍ରତିଶତ ହେଉଛି ଅଣୁ ଓ ଅଣ ସଂଗଠିତ ଅଣୁ ଉଦ୍ୟୋଗ। ଏହି ଉଦ୍ୟୋଗ ଗୁଡ଼ିକୁ କ୍ଷୁଦ୍ର ଶିଳ୍ପରେ ପରିଣତ କରିବାପାଇଁ ସହାୟତାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଏମଏସଏମଇ ପାର୍କ ସ୍ଥାପନ କରୁଛନ୍ତି। ଦ୍ରୁତ ବିକାଶ ଓ ଅଭିବୃଦ୍ଧି ଲକ୍ଷ୍ୟ ରହି ସମୃଦ୍ଧ ଓଡ଼ିଶା ୨୦୩୬ ମହାଯାତ୍ରା ଆରମ୍ଭ କରିଛନ୍ତି ଚଳିତ ଆର୍ଥିକ ବର୍ଷ ବଜେଟ ମାଧ୍ୟମରେ ରାଜ୍ୟ ସରକାର। ଓଡ଼ିଶା ସରକାର ପ୍ରସ୍ତୁତି କରିଥିବା ୩.୧୦ ଲକ୍ଷ କୋଟିର ବଜେଟ ରାଜ୍ୟର ଆର୍ଥିକ ଇତିହାସରେ ସର୍ବବୃହତ୍। ରାଜ୍ୟବାସୀଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷା ପୂରଣ କରିବା ସହ ରାଜ୍ୟକୁ ବିକାଶ ଗତିପଥରେ ତ୍ୱରିତ ବେଗରେ ଆଗେଇ ନେବା ପାଇଁ ସମତୁଳ ଓ ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ରଣନୀତି ପ୍ରସ୍ତୁତ ହୋଇଛି। ତେବେ ମୂଳକଥା ହେଉଛି ବଜେଟର ଅର୍ଥ କେମିତି ଓ କିପରି ବ୍ୟୟ ହେବ? ବିକାଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ପୁଞ୍ଜିବ୍ୟୟ ପାଇଁ ପୂର୍ବ ବର୍ଷ ଗୁଡ଼ିକରେ ୬୫,୦୦ କୋଟିରୁ ଅଧିକ ବ୍ୟୟ କରାଯାଇଛି ଯାହା ରାଜ୍ୟ ଆର୍ଥିକତାର ପ୍ରାୟ ୬ ପ୍ରତିଶତ। ରାସ୍ତା, ଶିଳ୍ପ, ପାର୍କ, ଯୋଗାଯୋଗ ଓ ଲଜେଷ୍ଟିକ ସୁବିଧାରେ ଏହି ବ୍ୟୟ ଭବିଷ୍ୟତରେ ଶିଳ୍ପବିକାଶ ଓ କର୍ମ ସଂସ୍ଥାନ ସୃଷ୍ଟି କରିପାରିବ। ତେବେ ଅନୁଭବ ଯାହା ରହିଛି ଘୋଷଣା ଓ କାର୍ଯ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି।

ଲୋକଙ୍କ ଉନ୍ନତି, ରାଜ୍ୟର ପ୍ରଗତି, ପ୍ରତିବଦ୍ଧତାକୁ ସାକାର କରିବା ପାଇଁ ସରକାର ଛଅଟି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ନାଗରିକଙ୍କୁ ପ୍ରାଥମିକତା, ସମସ୍ତଙ୍କ ସମୃଦ୍ଧି, ଗ୍ରାମୀଣ ସଶକ୍ତିକରଣ, ଆମ ପରମ୍ପରା ଆମ ସ୍ୱାଭିମାନ, ପଥପ୍ରଦର୍ଶନକାରୀ ପ୍ରଯୁକ୍ତି ଓ ଲୋକ କୈନ୍ଦ୍ରିକ ଶାସନ ବଜେଟର ମୂଳ ଆଧାର। ଆସନ୍ତା ବର୍ଷ ରାଜ୍ୟର ଅର୍ଥନୀତି ବର୍ତ୍ତମାନ ମୂଲ୍ୟ (ନୋମିନାଲ)ରେ ପାଖାପାଖି ୧୨ ପ୍ରତିଶତ ବଢ଼ିବ। ରାଜ୍ୟର ମୋଟ ଘରୋଇ ଉତ୍ପାଦ ୧୧ ଲକ୍ଷ କୋଟି ଡେଇଁ ଯିବ। ମୋଟ ୩ଲକ୍ଷ ୧୦ ହଜାର କୋଟି ବ୍ୟୟ ବରାଦ ରହିଥିବାବେଳେ ରାଜସ୍ୱ ଆୟ ୨ଲକ୍ଷ ୪୮ ହଜାର ୫୦୦ କୋଟି ହେବ ବୋଲି ସରକାର ଆକଳନ କରିଛନ୍ତି। ବର୍ଷ ଶେଷକୁ ଋଣ ବୋଝ ୧ଲକ୍ଷ ୫୫ ହଜାର କୋଟିକୁ ବୃଦ୍ଧି ପାଇବ। ତେବେ ଏହା ବିତ୍ତୀୟ ଶୃଙ୍ଖଳାର ସୀମାରେଖା (ଜିଏସଡିପିର ୨୫%) ଭିତରେ ରହିବ। ମୋଟ ଋଣ ଜିଏସଡ଼ିପିର ୧୪.୧% ହେବ ବୋଲି ବଜେଟରେ ଦର୍ଶାଯାଇଛି। ଓଡ଼ିଶା ଅର୍ଥନୀତି ଦ୍ରୁତବେଗରେ ଆଗକୁ ବଢୁଛି। ଗତ ଦୁଇ ଦଶନ୍ଧିରେ ଦଶ ଗୁଣା ବଢ଼ି ୧୦ ଲକ୍ଷ କୋଟି ନିକଟତର ହୋଇଛି। ୨୦୦୫-୦୬ରେ ରାଜ୍ୟ ଅର୍ଥନୀତିର ଆକାର ୦.୯୫ ଲକ୍ଷ କୋଟି ଥିଲା। ୨୦୨୫-୨୬ରେ ଏହା ୯.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସରକାରଙ୍କ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ୧,୮୬,୭୬୧ ଟଙ୍କା ବୃଦ୍ଧିପାଇଛି।

ଅର୍ଥ ବିନିଯୋଗ ସମ୍ଭାବନା ସୃଷ୍ଟି କରେ କିନ୍ତୁ ସଠିକ ଓ ଯଥାର୍ଥ କାର୍ଯ୍ୟାନ୍ୱୟନ ହିଁ ପରିବର୍ତ୍ତନ ଆଣିଥାଏ। ଆତ୍ମନିର୍ଭରଶୀଳତା ମୁଖ୍ୟ ହେବା ସହ ଖୁସିର କଥା ଓଡ଼ିଶା ସରକାର ସାମାଜିକ ଖାତାରେ ୧.୧୯ ଲକ୍ଷ କୋଟିରୁ ଅଧିକ ବ୍ୟୟ କରିଛନ୍ତି ଯାହା ମୋଟ ବଜେଟର ପ୍ରାୟ ୪୧ ପ୍ରତିଶତ। କୃଷି ଖାତା ପାଇଁ ୩୭,୦୦୦ କୋଟି ଓ ସ୍ୱାସ୍ଥ୍ୟ ପାଇଁ ପ୍ରାୟ ୧୯,୭୦୦ କୋଟି ବ୍ୟୟ ହେଉଛି। ଆଜି ବି ଅଧିକାଂଶ ଓଡ଼ିଶାବାସୀ କୃଷି ଉପରେ ନିର୍ଭରଶୀଳ। ଦୀର୍ଘ ମିଆଦୀର ପ୍ରକୃତ ସଫଳତା ହେବ ଚାକିରୀ ସୁବିଧା ନୁହେଁ ବରଂ ଆତ୍ମ ନିର୍ଭରତା। ଆମେ ସମସ୍ତେ ମନେରଖିବା ଉଚିତ ଯେ ଓଡ଼ିଶାର ସବୁଠାରୁ ବଡ଼ ଶକ୍ତି ହେଉଛି ଆର୍ଥିକ ଶୃଙ୍ଖଳା ଯାହାକି ଚଳିତ ବଜେଟରେ ପ୍ରତିଫଳିତ ହୋଇଛି। ରାଜ୍ୟ ପ୍ରାୟ ୩୧,୮୦୦ କୋଟିର ରେଭିନ୍ୟୁ ସର୍ପ୍ଲସ ରଖିପାରିଛି। ସେହିପରି ଫିସ୍କାଲ ଡେଫିସିଟ ପ୍ରାୟ ୩.୨ ପ୍ରତିଶତ ମଧ୍ୟରେ ରହିଛି ଯାହା ଆର୍ଥିକ ଭାବେ ସୁସ୍ଥ ସ୍ଥିତିର ସୂଚକ। ଏହା ରାଜ୍ୟକୁ ଆଗାମୀ ଦିନରେ ବିକାଶ ପାଇଁ ତ୍ୱରାନ୍ୱିତ କରିବ। ଓଡ଼ିଶାର ଅର୍ଥନୀତି ଦ୍ରୁତ ଅଭିବୃଦ୍ଧି ପଥରେ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ, ଜନସାଧାରଣଙ୍କ ଅଭିଳାଷା ଓ ସରକାରଙ୍କ ସ୍ୱଚ୍ଛ ଶାସନ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ଏକ ଆଦର୍ଶ ରାଜ୍ୟ ଭାବେ ସ୍ଥାପିତ କରିବ ଏହି ବଜେଟ ସ୍ୱର୍ଣ୍ଣିମ ସଫଳତାର ମୂଳଦୁଆ ହେବ। ଓଡ଼ିଶା ବଜେଟ ୨୦୨୬ ନିଶ୍ଚିନ୍ତ ଭାବେ ଆଶା, ସଫଳତା, ଯୋଜନା, ସାମାଜିକ ସୁରକ୍ଷା ଓ ଆର୍ଥିକ ଶୃଙ୍ଖଳାକୁ ମାନଦଣ୍ଡ କରିଛି। କିନ୍ତୁ ଅସଲ କଥା ହେଉଛି ବଜେଟ ନୁହେଁ, କାର୍ଯ୍ୟାନ୍ୱୟନ ହିଁ ରାଜ୍ୟର ଅଭିବୃଦ୍ଧି କୁହନ୍ତୁ ବା ପ୍ରଗତି ଏ ସବୁର ଭବିଷ୍ୟତ ନିର୍ଦ୍ଧାରଣ କରିବ।

♥ ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

# ଚକ୍ର ସୁଦର୍ଶନ: ଏକ ସ୍ଥିତି ତାତ୍ତ୍ୱିକ ଅନୁଶୀଳନ

ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ମହାଭାରତର ବେଲାଳସେନ ଚରିତ୍ରକୁ ଜାଣିବାକୁ ମିଳେ ଯେ, ସମସ୍ତ ଅସଂଗତି, ଅନ୍ୟାୟ ଓ ଅଧର୍ମକୁ ବିନାଶ କରିଛନ୍ତି କେବଳ ଚକ୍ର । ଚକ୍ର ନାରାୟଣ ସୁଦର୍ଶନ ଅନ୍ୟ ରଥି ମହାରଥିମାନଙ୍କ କିଛି ହିଁ କର୍ତ୍ତୃତ୍ୱ ନାହିଁ । ଶଙ୍ଖ ନାଦ ଶୁଭୁଛି ଓ ଏ' ସଂସାରର ସମସ୍ତ ଅସଙ୍ଗତିକୁ ଚକ୍ରଟିଏ ଘୂରି ଘୂରି କାଟି ଚାଲିଛି । ଏ' ଥିଲା ମହାଭାରତ ମହାପୁରାଣର ସମଗ୍ର ସମନ୍ୱିତ ପରିଣତି। ଯୋଗ ସାଧନା, ପ୍ରାଣାୟମ ସହ ଅନ୍ତଃଶ୍ୱାସତ ବହିଃବାୟୁର ନିୟନ୍ତ୍ରଣ କରି ସାଧକମାନେ ଯେଉଁ କୁଣ୍ଡଳିନୀ ଜାଗ୍ରତ କରିନେବାର ପ୍ରଚେଷ୍ଟାରେ ଥାଆନ୍ତି, ସେହି ମଧ୍ୟ ଏକ ପ୍ରକାର ଚକ୍ର ନାରାୟଣଙ୍କ ସାଧନା ଓ ଶରୀରସ୍ଥ ଷଡଚକ୍ରର ଜାଗୃତିକ ଉପସ୍ଥାପନା। ଚକ୍ରରାଜଙ୍କ ଉପସ୍ଥିତି ଏ' ବିଶ୍ୱର ସମସ୍ତ କ୍ରୀୟାରେ ସେ' ହିଁ ଗତିଶୀଳ। ସୃଷ୍ଟିର ସର୍ଜନାଠାରୁ ସୃଷ୍ଟିର ପ୍ରଳୟ, ଧ୍ୱଂସ ତଥା ବିନାଶ ଯାଏ ଚକ୍ର ହିଁ ମୁଖ୍ୟ। ଭଗବାନଙ୍କର ଅତିପ୍ରିୟ ସହସ୍ର ଦନ୍ତଯୁକ୍ତ ଚକ୍ର ହେଉଛନ୍ତି ଏହି ଚକ୍ରରାଜ ସୁଦର୍ଶନ । ସେ' ହେଉଛନ୍ତି ଭକ୍ତ ରକ୍ଷକ, ଦୃଷ୍ଟ ଦଳନକାରୀ, ସୃଷ୍ଟି ପାଳନକାରୀ ସୂର୍ଯ୍ୟନାରାୟଣଙ୍କ ସଦୃଶ ଅନ୍ୟ ଏକ ଚକ୍ର ନାରାୟଣ । ଯେକି ଚତୁର୍ଦ୍ଧାମୂର୍ତ୍ତିଙ୍କ ଅନ୍ୟ ଏକ ପ୍ରତୀକ। ତାତ୍ତ୍ୱିକ ଦୃଷ୍ଟିକୋଣରୁ ଶ୍ରୀବଳଭଦ୍ର ଜାଗ୍ରତ ଅବସ୍ଥାରେ (ବିଶ୍ୱ), ସୁଭଦ୍ରା ସ୍ୱପ୍ନ ଅବସ୍ଥା ତଥା ତେଜସ୍ ଅବସ୍ଥାର, ଶ୍ରୀଜଗନ୍ନାଥ ସୁଷୁପ୍ତି (ସର୍ବଜ୍ଞ ସର୍ବେଶ୍ୱର) ଅବସ୍ଥାର ପ୍ରତୀକ ସାଜୁଥିଲା ବେଳେ ଧର୍ମ ଚକ୍ର ସୁଦର୍ଶନ ତୁରୀୟା (ନିରୁପାଧିକ) ଅବସ୍ଥାର ପ୍ରତୀକ ଅଟନ୍ତି । କୋଟି ସୂର୍ଯ୍ୟ ସମ ପ୍ରଭାଯୁକ୍ତ ହେଉଛନ୍ତି ଶ୍ରୀ ସୁଦର୍ଶନ, ଯାହାରି ବର୍ଣ୍ଣନା ପୁରୁଷୋତ୍ତମ ମାହାତ୍ମ୍ୟରେ କରାଯାଇଛି । ଘୋଷଯାତ୍ରାର ସମାପନ କରି ଆଜ୍ଞାମାଳ ଧାରଣ କରି ଶ୍ରୀପରମାରାଧ ଜଗନ୍ନାଥଙ୍କ ପ୍ରତିନିଧି ରୂପେ ବର୍ଷରେ ତିନିବାର କ୍ଷେତ୍ର ପରିକ୍ରମା କରିଥାନ୍ତି। ଏହି ତିନିବାର ପରିକ୍ରମଣ ଦ୍ୱାଦଶ ଚକ୍ର ବିଶିଷ୍ଟ ବିମାନରେ ବିଜେ କରି ଏହି ଶ୍ରୀକ୍ଷେତ୍ର ସଂସାର (ସୃଷ୍ଟି)ର ଭଲମନ୍ଦର ତଦାରଖ କରନ୍ତି ଓ ସଦା ଜାଗୃତ ଥାଆନ୍ତି । ଚକ୍ରରାଜ କୌଣସି ଅଧର୍ମ ପାପକର୍ମ ଅହଂକାରୀ ଆଚରଣକୁ ସହ୍ୟ କରିପାରି ନଥାନ୍ତି ବରଂ ତ୍ୱରିତ ତାହାର ସମାଧାନ କରି ସୃଷ୍ଟିରେ ସତ୍ୟ ଧର୍ମ ଶାନ୍ତିର ପ୍ରତିଷ୍ଠା କରିଥାନ୍ତି । ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖିବାକୁ ମିଳେ ବିଷ୍ଣୁଭକ୍ତ ଅମ୍ବରୀଶଙ୍କ ଉପରେ ମହାକ୍ରୋଧୀ ଦୁର୍ବାସାଙ୍କ ସୃଷ୍ଟ ରାକ୍ଷାସ ଦ୍ୱାରା ବିନାଶ କରିବା ପାଇଁ ପ୍ରଚେଷ୍ଟାରୁ। ଏଥିରେ ଚକ୍ର ସୁଦର୍ଶନ ଏ' ଅନ୍ୟାୟକୁ ସହିନପାରି ଦୁର୍ବାସାଙ୍କୁ ବଧ କରିବା ପାଇଁ ଗୋଡ଼ାଇଥିଲେ । ଶେଷରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ସମେତ ସମସ୍ତ ଦେବ ଦୈବ ଶକ୍ତି ଦୁର୍ବାସାଙ୍କୁ ରକ୍ଷା କରିବାରେ ଅକ୍ଷମତା ପ୍ରଦର୍ଶନ କରି ସ୍ୱୟଂ ଭକ୍ତ ଅମ୍ବରୀଶଙ୍କ ପାଖରେ କ୍ଷମା ଭିକ୍ଷା କରି ନିଜକୁ ବଞ୍ଚାଇ ନେଇଥିଲେ । ଏଥିରେ ପୁଣି ରାଜା ଅମ୍ବରୀଶ ହିଁ ସୁଦର୍ଶନଙ୍କୁ ପ୍ରାର୍ଥନା କରି ଶାନ୍ତ କରାଇ ଦୁର୍ବାସା ପ୍ରାଣ ବଞ୍ଚାଇବା ପାଇଁ ସମର୍ଥ ହୋଇଥିଲେ। ଋଷି ଦୁର୍ବାସାଙ୍କ କ୍ରୋଧ ଅହଂକାରର ଇତି କରାଇ ନ୍ୟାୟ ଧର୍ମ ଧ୍ୱଜାକୁ ଉଡ଼ାଇ ଚାଲିଥିଲେ। କଥିତ ଯେ ସେହି ଚକ୍ର ସୁଦର୍ଶନ ଭଗବାନଙ୍କ ନିର୍ଦ୍ଦେଶରେ ଦକ୍ଷିଣ ଭାରତର ମହର୍ଷି ଅରଣ ଓ ସ୍ତ୍ରୀ ଜୟନ୍ତୀଙ୍କ କୋଳମଣ୍ଡନ କରି ପୁତ୍ର ରୂପେ ଜନ୍ମ ନେଇଥିଲେ । ଯାହାଙ୍କ ନାମ ଥିଲା ନିୟମାନନ୍ଦ । ଶିଶୁପାଳ ବଧ, ଗଜ ଉଦ୍ଧାରଣ ଓ କୁମ୍ଭୀର ମାରଣ ଭଳି ବହୁ ଅସାଧ କର୍ମ ସାଧନ କରିବାରେ ଶ୍ରୀ ସୁଦର୍ଶନ ହିଁ ସତତ୍ ପ୍ରୟାସୀ। ବୌଦ୍ଧମାନେ ଏହି ସୁଦର୍ଶନଙ୍କୁ ଧର୍ମ ସଂସ୍ଥାପନାର୍ଥାୟ ଧର୍ମ ଚକ୍ର ରୂପେ ବିବେଚନା କରିଥାଆନ୍ତି । ବୈଷ୍ଣବଙ୍କର ଚତୁଃବ୍ୟୁହ ଉପାସନାରେ ଶ୍ରୀଜଗନ୍ନାଥ ବାସୁଦେବ, ବଳଭଦ୍ର, ସଙ୍କର୍ଷଣ, ସୁଭଦ୍ରା ପ୍ରଦ୍ୟୁମ୍ନ ଭାବରେ କଳ୍ପିତ କରାଯାଉଥିଲା ବେଳେ ସୁଦର୍ଶନଙ୍କୁ ଅନିରୁଦ୍ଧ ଭାବରେ ଗ୍ରହଣ କରାଯାଇଥାଏ । ବହୁ ପୁରାଣ, ବହୁ ଗ୍ରନ୍ଥ ସାହିତ୍ୟରେ ସୁଦର୍ଶନଙ୍କ ବିଷୟରେ ବହୁ ବିଚାର ରଖାଯାଇଛି । ଏମିତିକି ଦ୍ୱାପର ଯୁଗର ଅନ୍ତକାଳରେ ଶ୍ରୀକୃଷ୍ଣ ନିଜ ପୁତ୍ର ପ୍ରଦ୍ୟୁମ୍ନଙ୍କ ଶିରଛେଦନ କରିବା ପାଇଁ ଶ୍ରୀ ସୁଦର୍ଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଓ ଏହି ନିଷ୍ଠୁର କର୍ମ କରିବାରେ ଅତିଷ୍ଠ ହେଲେ ହିଁ ଆଜ୍ଞା ପାଳନ କରି ସମୁଦ୍ର ସ୍ନାନ ସାରି ମା'ଜଗଦମ୍ବାଙ୍କ ନିକଟକୁ ଚାଲିଯାଇଥିଲେ । ପରେ ପୁଣି କଳିଯୁଗରେ ଆସି ଶ୍ରୀଜଗନ୍ନାଥଙ୍କ ହସ୍ତ ମଣ୍ଡନ କଲେ। ଶ୍ରୀକୁରନାରାୟଣ ମୁନିଙ୍କ ପ୍ରଣୀତ 'ସୁଦର୍ଶନ ଶତକ' ଅନୁଯାଇ ଶ୍ରୀସୁଦର୍ଶନ ହେଉଛନ୍ତି ଶ୍ରୀମନ୍ଦିର ଚୂଡ଼ାସ୍ଥ ନୀଳଚକ୍ର । କଥିତ ଯେ, ଶ୍ରୀସୁଦର୍ଶନଙ୍କ ତେଜ ସମ୍ମୁଖରେ ସୂର୍ଯ୍ୟଙ୍କ ତେଜ ନିଷ୍ଫଳ, ଚନ୍ଦ୍ର ବିଲୀନ ଓ ତାରାଗଣ ଅଦୃଶ୍ୟ ହୋଇଯାଆନ୍ତି । ଅଗ୍ନିଦେବ ଅଧୀର ଓ ବିଦ୍ୟୁତ୍ ?ର ସ୍ୱାତନ୍ତ୍ର ?ୟ ଲୁପ୍ତ ହୋଇଯାଏ । ସୁଦର୍ଶନ ଯେତେବେଳେ ଦୈତ୍ୟଙ୍କ ବିନାଶ ପାଇଁ ବଳିଙ୍କ ପୁରକୁ ଗମନ କଲେ ସେତେବେଳେ ଅଗାଧ ସମୁଦ୍ର ଶୁଷ୍କ ହୋଇଯାଇଥିଲା। ଅସୁରଙ୍କ ନିଧନ ପରେ ଦୈତ୍ୟ ପତ୍ନୀମାନଙ୍କ ଶୋକାଶ୍ରୁର ନିର୍ଗତରେ ପୁଣି ଜଳରେ ପରିପୂର୍ଣ୍ଣ ହୋଇଥିଲା । ଏ'ଥିଲା ଆମ ସୁଦର୍ଶନଙ୍କ ଶକ୍ତି, ଯାରି ପାଇଁ ଆଜି ବି ଏ' ସାଗର, ପୃଥିବୀ, ଏ ସୃଷ୍ଟି ସଦା ଚଳମାନ ଅବସ୍ଥାରେ ଅଛି ଆଉ ଗତି କରୁଛି ଆଗକୁ ଆଗକୁ... । ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ଚୂଡ଼ାରେ ନୀଳଚକ୍ର ତ ଶୋଭାପାଆନ୍ତି । ତା'ରି ସାଙ୍ଗରେ ଶୋଭାପାଇଥାଏ ପତିତପାବନ ବାନା, ସେ ଯେଉଁ ବର୍ଷର ଯେତେ ବଡ଼ ହେଉ କି ଛୋଟ ହେଉ ସେମାନେ ସର୍ବେ ମିଳିତ ହୋଇ ଏ' ପୃଥିବୀ, ଏ ସୃଷ୍ଟିର ସମସ୍ତ ଜଡ଼ଜୀବାତ୍ମାମାନଙ୍କୁ ଅଭୟ ପ୍ରଦାନ କରେ ଓ ଜୀବନ ଜଞ୍ଜାଳର ସମସ୍ତ ପାତକ ନାଶ କରାଏ । ନୀଳଚକ୍ର ତଥା ଚକ୍ରରାଜ ସୁଦର୍ଶନ ତଥା ନୀଳାଦ୍ରୀ ନାଥ ପ୍ରଭୁ ପରମାରାଧ ଶ୍ରୀଜଗନ୍ନାଥ ଭକ୍ତଗଣଙ୍କୁ ଗତିମୁକ୍ତି ପ୍ରଦାନ କରିଥାନ୍ତି । ସୁଦର୍ଶନଙ୍କ ଶରୀର ତଥା ଦାରୁବିଗ୍ରହଙ୍କ ବର୍ଣ୍ଣ ଲୋହିତ, ରକ୍ତ ବର୍ଷର ହୋଇଥାଏ । ଏହା ପରେ କେବଳ ଅମବାସ୍ୟା ଓ ସଂକ୍ରାନ୍ତିର ସମ୍ମିଳିତ ତିଥ୍ୟରେ ହିଁ ଚତୁର୍ଦ୍ଧାମୂର୍ତିଙ୍କ ବ୍ରହ୍ମ ପରିବର୍ତ୍ତନ କ୍ରୀୟା ସମାପନ କରାଯାଇଥାଏ । ଏସବୁଥିରୁ ଜାଣିବାକୁ ମିଳେ ଯେ ସୁଦର୍ଶନ (ଚକ୍ରରାଜ) ହିଁ ହେଉଛନ୍ତି ମହାଶୂନ୍ୟରୁ ଜାତ ହୋଇଥିବା ଚକ୍ରାକାରର ଘୂର୍ଣ୍ଣିବ ଆଦି ଆଉ ପ୍ରଥମ ସ୍ୱରୂପ । ବ୍ରହ୍ମ ସ୍ଥାପନରେ ଦାରୁ ବିଗ୍ରହରେ ୧୬ ପଳ ଓଜନର ସ୍ୱର୍ଣ୍ଣ ଚକ୍ରଟିଏ ନିର୍ମାଣି ସ୍ଥାପନ କରାଯାଇଥାଏ । ସୁଦର୍ଶନ ବିଶେଷରେ ସ୍ତମ୍ଭାକାର ହେଲେ ହେଁ ସେହି ବିଗ୍ରହର ଶୀର୍ଷରେ ଚକ୍ରରାଜଙ୍କ ଚିତ୍ର ଅଙ୍କିତ, ଯାହା ସୁଦର୍ଶନ ବିଗ୍ରହଙ୍କ ସହ ମନ୍ଦିର ଶୀର୍ଷସ୍ଥ ନୀଳଚକ୍ରଙ୍କୁ ଅଭିନ୍ନ ବୋଲି ପ୍ରମାଣିତ କରିଥାଏ । ଭିନ୍ନତାର ଏକମାତ୍ର ଲକ୍ଷଣ ହେଲା ରତ୍ନ ସିଂହାସନରେ ପୂଜିତ ସୁଦର୍ଶନଙ୍କ ଦାରୁରେ ନିର୍ମିତ ବିଗ୍ରହ ସ୍ତମ୍ଭାକୃତି ହୋଇଥିଲା ବେଳେ ଶ୍ରୀମନ୍ଦିର ଶୀର୍ଷରେ ଦଧିନଉତି ଉପରେ ସ୍ଥାପିତ ନୀଳଚକ୍ର ହେଉଛନ୍ତି ଅଷ୍ଟଧାତୁ ନିର୍ମିତ ଓ ଚକ୍ର ଆକାରର ଦେବତା ସୁଦର୍ଶନ । ଭଗବାନ ତଥା ସର୍ବଶକ୍ତିମାନ ଦିବ୍ୟପୁରୁଷଙ୍କୁ କିଏ କେଉଁଭଳି ପୂଜନ କରିଥାଏ, ସେଥିରେ ଅବଶ୍ୟ କିଛି ଭିନ୍ନତା ନଥାଇପାରେ । କିନ୍ତୁ ଭିନ୍ନ ମଣିଷମାନେ ଏହି ଈଶ୍ୱର ପ୍ରାପ୍ତି ବିଶ୍ୱାସ ନେଇ ନିଜ ନିଜ ମନର ବିଶ୍ୱାସକୁ ନେଇ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବାଦି ଅନେକ ସମ୍ପ୍ରଦାୟରେ ବିଭକ୍ତ କରି ଦେଇଥାନ୍ତି ଓ ତଦାନୁଯାୟୀ ନିଜ ନିଜ ଧର୍ମମାର୍ଗର ପ୍ରଶସ୍ତି କରାଇଥାନ୍ତି । ଯା'ହେଲେ ବି ବିଶ୍ୱର ସମସ୍ତ ଆଧ୍ୟାତ୍ମିକ ଖସଡ଼ାର ପରିସମାପ୍ତି ସେହି ଈଶ୍ୱରଙ୍କ ଅନୁଭବ । ସେ'ଭଳି ଚକ୍ର ସୁଦର୍ଶନଙ୍କୁ ଆରାଧନା ବିଶେଷରେ ବିଷ୍ଣୁଭକ୍ତ ବୈଷ୍ଣବମାନେ କରିଥାଆନ୍ତି । ପ୍ରତ୍ୟେକ ବିଷ୍ଣୁପୀଠ, ତୀର୍ଥ ତଥା ମନ୍ଦିରମାନଙ୍କ ଶୀର୍ଷରେ ନୀଳଚକ୍ରକୁ ପ୍ରୋଥିତ କରାଯାଉଥିଲା ବେଳେ ଅନ୍ୟ ଶକ୍ତ, ଶୈବ କୀର୍ତ୍ତି ଗୁଡ଼ିକରେ ତ୍ରିଶୂଳ-ଧାତୁଳ ଅସ୍ତ୍ରକୁ ଚିହ୍ନ ରୂପେ ବ୍ୟବହାର କରାଯାଇଥାଏ । ସବୁଠି, ସବୁ ଧର୍ମୀୟ ଅନଷ୍ଠାନ ଓ ମନ୍ଦିର ମାନଙ୍କରେ ନିଜ ନିଜର ସ୍ୱତନ୍ତ୍ର ସଂକେତ ସବୁ ରହିଛି । ଏ'ସବୁ ଧର୍ମୀୟ ଜାଗରଣ ସୃଷ୍ଟି କରୁଥିଲା ବେଳେ ଏହାର କିଛି କିଛି ବୈଜ୍ଞାନିକ, ତାତ୍ତ୍ୱିକ ଓ ବାସ୍ତବିକ ଉପାଦେୟତା ମଧ୍ୟ ହାସଲ କରାଯାଇପାରୁଛି । ଯେଉଁ ଭଳି ବିଭିନ୍ନ ପ୍ରାକୃତିକ ଓ ବୈଦ୍ୟୁତିକ ବିପର୍ଯ୍ୟୟାଦିରୁ ଅଞ୍ଚଳ ଓ କୀର୍ତ୍ତିକୁ ସୁରକ୍ଷା ଦେବା ଆଦି । ସେ' ମନ୍ଦିର ହେଉ କି ଗମ୍ବୁଜ ବା ଚର୍ଚ୍ଚ, ଅନ୍ୟ କିଛି ଅନୁଷ୍ଠାନ ବି ହେଉ ସବୁଥିରେ ଓ ସବୁଠିଁ ସର୍ବୋଚ୍ଚରୁ ଭୂମିକୁ ବିଦ୍ୟୁତ୍ ଚଳନର ପ୍ରଶସ୍ତ ପରିବାହୀ ସୂତ୍ରର ସଂଯୋଗ କରାଯାଇଥାଏ । ଏ ସବୁ ବିଶେଷରେ ଅସ୍ତ୍ର, ଶାସ୍ତ୍ର ହେଉ କି ଆୟୁଧ କିବା ଗ୍ରହନକ୍ଷତ୍ର ଧ୍ୱଜ ଶୀର୍ଷ ବି ହେଉ ସବୁଥିରେ ନୀଳଚକ୍ର ସଦୃଶ୍ୟ ଜଗତର ହିତ ହିଁ ଅନୁଭୂତ ହୋଇଥାଏ । ମନ୍ଦିର ନିର୍ମାଣ ଶିଳ୍ପଶାସ୍ତ୍ର ବିଧାନ ଅନୁଯାୟୀ ବିଷ୍ଣୁଙ୍କ ମନ୍ଦିର ଚୂଡ଼ାରେ ଦଧିନଉତି ଉପରେ ଚକ୍ରସ୍ଥାପନ କରିବାକୁ ହୋଇଥାଏ । ଖାଲି ଚକ୍ର ନୁହଁ ଚକ୍ର ସହିତ ନେତ (ବାନା) ସଂଯୋଜିତ ହୋଇ ଫର ଫର ଉଡୁଥାଏ ପତିତପାବନ ଅର୍ଥରେ ମନ୍ଦିର ପ୍ରତିଷ୍ଠା ବେଳରୁ । ମୋଗଲ ରାଜତ୍ୱ କାଳରୁ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ସହ ଆମ ସମସ୍ତ ଧର୍ମ, ପୂଜାପୀଠମାନ ବହୁବାର ଆକ୍ରମଣର ଶିକାର ହୋଇ ଆସିଛନ୍ତି । ଏଥିରେ ନୀଳଚକ୍ରର ମଧ୍ୟ ବହୁ ଅନିଷ୍ଟ ହୋଇଅଛି । ଭୋଇ ବଂଶର ରାଜା ଗଜପତି ରାମଚନ୍ଦ୍ର ଦେବ ଶ୍ରୀମନ୍ଦିରର କେତେକ ମରାମତି କରିବା ସହ ନୀଳଚକ୍ର ସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ଚକ୍ର ଭଗ୍ନ ଅବସ୍ଥା ପ୍ରାପ୍ତ ହେବାରୁ ୧୫୯୫ ଖ୍ରୀ.ଅ.ରେ ରାଜା ରାମଚନ୍ଦ୍ର ଦେବ ତାଙ୍କରି ରାଜସ୍ୱର ୩୪ ଅଙ୍କ ତଥା କୁମ୍ଭ ୧୬ ଦିନରେ ଚମ୍ପତିରାୟ ଭାଙ୍ଗି ପଡ଼ିଥିବା ନୀଳଚକ୍ରକୁ ସୁଦୃଢ଼ ଓ ସିଧା କରି ମନ୍ଦିର ଚୂଳରେ ବସାଇଥିଲେ । ତା'ପରେ ଗଜପତି ଦିବ୍ୟସିଂହ ଦେବ (୧୬୮୮-୧୭୧୬)ଙ୍କ ଶାସନ କାଳରେ କାର୍ତ୍ତିକ ମାସରେ ହୋଇଥିବା ପ୍ରବଳ ତୋଫାନରେ ଭାଙ୍ଗି ପଶ୍ଚିମପଟ ଗଣେଶ ମନ୍ଦିର ସାମନାରେ ପଡ଼ିଯାଇଥିବା ନୀଳଚକ୍ରକୁ କିଛି କାଳ ମନ୍ଦିର ଚୂଡ଼ା ଶୂନ୍ୟ ରହିବା ପରେ (ଦିବ୍ୟ ସିଂହ ଦେବ ୧ମଙ୍କ ରାଜତ୍ୱ କାଳରେ) ୧୭୧୩ ଖ୍ରୀ.ଅରେ ନୂତନକରି ଗଢ଼ା ଯାଇଥିବା ନୀଳଚକ୍ରକୁ ସ୍ଥାପନ କରିଥିଲେ, ଯାହା ଅଷ୍ଟଧାତୁରେ ନିର୍ମିତ ଥିଲା । ଯାହାର ଉଲ୍ଲେଖ ନିମ୍ନମତେ କରାଯାଥିଲା । 'ଶ୍ରୀ ଦିବ୍ୟସିଂହ ମହାରାଜାଙ୍କ ୩୩ ଅଙ୍କ ମକର ୨୮ ଦିନେ ଶ୍ରୀ ନୀଳଚକ୍ର ତିଆରି ହୋଇଣ ବଡ଼ ଦେଉଳେ ବିଜେ ହୋଇଲେ ।' ସେହି ନୀଳଚକ୍ର ଅଦ୍ୟାବଧି ବିରାଜମାନ ।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି
ମୋ: ୯୩୩୭୯୬୦୬୮୮

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com





# ମଧୁରୋକ୍ତି...( ୧ ୯ )

## ♥ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଯେ କୌଣସି ଅସ୍ତ୍ର ଶସ୍ତ୍ର ହେଉନା କାହିଁକି ତାଙ୍କ ଉପରେ ପ୍ରଭାବ ପକେଇ ପାରିନି। କିନ୍ତୁ ଏହି ତୀର ତୁମ ନାମର ଶକ୍ତି ବହନ କରିଥିଲା। ସେଇଥିପାଇଁ ସେହି ଶରର ପ୍ରଭାବରେ ସେ ଆଘାତ ପାଇ ତଳେ ପଡି ଯାଇଥିଲେ। ପଡ଼ିବା ସମୟରେ ରାମ ନାମ ନେଇ ତଳେ ପଡିଯିବାରୁ ଭରତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ପାଖକୁ ଆସିବା ପରେ ତାଙ୍କୁ ଦେଖି ହନୁମାନ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

ତୁମ ସହିତ ତାଙ୍କ ଚେହେରାର ଅଦ୍ଭୁତ ସାମଞ୍ଜସ୍ୟ ଥିଲା। ଦୁଇ ରାମଭକ୍ତ ପରସ୍ପରର ପରିଚୟ ପାଇ ଅତ୍ୟନ୍ତ ଆନନ୍ଦିତ ହେଲେ। ହନୁମାନଙ୍କ କ୍ଷତରେ ତୁମରି ନାମ ନେଇ ଭରତ ହାତ ବୁଲେଇ ଆଣିବା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯାଇଥିଲେ। ହନୁମାନଙ୍କ ମୁହଁରୁ ଜଙ୍ଗଲ ଭିତରେ ତୁମ ସହିତ ହୋଇଥିବା ସବୁ ସମାଚାର ଭରତ ପାଇଥିଲେ।କିପରି ସୂର୍ପଣଖାର କୁଟିଳ ଚକ୍ରାନ୍ତ ଫଳରେ ରାବଣ ସହିତ ଶତ୍ରୁତା ଶେଷରେ ସୀତା ହରଣରେ ସମାପ୍ତ ହୋଇଥିଲା, କିପରି ତମ ସେନା ଲଙ୍କାରେ ପହଞ୍ଚିବା ପାଇଁ ସେତୁ ନିର୍ମାଣ କରିଥିଲେ ତଥା କିପରି ଏକ ମହାଯୁଦ୍ଧ କରୁ କରୁ ଲକ୍ଷ୍ମଣ ମୂର୍ଚ୍ଛିତ ହୋଇ ପଡ଼ିଥିଲେ ସେସବୁ ବିଷୟ ସେ ବର୍ଣ୍ଣନା କରିଥିଲେ। ସବୁକଥା ଶୁଣି ଭରତ ବହୁତ ମନ ଦୁଃଖ କଲେ। ଆଉ ତୁରନ୍ତ ସଂଜୀବନୀ ନେଇ ଲକ୍ଷ୍ମଣ ପାଖରେ ପହଞ୍ଚାଇବାକୁ ଆଗ୍ରହ କଲେ। ତା ଛଡା ସେ ଏହା ମଧ୍ୟ କହିଲେ ଯେ ତୁମ ଆଗମନ ପାଇଁ ସେ ଚଉଦ ବର୍ଷ ଅପେକ୍ଷା କରିଛନ୍ତି। ଯେଉଁ ଦିନ ଚଉଦ ବର୍ଷ ସମାପ୍ତ ହେବ ଯଦି ସେଦିନ ସୂର୍ଯ୍ୟାସ୍ତ ପୂର୍ବରୁ ତୁମେ ଫେରିବନି ତା ହେଲେ ସେ ଅଗ୍ନିରେ ଝାସ ଦେବେ। ହନୁମାନ ବହୁତ ଦୁର୍ବଳ ହୋଇ ଯାଇଥିବାରୁ ପୁରାଣ କୁହେ ଯେ ଭରତ ଏକ ତୀର ତୁମରି ନାମ ନେଇ ପ୍ରେରଣ କରିଥିଲେ ଯାହା ହନୁମାନଙ୍କୁ ନେଇ ସିଧା ସାଗର କୂଳରେ ପହଞ୍ଚାଇ ଦେଇଥିଲା।

ସୂର୍ଯ୍ୟୋଦୟ ହୋଇ ଆସୁଥାଏ। କିନ୍ତୁ ତା’ ପୂର୍ବରୁ ହନୁମାନ ପର୍ବତ ନେଇ ଆସି ପହଂଚି ଯିବା ପରେ ସୁଷେଣ ଲକ୍ଷ୍ମଣଙ୍କ ଚିକିତ୍ସା କରିଥିଲେ ଆଉ ଲକ୍ଷ୍ମଣ ଚେତା ଫେରି ପାଇଥିଲେ।

ଏହି ଘଟଣା ପରେ ହନୁମାନ ଯେତେବେଳେ ଭରତଙ୍କ ସହିତ ତାଙ୍କର ଭେଟ କଥା କହି ତାଙ୍କର ସନ୍ଦେଶ ତୁମକୁ ଦେଇଥିଲେ; ତୁମେ ତାଙ୍କୁ ସ୍ନେହରେ କୋଳେଇ ନେଇଥିଲ। ଆଉ କହିଥିଲ ଯେ ସେ ମଧ୍ୟ ତୁମ ପାଇଁ ଭରତଭାଇ ପରି ହିଁ ଅତ୍ୟନ୍ତ ପ୍ରିୟ ଅଟନ୍ତି।

ଯୁଦ୍ଧ ବହୁତ୍ ଜୋର ଧରି ଆସୁଥିଲା। ଉଭୟ ପଟୁ ଅନେକ ବୀର ମୃତାହତ ହେଉଥିଲେ। ତୁମର ଶର ଆଗରେ କାହାରି ଶକ୍ତି କାମ କରୁ ନଥିଲା। ସେଇଥିପାଇଁ ଇନ୍ଦ୍ରଜିତ ପୁଣି ଥରେ ନିଜର ମାୟାବୀ ଶକ୍ତି ବଳରେ ନାଗଫାଶ ଦ୍ୱାରା ସମସ୍ତଙ୍କୁ ବାନ୍ଧି ପକେଇଲା। ନିଜ ପ୍ରଭୁଙ୍କୁ ଏପରି ଅବସ୍ଥାରେ ଦେଖି ହନୁମାନ ବିଚଳିତ ହୋଇ ପଡ଼ିଲେ। ତାଙ୍କୁ କୌଣସି ମାର୍ଗ ଦେଖାଗଲା ନାହିଁ। କିନ୍ତୁ ଏହି ନାଗଫାଶ କବଳରୁ କେବଳ ପକ୍ଷୀରାଜ ଗରୁଡ଼ ହିଁ ଉଦ୍ଧାର କରି ପାରିବେ ବୋଲି ଜାଣିବା ପରେ ସେ ତୁରନ୍ତ ବିଷ୍ଣୁ ଲୋକରୁ ଗରୁଡ ମହାରାଜଙ୍କୁ ଆବାହନ କରିଥିଲେ। ପ୍ରଭୁ ଶ୍ରିହରୀଙ୍କର ଏପରି ଅବସ୍ଥା ଦେଖି ନିଜେ ଗରୁଡ ଭୀଷଣ ହୁଙ୍କାର କରି ନାଗ ମାନଂକ ଉପରକୁ ଝାମ୍ପ ଦେବାରୁ ସେମାନେ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଲେ।ତା ପରେ ଯାଇ ସମସ୍ତେ ମୁକ୍ତ ହୋଇଥିଲ।

ଏଥର ଇନ୍ଦ୍ରଜିତର ବଧ ଅବଶ୍ୟମ୍ଭାବୀ ଥିଲା। କିନ୍ତୁ ସେ ବରଦାନ ପାଇଥିଲା ଯେ ଏପରି ଏକ ବ୍ୟକ୍ତି ହାତରେ ସେ ମୃତ୍ୟୁ ବରଣ କରିବ ଯେ ବାର ବର୍ଷ ଯାଏଁ ଖାଦ୍ୟ ଏବଂ ନିଦ୍ରା ପରିହାର କରିଥିବେ। ଏମିତି କଥା ଶୁଣିବା ପରେ ବୀର ଲକ୍ଷ୍ମଣ ଏହି କାର୍ଯ୍ୟ କରି ପାରିବେ ବୋଲି ଆଶ୍ୱାସନା ଦେଇଥିଲେ। ଭାଇ ଭାଉଜଙ୍କ ସୁରକ୍ଷା ପାଇଁ ତାଙ୍କ ମାତା ସୁମିତ୍ରା ନିଜ ଇଚ୍ଛାରେ ତାଙ୍କୁ ବଣକୁ ପଠେଇ ଥିଲେ। ହେଲେ କାଳେ ତନ୍ଦ୍ରାବସ୍ଥା ତାଙ୍କ କର୍ତ୍ତବ୍ୟ ପାଳନରେ ବ୍ୟାଘାତ ସୃଷ୍ଟି କରିବ ଭାବି ବାନବାସକୁ ଆସିବା ପୂର୍ବରୁ ହିଁ ସହଧର୍ମିଣୀ ଉର୍ମିଳା ତାଙ୍କର ବାର ବର୍ଷର ନିଦ ନିଜ ପାଇଁ ନେଇ ଯାଇଥିଲେ। ସେଥିପାଇଁ ଲକ୍ଷ୍ମଣ ଆସିବା ପରଠାରୁ ସେ ମହାସତୀ ନିଦ୍ରାବସ୍ଥାରେ ଦିନ କାଟୁଛନ୍ତି।

ହେଲେ ଲକ୍ଷ୍ମଣ ଯେ ଏତେ ଦିନ ଧରି ଖାଦ୍ୟ ଗ୍ରହଣ କରି ନାହାନ୍ତି ସେକଥା ତୁମକୁ ବିଶ୍ୱାସ ହେଲାନି। କାରଣ ତୁମେ ଥରେ ତାଙ୍କୁ ଏକ କଦଳୀ ପ୍ରସାଦ ନିଜେ ଦେଇଥିଲ। ଆଉ ତୁମେ ଜାଣିଥିଲ ଯେ ସେ ସେହି ପ୍ରାସାଦର ଅପମାନ କେବେ କରି ନଥିବେ। ଏହି କଥାର ଉତ୍ତରରେ ବିନମ୍ର ପ୍ରଣାମ ଜଣେଇ ଲକ୍ଷ୍ମଣ ନିଜ ଜଙ୍ଘ କାଟି ଦେଖାଇଥିଲେ... ସେହି କଦଳୀ ସେହିପରି ଅକ୍ଷୁର୍ଣ୍ଣ ସାଇତି ରଖା ଯାଇଥିଲା। ତାଙ୍କର ଏହି ବିଚିତ୍ର ଆଚରଣ ବିଷୟରେ ପଚାରିବାରୁ ସେ ଜଣେଇ ଦେଲେ ଯେ ସେ ଖାଦ୍ୟ ଖାଇବା ପରେ କାଳେ ଆଳସ୍ୟ ଆସିଯିବ ସେହି ଭୟରେ ସେ ଖାଦ୍ୟ ତ୍ୟାଗ କରି ଦେଇଥିଲେ। ନିଜ ଅନୁଜଙ୍କର ଏପରି ଅନନ୍ୟ ତ୍ୟାଗ ଓ ଭାତୃଭକ୍ତି ଦେଖି ସେଦିନ ସମସ୍ତେ ଅଭିଭୂତ ହୋଇ ଯାଇଥିଲେ।

ହେ ପ୍ରଭୁ... ସତରେ ତୁମକୁ କଣ ଅଜଣା ଅଛି କହିଲ...!!??

କିନ୍ତୁ ତୁମେ ନିଜ ଭକ୍ତମାନଙ୍କୁ ସର୍ବଦା ସମ୍ମାନ ଦେଇ ଆସିଛ। ସେମାନଙ୍କ ମନରେ ଶକ୍ତି ଆଉ ସାହସର ସଂଚାର କରିଛ। ସେଥିପାଇଁ ବିଭୀଷଣଙ୍କୁ ଡାକି ଇନ୍ଦ୍ରଜିତ ବଧର ମାର୍ଗ ପଚାରିଥିଲ। ମେଘନାଦ ଇନ୍ଦ୍ରକୁ ବିଜୟ କରିବା ସହିତ ଅନେକ ଦୈବୀ ଅସ୍ତ୍ର ଶସ୍ତ୍ର ତଥା ମାୟାବୀ ବିଦ୍ୟାର ସ୍ୱାମୀ ହୋଇ ପାରିଥିଲା। ତା ହାତରେ ଅସ୍ତ୍ର ଥିବା ଅବସ୍ଥାରେ ତାକୁ ପରାସ୍ତ କରିବା ଜମା ସମ୍ଭବ ନଥିଲା। ତେଣୁ ସେ ନିରସ୍ତ୍ର ଥିଲା ବେଳେ ହିଁ ତାର ବଧ ହେବା ସମ୍ଭ ଥିଲା। ବିଭୀଷଣ କହିବା ଅନୁସାରେ ଇନ୍ଦ୍ରଜିତ ପ୍ରତିଦିନ ଦେବୀ ନିକୁମ୍ଭିଲାଙ୍କ ଉପାସନା କରିବାକୁ ଏକ ଗୁପ୍ତ ସ୍ଥାନକୁ ଖାଲି ହାତରେ ଯାଏ। ସେତିକିବେଳେ ଏହି କାର୍ଯ୍ୟ କରିବା ଉଚିତ୍ ହେବ ବୋଲି ଜାଣିପାରି ବୀର ଲକ୍ଷ୍ମଣ ଅନ୍ୟ ସେନା ନାୟକମାନଙ୍କ ସହିତ ସେହି ଗୁପ୍ତ ସ୍ଥାନକୁ ଯାଇ ଇନ୍ଦ୍ରଜିତ ସହ ସମ୍ମୁଖ ଯୁଦ୍ଧ କରି ତାକୁ ସେଇଠି ସମାପ୍ତ କରି ଦେଇଥିଲେ।

ନିଜ ପୁତ୍ରର ନିଧନ ପରେ ରାବଣ ପାଗଳପ୍ରାୟ ହୋଇ ଉଠିଥିଲା। ଏଥର ଯୁଦ୍ଧ କଳ ବଳ ଅପେକ୍ଷା କୌଶଳ ହେଲେ ମଧ୍ୟ ଲଢେଇ କରି ଜିତିବାକୁ ନାନା ଯୋଜନା ପ୍ରସ୍ତୁତ କଲା। ସେଇଥିପାଇଁ ନିଜ ପ୍ରିୟ ଭାଇ କୁମ୍ଭକର୍ଣ୍ଣକୁ ଡକେଇ ପଠେଇବାକୁ ବ୍ୟବସ୍ଥା କଲା। କୁମ୍ଭକର୍ଣ୍ଣ ରାବଣ ଏବଂ ବିଭୀଷଣ ସହିତ ଯେତେବେଳେ ବ୍ରହ୍ମାଙ୍କୁ ପ୍ରସନ୍ନ କରିବା ପାଇଁ ତପସ୍ୟା କରିଥିଲା; ସେତେବେଳେ ରାବଣ ନିଜ ପାଇଁ ତ୍ରିପୁର ବିଜୟୀ ହେବାର ଆଶିଷ ମାଗିବା ବେଳେ ବିଭୀଷଣ ବିଷ୍ଣୁଙ୍କର ସାକ୍ଷାତ ଦର୍ଶନ ମାଗିଥିଲେ ସେତେବେଳେ କୁମ୍ଭକର୍ଣ୍ଣ ନିଜ ପାଇଁ ଛ ମାସର ସୁଖ ନିଦ୍ରା ମାଗି ଦେଇଥିଲା। ସେ ବର୍ଷକୁ ଛ ମାସ ଖାଇବା ଆଉ ବଳକା ଛଅ ମାସ ଶୋଇବାରେ ଅତିବାହିତ କରୁଥିଲା। ତା ସହିତ ତାକୁ ଏହି ବରଦାନ ମଧ୍ୟ ମିଳିଥିଲା ଯେ ସମୟ ପୂର୍ଣ୍ଣ ହେବା ଆଗରୁ ଯଦି ତାର ନିଦ୍ରା ଭାଙ୍ଗିଯାଏ ତେବେ ହିଁ ତାର ମୃତ୍ୟୁ ହେବ।

କୁମ୍ଭକର୍ଣ୍ଣକୁ ନିଦରୁ ଉଠେଇବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଗଲା। ଘଣ୍ଟ ଘଣ୍ଟା ଖୋଳ ତାଡ଼ ବଜେଇ ନୃତ୍ୟ ସଙ୍ଗୀତ କରିଲେ ମଧ୍ୟ ତା ନିଦ ଭାଙ୍ଗିଲା ନାହିଁ। କିନ୍ତୁ ସେ ନ ଉଠିଲେ ରାବଣ ଆଉ କାହା ଉପରେ ଭରଷା କରି ପାରିବା ସମ୍ଭବ ନଥିଲା। ଏଣୁ ସେ ଯେମିତି ହେଲେ ମଧ୍ୟ ତା ନିଦ ଭାଙ୍ଗିବାକୁ ଚେଷ୍ଟା କଲା। ଶେଷରେ ଖାଦ୍ୟ ପଦାର୍ଥ ସବୁ ଆଣି ତା ଆଗରେ ରଖି ଦେବାରୁ ସେହି ବାସ୍ନାରେ କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ ହେଲା ଓ ସେ ପ୍ରଥମେ ଭୂରି ଭୋଜନ କଲା। ତତ୍‌ପଶ୍ଚାତ ରାବଣକୁ ଏମିତି ଅସମୟରେ ତାକୁ ନିଦରୁ ଉଠେଇବାର କାରଣ ପଚାରିଲା।

ସବୁ ଶୁଣିସାରି କୁମ୍ଭକର୍ଣ୍ଣ ରାବଣକୁ ବହୁତ୍ ଧିକ୍କାର କଲା। ଏମିତି ପରସ୍ତ୍ରୀ ହରଣ କରିବା ଜମାରୁ ଏକ ବୀରର କାର୍ଯ୍ୟ ନୁହେଁ ବୋଲି ତାକୁ ବହୁତ୍ ବୁଝେଇଲା। ପରମ ପ୍ରତାପୀ ପୁତ୍ର ସହିତ ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବମାନଙ୍କୁ ହରେଇ ସାରିବା ପରେ ରାବଣ ଆହୁରି ଯୁଦ୍ଧ କରିବା ସର୍ବାଦୌ ଏକ ଅନୈତିକ ଆଚାର ବୋଲି ବହୁତ୍ କରି କହିଲା।

ବିଭୀଷଣ ବିଷୟରେ ଶୁଣି ବହୁତ୍ ଖୁସି ହେଲା। କାରଣ ସେ ଜଣେ ମାତ୍ର ଶ୍ରୀହରିଙ୍କ ଦର୍ଶନ ପାଇଥିଲେ। (ଆରଥରକୁ)

♥ ଭୁବନେଶ୍ୱର, ମୋ: ୯୪୩୮୪୭୦୮୦୭

# ୨୦୨୩ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ନନ୍ଦିତା ବାନ୍ଦିନୀ



## ଡକ୍ଟର ଲକ୍ଷ୍ମଣ ସାହୁ



ଯେତେବେଳେ ଇସ୍ରାଏଲ-ପାଲେଷ୍ଟାଇନ ଯୁଦ୍ଧ ଏକ ଭୟଙ୍କର ମୋଡ଼ ନେଉଛି, ଅନ୍ୟପକ୍ଷରେ ଜଣେ ଦୃଢ଼ମନା କଏଦୀ ଇରାନର ଏକ ଜେଲର ଅନ୍ଧାର କୋଠରୀରୁ ଏକାକୀ ନୀରବରେ ଆଉ ଏକ ଯୁଦ୍ଧର ନେତୃତ୍ୱ ନେଉଛନ୍ତି, ସେ କେହି ନୁହନ୍ତି ସେ ହେଉଛନ୍ତି ନନ୍ଦିତା ବାନ୍ଦିନି ନର୍ଗିସ ମହମ୍ମଦ। ଧାର୍ମିକ ରାଷ୍ଟ୍ର ଶକ୍ତି ତାଙ୍କୁ କୌଣସି ପ୍ରକାରେ ଟାଣି ଆଣିବାରେ ସକ୍ଷମ ହୋଇନାହିଁ । ସେହି ଅସ୍ଥିର ମହିଳା ଜଣକ ନୋବେଲ ଶାନ୍ତି ପୁରସ୍କାର (୨୦୨୩) ପାଇଁ ମନୋନୀତ ହୋଇଥିଲେ । ଏକ ଯୁଦ୍ଧଗ୍ରସ୍ତ ବିଶ୍ୱରେ ସ୍ୱାଧୀନତାର ଆଉ ଏକ ଯୁଦ୍ଧ ଏବେ ବି ଚାଲିଛି । ସେହି ଯୁଦ୍ଧର ଅପରାଜିତ ଯୋଦ୍ଧା ଏବେ ନୋବେଲ କମିଟିର ପସନ୍ଦ ହୋଇଛନ୍ତି। ପ୍ରକୃତରେ ଆତ୍ମବଳିଦାନ ପଛରେ ବଳିଦାନର ମହାନତାରେ ବିଶ୍ୱାସ ରହିଛି । ସେଠାରେ ଆତ୍ମବଳିଦାନ ଏକ ଅଧିକ କଷ୍ଟକର ବଳିଦାନ, ଏକ ଅଧିକ କଠୋର ନିରନ୍ତର ଆତ୍ମ-ଯାତନା।

ଜୀବନ ଦେବା ଅପେକ୍ଷା, ଆତ୍ମବଳିଦାନ ଆତ୍ମସମର୍ପଣ, ପ୍ରକୃତରେ ନିଜ ସହିତ ଏକ ଆତ୍ମଘାତୀ ଲଢ଼େଇ । ସେଥିପାଇଁ ଅନେକ ନିଜକୁ ବଳିଦାନ ଦିଅନ୍ତି, କିଛି ଆତ୍ମସମର୍ପଣ କରନ୍ତି । ବିଶ୍ୱାସର ଆଲୋକମାଳାକୁ ନିଜକୁ ଜଳାଇ ରଖିବାକୁ ପଡ଼ିଥାଏ । ସଂସ୍କାରର ଅନ୍ଧ ମୋହରେ ନୁହେଁ ବରଂ ଆତ୍ମବଳିଦାନର ବଳିଦାନରେ ସଚେତନ ସଂଘର୍ଷ ଜାରି ରଖିବାର। ପ୍ରତିଜ୍ଞା ପାଳନ କରିବା ତାଙ୍କର ଲକ୍ଷ୍ୟ । ତାଙ୍କର ମହାନ କ୍ଷତ ଆତ୍ମ-ତ୍ୟାଗରେ ନୁହେଁ ବରଂ ଆତ୍ମ-ବିସ୍ତାରରେ ରହିଛି । ଏହି ବର୍ଷ ଅଶାନ୍ତି ବିରୁଦ୍ଧରେ ଲଢ଼େଇରେ ନୋବେଲ ପୁରସ୍କାର ସହିତ ନର୍ଗିସ୍ ମହମ୍ମଦୀଙ୍କ ନାମ ଦେଶ ଦେଶକୁ ବ୍ୟାପିଛି । ଇରାନୀ ମାନବାଧିକାର କର୍ମୀ ନର୍ଗିସ୍ ମହିଳାଙ୍କ ଜୀବନ ବଂଚିବାର ଅଧିକାର ପ୍ରତିଷ୍ଠା ପାଇଁ ଲଢ଼େଇରେ ଯୋଗ ଦେବା ଓ ତାଙ୍କ ଦେଶର ଶାସକଙ୍କ କ୍ରୋଧର ଶିକାର ହେବା ପରେ ବର୍ତ୍ତମାନ ଦେଶର କୁଖ୍ୟାତ ଏଭିନ୍ ଜେଲରେ ବନ୍ଦୀ ଅଛନ୍ତି । ତାଙ୍କୁ ପୂର୍ବରୁ ୧୩ ଥର ଗିରଫ କରାଯାଇଛି ଓ ୫ ଥର ଦୋଷୀ ସାବ୍ୟସ୍ତ କରାଯାଇ। ଦଣ୍ଡାଦେଶ ୧୫୪ କୋରଡ଼ା ଓ ୩୧ ବର୍ଷ ଜେଲ । ତାଙ୍କୁ ଶେଷ ଥର ପାଇଁ ବିଗତ ବର୍ଷ ନଭେମ୍ବର (୨୦୨୨)ରେ ଗିରଫ କରାଯାଇଥିଲା । ତାଙ୍କ ଜୀବନ ଅନ୍ଧାରରେ ବୁଡ଼ି ରହିଛି । ଜେଲର ଏକା ଏକା ଅନ୍ଧକାର କୋଠରୀରେ ଆଲୋକ ଅପେକ୍ଷା କରିଛି । ଏହି ଧର୍ମାନ୍ଧ ଏକଛତ୍ରବାଦୀ ଶାସକ ନର୍ଗିସ୍‌ଙ୍କ ଜୀବନରୁ ସବୁକିଛି ନେଇ ତାଙ୍କୁ ନିଃସହାୟ ଓ ଏକାକୀ କରିଦେଇଛନ୍ତି । ୨୦୦୯ ମସିହାରେ ଯେତେବେଳେ ସେ ଜେଲକୁ ଗଲେ, ସେ ତାଙ୍କର ଇଞ୍ଜିନିୟରିଂ ଚାକିରି ହରାଇଲେ । ତାଙ୍କ ସ୍ୱାମୀ ତଖି ରହମାନି ମଧ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ ଏବଂ ୧୪ ବର୍ଷ ଜେଲରେ କାରାବରଣ କରିଥିଲେ । ତାଙ୍କ ୧୬ ବର୍ଷୀୟ ଯମଜ ପୁଅଙ୍କ ସହିତ ଫ୍ରାନ୍ସରେ ଆଶ୍ରୟ ନେଇଥିଲେ । ନର୍ଗିସ୍ ତାଙ୍କ ପରିବାରଠାରୁ ୮ ବର୍ଷ ଧରି ଅଲଗା ଅଛନ୍ତି। ସେହି ଦୃଷ୍ଟିକୋଣରୁ, ନାରୀ ଜୀବନର ସ୍ୱାଧୀନତାର ପ୍ରତିଜ୍ଞା ପ୍ରତି ତାଙ୍କର ଆତ୍ମସମର୍ପଣ କେବଳ ଅସାଧୁ ସଂଗ୍ରାମୀଙ୍କ ଭିତରେ ଝଲସୁଛି ନାହିଁ ବରଂ ସେହି ଆନ୍ଦୋଳନ ପାଇଁ ଆଲୋକର ମଶାଲ ହେବା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ପ୍ରକୃତରେ ବଂଚିବା ପାଇଁ ଲଢ଼ିବା ପାଇଁ ଜୀବନଯାପନର ମୂଲ୍ୟ କେବଳ କଷ୍ଟକର ନୁହେଁ ବରଂ ପ୍ରୟାସ ମଧ୍ୟ ଆବଶ୍ୟକ । ସେହି ପ୍ରୟାସରେ ଶରୀର, ମନ ଓ ଧନ ଯଥେଷ୍ଟ ନୁହେଁ ବରଂ ନିରନ୍ତର ସତର୍କତା, ପ୍ରକୃତ ଏକାଗ୍ରତା ଓ ଅସୀମ ଜୀବନଶକ୍ତି ଆବଶ୍ୟକ । ପ୍ରାୟ ସବୁ ଧର୍ମରେ ଓ ପୁରୁଷପ୍ରଧାନ ସମାଜରେ ପୁରୁଷଙ୍କ ଶାସନ ଓ ଶୋଷଣ ପ୍ରତି ମହିଳାମାନଙ୍କୁ ଆଜ୍ଞାବଦ୍ଧ କରୁଥିବା ନିୟମ ବିଭିନ୍ନ ଭାବରେ ସକ୍ରିୟ ହୋଇଥାଏ । ସେଠାରେ ମହିଳାମାନଙ୍କ ଜୀବନର ସ୍ୱାଧୀନତା ହରଣ କରି ପୁରୁଷ ପ୍ରାଧାନ୍ୟର ବିସ୍ତାର ସ୍ୱାଭାବିକ ହୋଇଯାଏ । ମହିଳାମାନଙ୍କ ଜୀବନର ସ୍ୱାଧୀନତାକୁ ଅସ୍ୱୀକାର କରିବାର ପ୍ରବୃତ୍ତିରେ, ପୁରୁଷପ୍ରଧାନ ସମାଜର ସ୍ୱେଚ୍ଛାଚାରିତା କେବଳ ବାହାରକୁ ଆସେ ନାହିଁ, ବରଂ ଏହାର ଭେଦଭାବର ଭାବନା ମଧ୍ୟ ଉଗ୍ର ରୂପ ହୋଇଯାଏ । ସେଠି ମହିଳାମାନଙ୍କ ବିରୁଦ୍ଧରେ ଅମାନବୀୟ ଅତ୍ୟାଚାରର ସଂଗଠନ ନିର୍ଦ୍ଦୋଷ ଆଜ୍ଞାପାଳନ ଲାଭ କରେ । ସମାଜରେ ସେମାନଙ୍କର ଅଧୀନସ୍ଥ ଅସ୍ତିତ୍ୱକୁ ନିୟନ୍ତ୍ରଣ କରିବା ପାଇଁ, ଧାର୍ମିକ ନିୟମ ଓ ପ୍ରଥା ମଧ୍ୟ ସେହି କ୍ଷେତ୍ରରେ ସଂସ୍କାର ହୋଇଯାଏ । ସମାଜର ମଙ୍ଗଳ ପାଇଁ ଯେପରି ସେଗୁଡ଼ିକୁ ପାଳନ କରିବା ମହିଳାମାନଙ୍କ ଆଦର୍ଶ ହୁଏ ।

ପ୍ରକୃତରେ ଯେତେବେଳେ ମହିଳାମାନେ ଧାର୍ମିକ ବନ୍ଧନରେ ଆବଦ୍ଧ ହୁଅନ୍ତି, ସେତେବେଳେ ସେମାନଙ୍କ ଜୀବନରେ ବନ୍ଧନ ଅନିବାର୍ଯ୍ୟ ହୋଇଯାଏ । ଏକ ନିୟନ୍ତ୍ରିତ ମହିଳା ଜୀବନରେ, ଏକ ସୁସ୍ଥ ସମାଜର କଲ୍ୟାଣ ଧାରଣାରେ କେବଳ ରକ୍ଷଣଶୀଳତା ନାହିଁ ବରଂ ପୁରୁଷମାନଙ୍କର ଦମନିତ ଶ୍ରେଷ୍ଠତାର ଭାବନା ଓ ଏକ ପ୍ରାଧାନ୍ୟବାଦୀ ମାନସିକତା ମଧ୍ୟ ସେଠାରେ ଥାଏ । ସେଠାରେ ମହିଳା ଚେତନାରେ ତାଙ୍କର ସ୍ୱାଧୀନ ମନର ଅସ୍ତିତ୍ୱ ସ୍ୱାଭାବିକ ଭାବରେ ଅସ୍ୱାଭାବିକ । ଧାର୍ମିକ କ୍ଷେତ୍ରରେ ମହିଳା ଜୀବନର ଦାସତ୍ୱ ମଧୁର ହୋଇଥାଏ । ଝିଅ-ବନ୍ଧୁ-ମାତାର ସୀମିତ ଜୀବନରେ ସେହି ପରାଧୀନତାରେ ଜୀବନର ଅର୍ଥ ପ୍ରଦର୍ଶିତ ହୁଏ । ସ୍ୱାଭାବିକ ଭାବରେ ଯେତେବେଳେ ଧାର୍ମିକ ଶକ୍ତି ରାଜ୍ୟ କ୍ଷମତା ଦଖଲ କରେ କିମ୍ବା ଯେତେବେଳେ ରାଜ୍ୟ ଶାସନ ବ୍ୟବସ୍ଥାରେ ଧାର୍ମିକ ଅସ୍ତିତ୍ୱ ପ୍ରଚଳିତ ହୁଏ, ସେତେବେଳେ ଏହା ମହିଳା ଜୀବନର ସ୍ୱାଧୀନତା ଉପରେ ସର୍ବାଧିକ ଧାର୍ମିକ ଭାବନା ପ୍ରଭାବ ପକାଏ ।

ଯେତେବେଳେ ରକ୍ଷଣଶୀଳତା ସଂରକ୍ଷଣର ବିଷୟ ହୋଇଯାଏ, ସେତେବେଳେ ମହିଳାମାନଙ୍କର ଦୁଃଖଦ ଜୀବନ ଆହୁରି ତୀବ୍ର ହୁଏ । ସେହି କ୍ଷେତ୍ରରେ ମାନବବାଦୀ ଆଧୁନିକତାରେ ମୁକ୍ତି-ଆକାଂକ୍ଷୀ ହାତମିଳନ ଯେତେ ଅଧିକ ସ୍ପଷ୍ଟ ହୁଏ, ଏହା ବିରୁଦ୍ଧରେ ରାଷ୍ଟ୍ର ଦମନ ସେତେ ଭୟଙ୍କର ରୂପ ନେଇଥାଏ । ଇରାନ କ୍ଷେତ୍ରରେ ମଧ୍ୟ ଏହାର ପରିଚୟ ସ୍ପଷ୍ଟ । ସେଠାରେ ୧୯୭୯ରେ ବିପ୍ଳବ ଦ୍ୱାରା ରାଜତନ୍ତ୍ରର ଅନ୍ତ ଘଟିଥିଲା ଓ ଇସଲାମିକ୍ ଶାସନ ପ୍ରତିଷ୍ଠିତ ହୋଇଥିଲା । ସ୍ୱାଭାବିକ ଭାବରେ ମହିଳାମାନଙ୍କ ଉପରେ କଠୋର କଟକଣା ଲାଗୁ କରାଯାଇଥିଲା । ମହିଳାମାନଙ୍କର ମୁକ୍ତ ସ୍ଥାନ ବନ୍ଦ ହୋଇଯାଇଥିଲା । ସେମାନଙ୍କ ଜୀବନରେ ବୁର୍ଖା କିମ୍ବା ହିଜାବ ମୁହଁ ଘୋଡ଼ାଇ ଏକ ଆବଶ୍ୟକତା ହୋଇଯାଇଥିଲା । ହିଜାବ ପିନ୍ଧିବା କେବଳ ଇରାନୀମାନଙ୍କ ପାଇଁ ନୁହେଁ, ସେଠାକାର ବିଦେଶୀ ମହିଳାମାନଙ୍କ ପାଇଁ ମଧ୍ୟ ବାଧ୍ୟତାମୂଳକ ଥିଲା ।

ପ୍ରତିବାଦର ଆକାଶରେ ମେଘ ଜମା ହେବାକୁ ଲାଗିଲା । ୨୧ ଶତାବ୍ଦୀର ପ୍ରାରମ୍ଭିକ ଦଶକରେ, ମେଘରୁ ବର୍ଷା ହେବାକୁ ଲାଗିଲା । ସେଠାକାର ଜଣେ ଓକିଲ ଓ ମାନବାଧିକାର କର୍ମୀ ଶିରିନ୍ ଏବାଦି ‘ମାନବ ଅଧିକାର କେନ୍ଦ୍ରର ରକ୍ଷାକର୍ତ୍ତା’ ନାମକ ଏକ ସଂଗଠନ ଗଠନ କରିଥିଲେ ପ୍ରତିବାଦ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ, ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏଥିପାଇଁ ୨୦୦୩ ମସିହାରେ ସେ ନୋବେଲ ପୁରସ୍କାର ଜିତିଥିଲେ । ଏହି ମାନବାଧିକାର ଆନ୍ଦୋଳନ ମହିଳା ଜୀବନର ସ୍ୱାଧୀନତା ପାଇଁ ଆନ୍ଦୋଳନକୁ ସକ୍ରିୟ କରିଥିଲା । ଏହି ଦୃଷ୍ଟିରୁ ଲ୍ୟସେଠାରେ ନର୍ଗିସ ମହମ୍ମଦୀଙ୍କ ଅତୁଳନୀୟ ଭୂମିକା ବିଶେଷ ଭାବରେ ସ୍ମରଣୀୟ ।

ଶିରିନ୍ ଏବାଦୀଙ୍କ ମାନବାଧିକାର ସଂଗଠନର କାର୍ଯ୍ୟକଳାପ ବହୁମୁଖୀ ଅଟେ । ଗଣତାନ୍ତ୍ରିକ ଅଧିକାରଠାରୁ ଆରମ୍ଭ କରି ଶିଶୁ ଶ୍ରମିକ ଓ ଶରଣାର୍ଥୀ ସମସ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ରହିଛି । ନର୍ଗିସ୍ ମହମ୍ମଦି ତାଙ୍କ ଛାତ୍ର ଜୀବନରେ ମାନବାଧିକାର ଆନ୍ଦୋଳନରେ ଯୋଗ ଦେଇଥିଲେ । ମୃତ୍ୟୁଦଣ୍ଡ ବିରୋଧୀ ଆନ୍ଦୋଳନ ପାଇଁ ତାଙ୍କୁ ୧୬ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିଥିଲା । ଶିରିନ୍ ଏବାଦୀଙ୍କ ଦ୍ୱାରା ପ୍ରତିଷ୍ଠିତ ସଂଗଠନର ଜଣେ ସକ୍ରିୟ କର୍ମୀ ହେବାଠାରୁ ଆରମ୍ଭ କରି, ଏବେ ସେ ଏହାର ଉପାଧ୍ୟକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି । ସେହି କ୍ଷେତ୍ରରେ, ତାଙ୍କର ପ୍ରମୁଖ ଭୂମିକାରେ ମଧ୍ୟ, ଜଣେ ଅପରାଜେୟ ସଂଗ୍ରାମୀର ପରିଚୟ ସମ୍ମାନର ପାତ୍ର ସେ । ତାଙ୍କୁ ବାରମ୍ବାର ଗିରଫ ଓ ଜେଲଦଣ୍ଡ ଦିଆଯାଇଛି । ତଥାପି ତାଙ୍କର ଜୀବନ ପ୍ରତି ବିପଦପୂର୍ଣ୍ଣ ସଂଘର୍ଷ ତୀବ୍ର ହୋଇଛି । ଏକ ବିପଦପୂର୍ଣ୍ଣ ଲଢ଼େଇରେ ତାଙ୍କର ଆତ୍ମସମର୍ପଣ ଆଶ୍ଚର୍ଯ୍ୟଜନକ । ତେହେରାନର କୁଖ୍ୟାତ ଏଭିନ୍ ଜେଲ କେବଳ ଶାରୀରିକ ନୁହେଁ , ବରଂ ଅତ୍ୟନ୍ତ ଅମାନବୀୟ ମାନସିକ ଯନ୍ତ୍ରଣା ଭୋଗିଥିଲା । ଅନେକ ନିର୍ଯାତନା ଦିଆଯାଇଥିଲା ।

ଯାହା ଫଳରେ ମୁକ୍ତି ପରେ ମଧ୍ୟ ତାଙ୍କ ଶରୀର ଓ ମନରେ କ୍ଷତ ଚିହ୍ନ ରହିଗଲା । ତାଙ୍କ ଜୀବନର ବାକି ସମୟ ପାଇଁ ତାଙ୍କର ଅକ୍ଷମତା ଅନିବାର୍ଯ୍ୟ ହୋଇଗଲା । ଏଥିରୁ ମୁକ୍ତି ପାଇବା ପାଇଁ, ୨୦୨୦ ମସିହାରେ, ’ଏକାଂଲି ବନ୍ଦୀ’ରେ ଦଣ୍ଡିତ ୧୪୭ ଜଣ କଏଦୀ ’ନ୍ୟାୟ, ଦଣ୍ଡ ଓ ଭବିଷ୍ୟତ’ ସହିତ ମାନବାଧିକାର ସଂଗଠନକୁ ଯୋଗାଯୋଗ କରିଥିଲେ । ନର୍ଗିସ୍ ଜେଲରେ ଥିବା ସମୟରେ ଗୁପ୍ତ ଭାବରେ ୧୨ଜଣ ମହିଳାଙ୍କ ସାକ୍ଷାତକାର ନେଇଥିଲେ । ନର୍ଗିସ୍ ତାଙ୍କ ପୁସ୍ତକ ’ହ୍ୱାଇଟ୍ ଟର୍ଚର ଇଣ୍ଟରଭ୍ୟୁସ୍ ୱିଥ୍ ଇରାନିୟାନ୍ ଓମେନ୍ ପ୍ରିଜନର୍ସ’ (ନଭେମ୍ବର, ୨୦୨୨) ରେ ଜେଲରେ ହେଉଥିବା ନର୍କୀୟ ନିର୍ଯାତନା ଉପରେ ଆଲୋକପାତ କରିଛନ୍ତି । ପୁସ୍ତକର ପରିଚୟ ଶିରିନ୍ ଏବାଦି ଲେଖିଥିଲେ । ସେହି କ୍ଷେତ୍ରରେ ଜେଲକୁ ଯିବା ପରେ ମଧ୍ୟ ତାଙ୍କର ସକ୍ରିୟତା ବନ୍ଦ ହୋଇନଥିଲା, ବରଂ ଅଧିକ ଟାର୍ଗେଟ ହୋଇଯାଇଥିଲା । ଅନ୍ୟପକ୍ଷରେ ତାଙ୍କର ଲକ୍ଷ୍ୟ, ଯାହା ମହିଳା ଜୀବନର ସ୍ୱାଧୀନତା, ତାଙ୍କ ସ୍ଲୋଗାନରେ ଶୀଘ୍ର ସ୍ପଷ୍ଟ ହୋଇଛି । ପାରସ୍ୟରେ ’ଜାନ-ଜିନ୍ଦେଗି-ଆଜାଦୀ’ ଅର୍ଥ ମହିଳା ଜୀବନର ସ୍ୱାଧୀନତା । ନୋବେଲ କମିଟି ଜୀବନ ପ୍ରତି ତାଙ୍କର ଦୃଢ଼ ଓ ଅଟଳ ମନୋଭାବ ପାଇଁ ବର୍ଷୀୟ ନର୍ଗିସ (ଜନ୍ମ ୧୯୭୨ ଏପ୍ରିଲ ୨୧)ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି । ସେଠାରେ ମହିଳାମାନଙ୍କର ସମ୍ମାନର ସହିତ ବଞ୍ଚିବାର ଅଧିକାର, ପରଦା ବନ୍ଦ ଓ ମତାମତ ସ୍ୱାଧୀନତା ସ୍ପଷ୍ଟ ହୋଇଛି ।

ଅନ୍ୟପକ୍ଷରେ ଆଧୁନିକ ଚେତନାରେ ସ୍ୱାଧୀନତା ଖୋଜିବାର ଶୃଙ୍ଖଳ ଭାଙ୍ଗିବାର ସାହସ ଜାଗ୍ରତ ହୁଏ । ଏହାର ପ୍ରସ୍ତୁତି ଏକ ସୁପ୍ତ ଜ୍ୱାଳାମୁଖୀ ପରି । ସମୟକୁ ଅପେକ୍ଷା କରି, ଏହାର ସକ୍ରିୟ ଭୂମିକା ନିଆଁ ଲଗାଇବା ପରି । ଏହି କାରଣରୁ ଧାର୍ମିକ ରାଷ୍ଟ୍ରର ଶାସକଙ୍କ ରକ୍ତାକ୍ତ ମଞ୍ଚରେ ମଧ୍ୟ ପ୍ରତିବାଦ ଅସହାୟ ହୋଇପଡ଼େ ନାହିଁ । ବରଂ ସମୟ ସହିତ ଏହା ବିସ୍ଫୋରଣ ହୁଏ । ଗତ ବର୍ଷ ୨୦୨୨ ସେପଟ୍ଟେମ୍ବର ୧୬ ରେ ଏଥିରେ ନିଆଁ ଲାଗିଯାଇଥିଲା । ହିଜାବ ପିନ୍ଧି ନଥିବା ଓ ପୋଲିସ ହେପାଜତରେ ନିର୍ମମ ନିର୍ଯାତନାର ଶିକାର ହୋଇଥିବା ୨୨ ବର୍ଷୀୟା ଇରାନୀ ମହିଳା ମହସା ଆମିନୀଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ମାତ୍ରେ ଦେଶର ୮୦ ଟି ସହରରେ ତୀବ୍ର ପ୍ରତିବାଦ ବ୍ୟାପିଗଲା । ଜଣେ ମହିଳା ତାଙ୍କ କେଶ କାଟି ଓ ହଲାଇ ପ୍ରତିବାଦ କଲେ, ଯାହା ଆନ୍ଦୋଳନର ପ୍ରତୀକ ପାଲଟିଗଲା । ତିନି ମାସ ଧରି ଚାଲିଥିବା ଏହି ପ୍ରତିବାଦ ଆନ୍ଦୋଳନରେ ପ୍ରାୟ ପାଞ୍ଚ ଶହ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏହାର ଖବର ଦେଶ ଦେଶ ବ୍ୟାପି ଯାଇଥିଲା । ଏହି ବର୍ଷ ମହସା ଆମିନୀଙ୍କ ମୃତ୍ୟୁ ବାର୍ଷିକୀରେ ମଧ୍ୟ ପ୍ରତିବାଦ ଶୁଣିବାକୁ ମିଳିଥିଲା । ଏପରି ପରିସ୍ଥିତିରେ ଇରାନରେ ମହିଳାମାନଙ୍କ ସ୍ୱାଧୀନତା ଆନ୍ଦୋଳନ ଉପରେ ନର୍ଗିସଙ୍କ ପ୍ରଭାବ ଅଧିକ ତୀବ୍ର ଓ ସୁଦୂରପ୍ରସାରୀ ହେବାକୁ ଯାଉଛି । ଏହା ମଧ୍ୟ ଚଳିତ ବର୍ଷର ନୋବେଲ ପୁରସ୍କାରରେ ସ୍ପଷ୍ଟ ହୋଇଛି । ଇରାନ ସରକାର ସ୍ୱାଭାବିକ ଭାବରେ ନର୍ଗିସଙ୍କୁ ନୋବେଲ ପୁରସ୍କାର ଦେବା ବିରୁଦ୍ଧରେ ତୀବ୍ର ପ୍ରତିବାଦ କରିଥିଲେ । କେବଳ ସେତିକି ନୁହେଁ ଏହା ସମସ୍ତଙ୍କୁ ରାଷ୍ଟ୍ର ବ୍ୟାପାରରେ ହସ୍ତକ୍ଷେପ ବିଷୟରେ ମଧ୍ୟ ମନେ ପକାଇ ଦେଇଛି । ଇରାନ ସରକାର ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ନର୍ଗିସ ଦେଶରେ ପରିଚିତ ନୁହଁନ୍ତି ।

ତଥାପି ନୋବେଲ କମିଟି ତାଙ୍କୁ ଭଲ ଭାବରେ ସ୍ୱୀକୃତି ଦେଇଛି । ନର୍ଗିସ ମହମ୍ମଦି ଏହି ପଥ ଉପରେ ଏକ ମଶାଲବାହକ ଯେ ମହିଳାମାନଙ୍କୁ ଆଉ ନିର୍ଯାତିତ କରାଯାଇ ଧାର୍ମିକ ଅନୁଶାସନ କିମ୍ବା ରାଷ୍ଟ୍ର ଶାସନରେ ରଖାଯାଇପାରିବ ନାହିଁ । ସେମାନଙ୍କର ସ୍ୱାଧୀନତା ଛଡ଼ାଇ ନିଆଯାଇ ଅପମାନିତ କରାଯିବା ଉଚିତ୍ ନୁହେଁ । ସେ ରାଷ୍ଟ୍ର ଅତ୍ୟାଚାରର ସେହି ନର୍କମୟ କାରାଗାରକୁ ଦୂର କରିବାର ଲକ୍ଷ୍ୟ ପୂରଣ କରିବା ପାଇଁ ସର୍ବଦା ସେ ତାଙ୍କ କୋଠରୀରେ ଏକାକୀ ସକ୍ରିୟ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମହସା ଆମିନୀଙ୍କ ମୃତ୍ୟୁ ଉପରେ କେନ୍ଦ୍ରିତ ତୀବ୍ର ପ୍ରତିବାଦ ଆନ୍ଦୋଳନ ମଧ୍ୟରେ ତାଙ୍କର ପୁସ୍ତକ ପ୍ରକାଶିତ ହୋଇଥିଲା । ସାକ୍ଷାତକାର ପୁସ୍ତକରେ ତାଙ୍କର ଲକ୍ଷ୍ୟ ସ୍ପଷ୍ଟ ହୋଇଯାଏ, ’ଏକାଂକ୍ଷା ବନ୍ଦୀତ୍ୱ ବିରୁଦ୍ଧରେ ମୋର ସଂଘର୍ଷ ଜାରି ରଖିବାରୁ ମୋତେ କିଛି ବି ରୋକିପାରିବ ନାହିଁ’ ବୋଲି ସେ କହିଛନ୍ତି । ଏହା ସେଠାରେ ଶେଷ ହୁଏ ନାହିଁ, ସେ ଏହା ମଧ୍ୟ କୁହନ୍ତି, ‘ଏହାକୁ ଉଚ୍ଛେଦ ନ ହେବା ପର୍ଯ୍ୟନ୍ତ ମୁଁ ବିଶ୍ରାମ ନେବି ନାହିଁ ।’

ସେହି ଦୃଷ୍ଟିକୋଣରୁ ଏହା ସହଜରେ କୁହାଯାଇପାରେ ଯେ ଏଥର ତାଙ୍କ ପରିଚୟର ଆଲୋକ କେବଳ ତାଙ୍କ ଜନ୍ମଭୂମିରେ ନୁହେଁ, ବରଂ ବିଦେଶରେ ମଧ୍ୟ ବହୁ ଦୂରକୁ ବ୍ୟାପିବ। ଏହା ସହିତ ତାଙ୍କୁ ତାଙ୍କ ଜନ୍ମଭୂମିର ଧାର୍ମିକ ରାଜ୍ୟର ମୌଳବାଦୀ ପ୍ରକୃତିକୁ ପରିଚିତ କରାଇବାର ସୁଯୋଗ ମଧ୍ୟ ମିଳିଥିଲା । ବିପ୍ଳବିନୀ ନର୍ଗିସ୍ ମହମ୍ମଦୀ ଏହି କଥାର ପ୍ରତିମୂର୍ତ୍ତିର ନାମ । ଯଦିଓ ଜଣେ ମହିଳା ଜେଲର ଗୋଟିଏ କୋଠରୀରେ ଏକାକୀ ବନ୍ଦୀ ହୋଇ ଜନସାଧାରଣଙ୍କଠାରୁ ବିଚ୍ଛିନ୍ନ ହୋଇଯାଆନ୍ତି, ତାଙ୍କୁ ଦମନ କରାଯାଇପାରିବ ନାହିଁ । ବରଂ ତାଙ୍କ ଲକ୍ଷ୍ୟ-ଅନ୍ୱେଷଣକାରୀ ଅର୍ଜୁନଙ୍କ ଦୃଷ୍ଟିକୋଣ ଭଳି ଅଧିକ ସକ୍ରିୟ ଓ ଜୀବନ୍ତ ହୋଇଯାଏ । ନୋବେଲ୍ ପୁରସ୍କାର ତାଙ୍କୁ ଭାବମର୍ତ୍ତିରୁ ଏକ ପ୍ରତିମୂର୍ତ୍ତିର ଆଲୋକ ଦେଇଛି । ତାଙ୍କ ଭିତରେ ଆଲୋକର ନୂତନ ପ୍ରଭାତ, ନାରୀ ଜୀବନର ସ୍ୱାଧୀନତାରୁ ନିର୍ଗତ ଏକ ସୁବର୍ଣ୍ଣ ସକାଳର ସ୍ପର୍ଶ କେବଳ ଇରାନରେ ନୁହେଁ ବରଂ ବିଶ୍ୱବ୍ୟାପୀ ଲୋକଙ୍କ ମନରେ ବିଶ୍ୱାସର ଆଲୋକ ପାଲଟିଛି । ପୁରୁଷପ୍ରଧାନ, ରକ୍ଷଣଶୀଳ ସମାଜରେ ନିର୍ଯାତିତା ମହିଳାମାନଙ୍କ ସ୍ୱାଧୀନତାର ସେ ହେଉଛନ୍ତି ଜୀବନ୍ତ ପ୍ରତିନିଧି । ବାସ୍ତବରେ ନର୍ଗିସ୍ ମହମ୍ମଦୀ ଜାନ-ଜିନ୍ଦେଗି-ଆଜାଦୀର ଅନ୍ୟ ଏକ ଭିନ୍ନ ନାମ କହିଲେ ଅତ୍ୟୁକ୍ତି ହେବନାହିଁ...!!!!

♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪
(ମୋ) : ୯୦୪୦ ୧୫୧୪୭୫

# ତ୍ୟାଗର ମାନେ କେବଳ ନିନ୍ଦା

## ଦିପ୍ତିମୟୀ ନାୟକ

ଆଜିର ସମାଜରେ ତ୍ୟାଗ କରିବ ତ ଭୋଗିବ । ଭୋଗିବାର ମାନେ ଆଉ କଣ କି କେବଳ ନିନ୍ଦା । ଏହି ନିନ୍ଦା ସେତେବେଳେ ମିଳେ ଯେତେବେଳେ ମଣିଷର ସ୍ୱାର୍ଥ ପୂରଣ ହୋଇଯାଏ । ପ୍ରଥମତଃ ମୁଁ ଏକଥା ଏଠି କହିବି, ଯଦି ଆପଣ ଆପଣଙ୍କ ଜୀବନରେ କିଛି ତ୍ୟାଗ କରିଛନ୍ତି । ତାପରେ ପ୍ରଶଂସା ବଦଳରେ ଯଦି ଆପଣ ନିନ୍ଦା ପାଉଛନ୍ତି । ତେବେ ନିଶ୍ଚିନ୍ତ ଭାବରେ ବୁଝିଯାଆନ୍ତୁ ଆପଣ ଏପରି କିଛି ଭଲ କାମ କରିଛନ୍ତି ଯାହାକୁ ନିନ୍ଦୁକ ମାନେ ସହି ପାରୁନାହାଁନ୍ତି । ସେମାନେ ତୁମର ପ୍ରଶଂସା କରିବା ବଦଳରେ ସେମାନେ ତୁମକୁ ନିନ୍ଦା କରୁଛନ୍ତି । ନିନ୍ଦା ହେଉଛି ସେହି ମୂଲ୍ୟ ଯାହା ଜଣେ ମହାନ ମଣିଷକୁ ଏହି ସ୍ୱାର୍ଥପର ଦୁନିଆରେ ରହିବାପାଇଁ ହେଲେ ଦେବାକୁ ପଡିଥାଏ ।

ତେବେ ମଣିଷ ଜନ୍ମହେବା ପରଠାରୁ ସମ୍ପର୍କ ଜାଲରେ ବାନ୍ଧି ହୋଇଛି କିନ୍ତୁ ବିଡମ୍ବନାର ବିଷୟ ଆଜିର ଏହି ସ୍ୱାର୍ଥକୈନ୍ଦ୍ରିକ ସମାଜରେ ତ୍ୟାଗର ମୂଲ୍ୟ ପ୍ରଶଂସା ନୁହେଁ ବରଂ ନିନ୍ଦାରେ ମପାଯାଏ । ଯଦି ଆମେ ତ୍ୟାଗର ସଂଜ୍ଞାକୁ ଖୋଜିବା ତେବେ ଜାଣିପାରିବା ତ୍ୟାଗରେ ଆଶା ନଥାଏ । ଯେମିତିକି ଜଣେ ମା’ ନିଜ ସନ୍ତାନ ପାଇଁ ନିଜର ନିଦ, ଭୋକ ଓ ସ୍ୱପ୍ନକୁ ତ୍ୟାଗ କରିଥାଏ । ଜଣେ ବାପା ନିଜର ସୁଖ-ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ପରିବାରର ବୋଝ ମୁଣ୍ଡାଏ ଥାଆନ୍ତି । କିନ୍ତୁ ସମୟ ଚକ୍ରରେ ଯେତେବେଳେ ସେହି ସନ୍ତାନ ବଡ଼ ହୁଏ କିମ୍ବା ଏ ସମାଜର କୌଣସି ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ହୋଇଥାଏ । ସେତେବେଳେ ସେ ତାର କର୍ତ୍ତବ୍ୟ ଭୁଲିଯାଏ । ହୁଏତ ସବୁ ପିଲା ସମାନ ନୁହଁନ୍ତି କିନ୍ତୁ କିଛି ପିଲା ନିଜ ବାପା-ମା’ଙ୍କ ତ୍ୟାଗର ମହତ୍ତ୍ୱ ବୁଝିନଥାନ୍ତି । ଓଲଟା କହିଦେଇଥାନ୍ତି ତୁମେ ଆମ ପାଇଁ କଣ କରିଛ । ଆଉ ଏହିକଥା ଶୁଣି କିଛି ବାପା-ମା’ କହିଥାଆନ୍ତି ସ୍ୱାର୍ଥର ପୂରଣ ନିନ୍ଦାର ଆରମ୍ଭ । ସେମାନଙ୍କୁ କଷ୍ଟ ହୁଏ । ହେଲେ ସେମାନେ କଷ୍ଟକୁ ସହିଯାଆନ୍ତି । ଆଉ କୁହନ୍ତି ଏମାନଙ୍କୁ ଏତେ କଷ୍ଟରେ ଛୋଟଟିରୁ ବଡ଼ କଲୁ ଆଉ କି କଷ୍ଟ । ଏମାନେ ଭଲରେ ରୁହନ୍ତୁ । ଏମାନଙ୍କ ଉପରେ ଆମ ଅଶାନ୍ତି କେବେ ନପଡୁ । କାହିଁକି ନା ବାପା-ମା’ କେବେ ନିଜ ପିଲାର ଖରାପ ଚିନ୍ତା କରନ୍ତିନି । କି ସେମାନେ ନିଜ ତ୍ୟାଗର ପ୍ରଶଂସା ପାଇବାକୁ ଆଶା କରନ୍ତିନି । ହେଲେ ଯେଉଁ ବାପା-ମା’ଙ୍କ ପିଲା ଭଲ ହୋଇଥାଏ ବୋଧହୁଏ ସେ ବାପା-ମା’ଙ୍କୁ ତାଙ୍କ ତ୍ୟାଗର ଫଳ ମିଳିଥାଏ ।

ତେବେ ଏହି ନିନ୍ଦାର ଆରମ୍ଭ କେବଳ କିଛି ପରିବାରରେ ସୀମିତ ନଥାଏ । ଏହି ନିନ୍ଦାର ଆରମ୍ଭ ସବୁଠି ହୋଇଥାଏ । ଯେଉଁଠି ଲୋକଙ୍କ ସ୍ୱାର୍ଥ ପୂରଣ ହୋଇଥାଏ । କର୍ମକ୍ଷେତ୍ରରେ ଭଲ କାମ କଲେ ନିନ୍ଦା, ପରର ଉପକାର କଲେ ନିନ୍ଦା, ପ୍ରେମରେ ନିନ୍ଦା, ବନ୍ଧୁତାରେ ନିନ୍ଦା,କାହାକୁ ନିଜର ଭାବିବା ବି ଏକ ନିନ୍ଦା । ଏମିତିକି ଆଜିକାଲି ସବୁଠି ନିନ୍ଦା ହିଁ ନିନ୍ଦା । ଖୁବ କମ ଲୋକ ଅନ୍ୟର ତ୍ୟାଗକୁ ବୁଝନ୍ତି । ଅନ୍ୟର ତ୍ୟାଗକୁ ବୁଝିବାକୁ ହେଲେ ଯେଉଁ ମାନସିକତା ଦରକାର ତାହା ସମସ୍ତଙ୍କ ପାଖରେ ନଥାଏ । ତେଣୁ ଆପଣ ଯଦି କାହାଠାରୁ ନିନ୍ଦା ଶୁଣୁଛନ୍ତି ତେବେ ମନଦୁଃଖ କରନ୍ତୁନି । ନିନ୍ଦା ଏକ ପରମ୍ପରା ବୋଲି ଭାବିଦିଅନ୍ତୁ । ଯେମିତିକି ଯଦି ଆମେ ପୁରାଣକୁ ଦେଖିବା ଭଗବାନ ରାମଚନ୍ଦ୍ର ନିଜ ପିତାଙ୍କ ସତ୍ୟ ରକ୍ଷା ପାଇଁ ରାଜସୁଖ ତ୍ୟାଗକରି ବନବାସ ଗଲେ । କିନ୍ତୁ ଶେଷରେ ତାଙ୍କୁ ମଧ୍ୟ ନିନ୍ଦା ସହିବାକୁ ପଡିଲା । ସେହିପରି ମହାଦାନୀ କର୍ଣ୍ଣ ନିଜର କବଚ-କୁଣ୍ଡଳ ତ୍ୟାଗ କରିବାପରେ ସମାଜ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଇନଥିଲା । ଏଥିରୁ ବୁଝିବାକୁ ପଡିବ ଯେ, ତ୍ୟାଗୀକୁ ନିନ୍ଦା ମିଳିବା ଏକ ପୁରୁଣା ପରମ୍ପରା । ଯଦିଓ ନିନ୍ଦା କଷ୍ଟଦାୟକ କିନ୍ତୁ ତ୍ୟାଗ ଏକ ଆତ୍ମସନ୍ତୋଷ । ତ୍ୟାଗ କରୁଥିବା ଲୋକଙ୍କ ମନରେ ଯେଉଁ ଶାନ୍ତି ଥାଏ । ଅନ୍ୟକୁ ନିନ୍ଦା ଦେଉଥିବା ଲୋକ ମନରେ ସେହି ଶାନ୍ତି ନଥାଏ । ହୁଏତ ନିନ୍ଦୁକ ଅନ୍ୟର ନିନ୍ଦା କରି କିଛି ସମୟପାଇଁ ତାକୁ ଖୁସି ମିଳିଥାଏ । କିନ୍ତୁ ସେ ବି କେଉଁଠି ନା କେଉଁଠି ନିଜର ଭଲ କାମକୁ ବି ବିଗାଡି ଦେଇଥାଏ । ଯେଉଁଥିପାଇଁ ସେ ମଧ୍ୟ ଅନେକ ସମୟରେ ମାନସିକ ଅଶାନ୍ତିରେ ରହିଥାଏ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଭଦ୍ରକ ଜିଲ୍ଲା ପ୍ରଶାସନର ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ




ଭଦ୍ରକ, ୨୧/୨ (ନି.ପ୍ର): ଜିଲ୍ଲା ପ୍ରଶାସନ ସ୍ଥାନୀୟ ସହୀଦ ସ୍ମୃତି ଭବନରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଫେବୃଆରୀ ୨୦ତାରିଖରେ ସାରା ବିଶ୍ୱ ପାଳୁଥିବାବେଳେ ଆମ ଜିଲ୍ଲାରେ ମଧ୍ୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକ ମାନଙ୍କ ଉପସ୍ଥିତରେ ପାଳନ କରାଯାଇଛି,ପ୍ରାତଃ ୭:୩୦ରେ ଯୋଗ ଶିବିର ପରେ ପରେ ଜିଲ୍ଲା ହସ୍ପିଟାଲ ଡାକ୍ତର ଙ୍କ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ମାନ କରାଯାଇଛି, ଦ୍ୱିତୀୟ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲୀପ ରାଉତରାଏ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ,ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦିବେଦୀ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ମହାସଂଘ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଜିଲ୍ଲାଜଜ ର ପ୍ରତିନିଧି ତାପସ କୁମାର ମହାନ୍ତି, ଜିଲ୍ଲା ସଂଚୟ ଅଧିକାରିଣୀ ମୋନାଲିସା ପଣ୍ଡା, ଜିଲ୍ଲା ଲିଡ୍ ବ୍ୟାଙ୍କ ଅଧିକାରୀ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକଙ୍କ ଉପସ୍ଥିତ ରେ ଜିଲ୍ଲାପାଳ ରାଉତରାଏ ଆଜିର ଦିବସ ବରିଷ୍ଠ ମାନଙ୍କ ପ୍ରତି ସମାଜ ତଥା ପରିବାର ବର୍ଗ ସମ୍ମାନର ସହ ବଞ୍ଚିବାର ଅଧିକାର ସହ ବୃଦ୍ଧ ପିତାମାତା ଅବହେଳାର ଶିକାର ଯେପରି ନ ହେବେସେଥିପ୍ରତି ସମସ୍ତଙ୍କ ସ୍ନେହ ଆଉ ଶ୍ରଦ୍ଧା ରହିଲେ ଏକ ସୁସ୍ଥ ସମାଜ ଓ ଶ୍ରେଷ୍ଠ ଭାରତର ସ୍ୱପ୍ନ ସାକାର ହେବ, ଅନ୍ୟତମ ମଞ୍ଚାସିନ ଅତିଥି ବୃନ୍ଦ ସାମାଜିକ ନ୍ୟାୟ ଦିବସ ଉପରେ ବିଶଦ ଆଲୋଚନା କରି ଥିବା ବେଳେ ବରିଷ୍ଠ ମାନେ ସାଇବର ଠକେଇର ଶିକାର ନହେବା, ଆଇନଗତ ସେବା, ସମ୍ପତ୍ତିଗତ ଅଧିକାର ଓ ବରିଷ୍ଠ ନାଗରିକ ସଂଚୟ ଉପରେ ଆଲୋଚନା କରିଥିଲେ । ବ୍ଲକ ଓ ପଂଚାୟତ ସ୍ତରରୁ ସମସ୍ତ ଅଠେଇଶ ଗୋଟି ସଂଘର ସଦସ୍ୟ ସଦସ୍ୟା ମାନଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରିବା ସହ ପଇଂତାଳିଶ ଜଣ ବୟୋବୃଦ୍ଧ ବ୍ୟକ୍ତିଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମାଜରେ ବରିଷ୍ଠଙ୍କ ହିତରେ କାର୍ଯ୍ୟ କରୁଥିବାରୁ ବରିଷ୍ଠ ନାଗରିକ ସେବା ସମ୍ମାନରେ ସମ୍ମାନିତ କରି ଥିଲେ ।

## ତ୍ୟାଗର ମାନେ...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ଶେଷରେ ଏତିକି କହିବି ତ୍ୟାଗ କରୁଥିବା ମଣିଷ ହାରେନି କିନ୍ତୁ ତ୍ୟାଗୀକୁ ନିନ୍ଦା କରୁଥିବା ମଣିଷ ପ୍ରତ୍ୟେକ କ୍ଷେତ୍ରରେ ହାରିଯାଏ । କାହିଁକି ନା ତ୍ୟାଗୀ ମଣିଷର ସବୁଠାରୁ ବଡ଼ ସଂଘର୍ଷ ହୋଇଥାଏ ତା ନୀରବତା । ହୁଏତ ସେ ନିଜର ଦୁଃଖ କାହାକୁ କହିପାରେନା । କିନ୍ତୁ ଅନ୍ତରୁ କୁହେ କାହିଁକି ଏତେ ଯନ୍ତ୍ରଣା । ତ୍ୟାଗର ମୂଲ୍ୟ ଯଦିଓ ସମସ୍ତେ ବୁଝିବେନି କିନ୍ତୁ ଯେଉଁମାନେ ଅନ୍ୟର ତ୍ୟାଗକୁ ବୁଝିବେ ସେମାନେ ଅନ୍ତରରୁ ଶାନ୍ତି ପାଇବେ । ତେଣୁ ଏଇଠୁ ବୁଝିଯାଆନ୍ତୁ ଯଦି ଆପଣ ତ୍ୟାଗୀର ତ୍ୟାଗକୁ ଦେଖି ତାଙ୍କୁ ଟିକେ ପ୍ରଶଂସା କରିପାରୁନାହାନ୍ତି ତାହାଲେ କାହିଁକି ସେମାନଙ୍କର ନିନ୍ଦା କରୁଛନ୍ତି । ସେମାନେ ତ ତୁମଭଳି ଜଣେ ଜଣେ ମଣିଷ । ଅନ୍ୟର ପ୍ରଶଂସା କରନ୍ତୁ ଦେଖିବେ ଅନ୍ୟର ପ୍ରଶଂସା କରିବାରେ ଯେଉଁ ମଜାଥାଏ ତାହା ଅନ୍ୟର ନିନ୍ଦା କରିବାରେ ନଥାଏ । କାହିଁକି ନା ପ୍ରଶଂସା ହେଉଛି ଏକ ଶାନ୍ତିର ପ୍ରତୀକ ଆଉ ନିନ୍ଦା ହେଉଛି ଏକ ଅଶାନ୍ତିର ପ୍ରତୀକ । ସମସ୍ତଙ୍କ ଶାନ୍ତିର କାରଣ ହେବାକୁ ଚେଷ୍ଟା କରନ୍ତୁ କାହା ଅଶାନ୍ତିର କାରଣ ହେବାକଥା ଭୁଲିଯାଆନ୍ତୁ ।

+ଭୁବନେଶ୍ୱର, ଅନ୍ଧାରୁଆ
ମୋ: ୯୦୯୦୬୬୧୫୮୬

# ବନ୍ଧସାହି ଗ୍ରାମରେ ମଦମୃତ୍ୟୁ ଘଟଣା ସମ୍ବନ୍ଧରେ 'ମନା'ର ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଆଲୋଚନା



ବାଲେଶ୍ୱର, ୨୧/୨ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ(ମନା), ବାଲେଶ୍ୱରର ଗତକାଲି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଅପରାହ୍ନରେ ମନାର କର୍ମକର୍ତ୍ତା ମାନେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକଙ୍କ ସହିତ ସାକ୍ଷାତ କରି ସୋରୋ ବ୍ଲକର ଶୀଙ୍ଗାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବନ୍ଧସାହି ଗ୍ରାମରେ ବିଗତ ଦୁଇ ବର୍ଷରେ ପ୍ରାୟ ୫୦ରୁ ଅଧିକ ଲୋକଙ୍କର ମଦ୍ୟପାନ ଜନିତ ମୃତ୍ୟୁ ଘଟଣା ସମ୍ପର୍କରେ ଆଲୋଚନା କରି ଏହାର ପ୍ରତିକାର କାମନା କରିଥିଲେ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସେହି ଗାଁକୁ ଗସ୍ତ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ଶ୍ରୀଯୁକ୍ତ ନାୟକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତନିଧି ଦଳରେ ଉପଦେଷ୍ଟା ଶ୍ରୀଯୁକ୍ତ ସୁବ୍ରତ କର, ସାଧାରଣ ସମ୍ପାଦିକା ଶ୍ରୀମତୀ ମମତା ମହାପାତ୍ର, ଉପସଭାପତି ଡ଼. କ୍ଷିତୀଶ୍ୱର ଦାଶ ଓ ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ ଉପସ୍ଥିତ ଥିଲେ ।

# ତୁଳସୀଚଉରା ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ବାରିପଦା, ୨୧/୨ (ନି.ପ୍ର): ବାରିପଦା ମୁନିସିପାଲିଟିର ପି ସି ପୁର କ୍ଲଷ୍ଟର ଅନ୍ତର୍ଗତ ତୁଳସୀଚଉରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ଓ ପ୍ରଧାନ ଶିକ୍ଷୟତ୍ରୀ ସିପ୍ରା ନାମତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ସି ଆର ସି ସି ଧନଞ୍ଜୟ ସାହୁ ଓ ପରିଚାଳନା କମିଟିର ସଭାପତି ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ ଓ ଦୌଡ଼ ପ୍ରତିଯୋଗିତାରେ କ୍ଷିତୀଶ ବାରିକ, ମ୍ୟୁଜିକ ଚେୟାରରେ ସୌମ୍ୟ ରଞ୍ଜନ ଗିରି, ଡିସ୍କସ ଥ୍ରୋରେ ତନ୍ମୟ ବେହେରା, ସ୍କିପିଙ୍ଗରେ ବନ୍ଦନା ସିଂ ଓ ଝୋଟିରେ ତନୁଜା କାଦରୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିବା ବେଳେ ଅନ୍ୟାନ୍ୟ ଖେଳାକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ଓ ଗୌତମ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟତ୍ରୀ ମୋନିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବାଲିଆପାଳ ବ୍ଲକ ବିଜେଡ଼ି ସଭାପତିଙ୍କୁ ସମ୍ବର୍ଦ୍ଧନା



ବାଲିଆପାଳ, ୨୧/୨ (ନି.ପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବିଜୁଜନତା ଦଳରେ ପୂର୍ଣ୍ଣବାର ବାଲିଆପାଳ ବ୍ଲକ ସଭାପତି ଭାବରେ ଗୋବିନ୍ଦ ଚନ୍ଦ୍ର ଦାସଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ଏନେଇ ଶନିବାର ବାଲିଆପାଳ ବିଜେଡି କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ସଭାପତି ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ଶ୍ରୀ ଦାସ ଜଣେ ଶିକ୍ଷାବିତ, ସମାଜସେବୀ ଭାବରେ ବେଶ ପରିଚିତ। ପୁନର୍ବାର ତାଙ୍କୁ ସଭାପତି ଭାବେ ଚୟନ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରବିନ୍ଦ୍ର ଜେନା, ବସ୍ତା ବିଧାୟିକା ସୁବାସିନି ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ କର୍ମକର୍ତ୍ତା ଅଜୟ ସାମଲ, ହରେକୃଷ୍ଣ ଜେନା, ମନ୍ମଥ ବାରିକ, ମନ୍ମଥ ଗିରି, ସାର୍ଥକ ରଣଜିତ, କମଳ ଲୋଚନ କର, ପିତାମ୍ବର ପ୍ରଧାନ, ଲକ୍ଷ୍ମୀ କାନ୍ତ ଦେ, ସପନ କୁମାର ଦାସ ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀଖୋଳା ନାମରେ ଚାଲିଥିଲା ଚୋରାପଥର ଖାଦାନ: ମାଡ଼ିବସିଲେ ସାଂସଦ ପ୍ରତାପ ଷଡଙ୍ଗୀ, ଦୁଇ ପକ୍ଲିନ ଜବଦ




ନୀଳଗିରି, ୨୧/୨ (ନି.ପ୍ର) ବାଲେଶ୍ୱର ଜିଲ୍ଲାର ଏକମାତ୍ର ଲଘୁଖଣିଜ ସମ୍ପଦର ଭଣ୍ଡାର ନୀଳଗିରିରେ ମାଫିଆଙ୍କ ଆତଙ୍କରାଜ। ଅହରହ ୨୪ଘଣ୍ଟା ଚୋରାରେ ପଥର, ମୋରମ୍, ମାଟି ଲୁଟଚାଲିଛି। ସ୍ଥାନୀୟ ପ୍ରଶାସନ ସବୁଦେଖି ଆଖିରେ ଅନ୍ଧପୁଟୁଳି ବାନ୍ଧି ହାତଟେକି ବସିଛି। ଫଳରେ ରାଜ୍ୟ ରାଜକୋଷ କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛି।ଏସବୁ ଖବର ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନଜରରେ ଥିବାବେଳେ ଶନିବାର ଦିନ ଅପରାହ୍ନ ପ୍ରାୟ ୪ଟା ସମୟରେ ଅଚାନକ ମହିଷାପଟା ପଞ୍ଚାୟତର ଡମ୍ବୁରୁଘାଟିରେ ପୋଖରୀଖନନ ଆଳରେ ଏକ ପଥରଖାଦାନ ଉପରେ ଚଢାଉ କରିଥିଲେ। ସାଂସଦ ପ୍ରତାପ ଷଡଙ୍ଗୀ ଚଢ଼ାଉ କରିବାକୁ ଯାଇଥିବା ବେଳେ ସତେ ଯେପରି ଏଠାରେ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଖାଦାନ ଭଳି ଲାଗିଲା। ସଙ୍ଗେସଙ୍ଗେ ଖଣିବିଭାଗର ଅଧିକାରୀ, ପୋଲିସ ଓ ବନବିଭାଗର ଅଧିକାରୀଙ୍କୁ ଡକାଇଥିଲେ। ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବଡ଼ ପକ୍ଲିନ ଜବତ କରିଛି। ଏପଟେ ମାଫିଆମାନେ ବ୍ଲାଷ୍ଟିଂ କରିବା ପାଇଁ ଜିଲୋଟିନ ଏବଂ ତାର ମଧ୍ୟ ସଂଯୋଗ କରିଦେଇଥିଲେ। ଏସବୁକୁ ମଧ୍ୟ ଜବତ କରାଯାଇଛି। ସୂଚନା ଅନୁସାରେ ଡମ୍ବୁରୁଘାଟିରେ ଥିବା ଏକ ପୋଖରୀର ପୁନଃଉଦ୍ଧାର ପାଇଁ ୨୦୨୫/୨୬ଆର୍ଥିକବର୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୫ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ଫଳକ ମରାଯାଇ କାମ ବାହାନାରେ ବନବିଭାଗ ନିକଟରୁ ଅନୁମତି ଆଣିଥିଲେ। ଯେହେତୁ ଉକ୍ତ ଜାଗାଟି ବନବିଭାଗ ଅଧିନରେ ଅବସ୍ଥିତ। ପୋଖରୀର ସାମାନ୍ୟ ଏକ କୋଣ ବନ ବିଭାଗ ଅଧିନରେ ଆସୁଥିବାବେଳେ ପର ମିଶନ ମାଗିଥିଲେ। ଡିଏଫଓ ମଧ୍ୟ ଅନୁମତି ଦେଇଥିଲେ।ମାତ୍ର ପଥର ମାଫିଆ ମାନେ ପୋଖରୀକୋଣ ଖନନ ଆଳରେ ଏକ ବିରାଟ ପଥରଖାଦାନ କରି ଲକ୍ଷଲକ୍ଷ ଟଙ୍କାର ପଥର ଚୋରିକରି ନେଇଯାଇଥିବା ଦେଖଯାଇଛି। ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନିକଟରେ ଏସବୁ ତଥ୍ୟ ଥିବା ବେଳେ ସ୍ଥାନୀୟ ଅଧିକାରୀଙ୍କ ନିକଟରେ କିପରି ନ ଥିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସ୍ଥାନୀୟ ପ୍ରଶାସନ ଯେଉଁ କାମ କରିପାରିନଥିଲା, ତାହାକୁ ସାଂସଦ ପ୍ରତାପ ଷଡ଼ଙ୍ଗୀ କରି ଦେଖାଇଛନ୍ତି। ଏହି ଚଢାଉରେ ସାଂସଦଙ୍କ ସହିତ ବାଲେଶ୍ୱର ଖଣି ଅଧିକାରୀ ଜଗନ୍ ବେହେରା, ନୀଳଗିରି ଖଣିଅଧିକାରୀ ଜଗନ୍ନାଥ ଦାସ, ସମ୍ବିତ କୁମାର ମଣି, ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକ, ନୀଳଗିରି ରେଞ୍ଜଅଧିକାରୀ ମନଓ୍ୱର ଖାଁ, ମିତ୍ରପୁର ଫରେଷ୍ଟର ମଞ୍ଜୁଲତା ପ୍ରଧାନ ପ୍ରମୁଖ ସାମିଲଥିଲେ । ତେବେ ଖବର ଲେଖାହେବା ବେଳକୁ ପକ୍ଲିନ ଦୁଇଟିକୁ ଥାନାକୁ ଅଣାଯାଉଥିବା ବେଳେ ମାଲିକଙ୍କ ବିରୋଧରେ କେସ ରୁଜୁ କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

# ଭତ୍ତା ଟଙ୍କା ହଡପ ନେଇ ବ୍ରାହ୍ମଣଦା ପିଇଓ ନିଲମ୍ବନ



ବସ୍ତା,୨୧।୨(ନିପ୍ର):ବସ୍ତା ବ୍ଲକ ଅଧୀନ ବ୍ରାହ୍ମଣଦା ପଞ୍ଚାୟତ ରେ ବୁଢା ବୁଢ଼ୀ ମାନଙ୍କର ଭତ୍ତା ଟଙ୍କାକୁ ହଡପ କରିବା ଅଭିଯୋଗରେ ପିଇଓ ରଞ୍ଜିତା ଶତପଥୀଙ୍କୁ ବାଲେଶ୍ୱର ଜିଲାପାଳ ଆଜି ଚାକିରୀ ରୁ ନିଲମ୍ବନ କରିଛନ୍ତି ।ଚଂଚକତା କରି ବିଭିନ୍ନ ଲୋକଙ୍କ ଭତ୍ତା ଟଙ୍କାକୁ ସେ ହଡପ କରିଥିଲେ ।ଏ ନେଇ ହିତାଧିକାରୀ ମାନେ ପଂଚାୟତ ଅଫିସ ଆଗରେ ଧାରଣା ଦେଇଥିଲେ ।ଏହାପରେ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।ନିଲମ୍ବିତ ପିଇଓ ଶତପଥୀ ଜଳେଶ୍ୱର ବ୍ଲକ ପ୍ରଶାସନ ହେପାଜତରେ ରହିବେ ବୋଲି ନିର୍ଦ୍ଦେଶ ହୋଇଛି।

# ଜାତୀୟ ରାଜପଥ ଦଣ୍ଡିକା ନିକଟରେ ମର୍ମନ୍ତୁଦ ଦୁର୍ଘଟଣା:ବାଇକ ଆରୋହୀ ମୃତ




ବସ୍ତା,୨୧।୨(ନିପ୍ର) ବସ୍ତା ଥାନା ଅନ୍ତର୍ଗତ ୬୦ ନଂ ଜାତୀୟ ରାଜପଥ ର ଦଣ୍ଡିକା ନିକଟରେ ବିଳମ୍ବିତ ରାତିରେ ବାଲେଶ୍ୱର ରୁ ବାଲିଆପାଳ ଅଭିମୁଖେ ଯାଉଥିବା ଏକ ବାଇକକୁ ପଛପଟୁ ଧାନ ବୋଝେଇ ଟ୍ରକ ଧକ୍କା ଦେବା ଫଳରେ ବାଇକଟି ଟ୍ରକ ଭିତରେ ପଶି ଯାଇଥିଲା। ଫଳରେ ବାଇକ ଆରୋହୀ ଜଣକ ସମ୍ପୂର୍ଣ୍ଣ ପେଶି ହୋଇ ମୃତ୍ୟୁ ବରଣ କରିଛନ୍ତି। ଘଟଣା ସ୍ଥଳରେ ରାଜପଥ ପେଟ୍ରୋଲିଂ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବସ୍ତା ଡାକ୍ତରଖାନା ପଠାଇଥିବା ବେଳେ ଧାନ ବୋଝେଇ ଟ୍ରକକୁ ଜବତ କରି ବସ୍ତା ପୁଲିସ କୁ ହସ୍ତାନ୍ତର କରିଛି ।ପୁଲିସ ଘଟଣାର ତଦନ୍ତ କରୁଛି ।ବାଇକ ଆରୋହୀ ଙ୍କ ପରିଚୟ ମିଳି ନଥିବା ବେଳେ ପ୍ରାରମ୍ଭିକ ତଦନ୍ତରୁ ବାଲିଆପାଳ ଅଞ୍ଚଳର ବୋଲି ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ...

ଏହାପୂର୍ବରୁ ଶିବସେନା (ୟୁବିଟି) ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ ଭାରତ ସରକାର କାହିଁକି ଆମେରିକା ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲେ ନାହିଁ ଓ ଏହି ଚୁକ୍ତି ସ୍ୱାକ୍ଷରିତ କଲେ ବୋଲି ପ୍ରଶ୍ନ କରିଛନ୍ତି। ପ୍ରିୟଙ୍କା 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଶୁଳ୍କ ୧୦% ରହିଥିବାବେଳେ ଭାରତକୁ ଆମେରିକାର ଆମଦାନୀ ୦% ରହିଛି। ବ୍ରାଜିଲ ସର୍ବାଧିକ ଶୁଳ୍କ ଆଦାୟକାରୀ ରାଷ୍ଟ୍ର ମଧ୍ୟରେ ଥିବା ସତ୍ତ୍ୱେ ଏହାର ବାଣିଜ୍ୟ ସାର୍ବଭୌମତ୍ୱ ବଜାୟ ରଖିଲା ଓ ଆମେରିକା ଚାପ ଆଗରେ ନଇଁଲା ନାହିଁ ବୋଲି କହି ପ୍ରିୟଙ୍କା ଏହାର ପ୍ରଶଂସା କରିଥିଲେ ।

### ସୁପ୍ରିମକୋର୍ଟଙ୍କ ଉପରେ ଏବେ...

ଟ୍ରମ୍ପ ଏହି ରାୟକୁ ଲଜ୍ଜାଜନକ ବୋଲି କହିଥିଲେ। ଏହାସହ ସେ ବିଚାରପତିଙ୍କ ଉପରେ ବର୍ଷିଥିଲେ। ସେ ଏପରି ମଧ୍ୟ କହିଥିଲେ ଯେ, ଏହି କୋର୍ଟଗୁଡ଼ିକ ବିଷୟରେ କିଛି କରାଯିବା ଆବଶ୍ୟକ। ଟ୍ରମ୍ପ ବ୍ୟଙ୍ଗାତ୍ମକ ଭାବରେ କହିଥିଲେ, ରାଷ୍ଟ୍ରପତି ଭାବରେ, ମୁଁ ବାଣିଜ୍ୟ ବନ୍ଦ କରିପାରିବେ କିମ୍ବା ଏକ ଦେଶକୁ ଧ୍ୱଂସ କରିଦେବା ଭଳି ପ୍ରତିବନ୍ଧକ ଲଗାଇପାରିବି, କିନ୍ତୁ ମତେ ଗୋଟିଏ ଡଲାର ମଧ୍ୟ ଆଦାୟ କରିବାକୁ ଅନୁମତି ଦିଆଯାଉନାହିଁ। ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ଟ୍ରମ୍ପଙ୍କ ଦ୍ୱାରା କରାଯାଇଥିବ ।ଏହି ଗୁପ୍ତ ବୈଠକର ଭିତିରି କଥା ଏବେ ପଦାରେ ପଡ଼ିଛି। ବେ ?ଠରେ ହୋଇଥିବା ଆଲୋଚନା ଲିକ୍ ହୋଇଯାଇଛି। ଆମ ଦେଶ ପାଇଁ ଯାହା ଠିକ୍ ତାହା କରିବାର ସାହସ ନଥିବା ପାଇଁ ମୁଁ କୋର୍ଟର କିଛି ସଦସ୍ୟଙ୍କ ପାଇଁ ଲଜ୍ଜିତ। ସେମାନଙ୍କର ଦେଶପ୍ରେମ ନାହିଁ। ସେମାନେ ଆମ ସମ୍ବିଧାନ ପ୍ରତି କୃତଜ୍ଞ ନୁହନ୍ତି। ସେମାନଙ୍କୁ ମୂର୍ଖ ଓ କୁକୁର କୁହାଯାଇପାରେ ବୋଲି ଟ୍ରମ୍ପ ବିଦ୍ରୂପ କରିଥିଲେ। ଗତ ବର୍ଷ ଜାନୁଆରିରେ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସୁପ୍ରିମକୋର୍ଟ ବହୁଳ ଭାବରେ ତାଙ୍କ ପକ୍ଷ ନେଇ ନାହାନ୍ତି। ଟିକସ ବିରୋଧରେ ରାୟ ପ୍ରଦାନ ରିପବ୍ଲିକାନ୍ ରାଷ୍ଟ୍ରପତିଙ୍କ ପାଇଁ ପ୍ରଥମ ବଡ଼ ଝଟକା ଥିଲା। ତାଙ୍କ ବିରୋଧରେ ଭୋଟ ଦେଇଥିବା ବିଚାରପତି ଏମି କୋନି ବାରେଟ୍ ଓ ନିଲ୍ ଗୋର୍ସଚ୍ ଙ୍କୁ ଶୀର୍ଷ ଅଦାଲତରେ ମନୋନୀତ କରିଥିବା ପାଇଁ ସେ, ଦୁଃଖିତ କି ବୋଲି ପଚରାଯିବାରୁ, ଟ୍ରମ୍ପ କହିଛନ୍ତି, ମୁଁ ଦୁଃଖିତ କି ନାହିଁ ତାହା କହିବାକୁ ଚାହୁଁ ନାହିଁ । ମୁଁ ଭାବୁଛି ସେମାନଙ୍କର ନିଷ୍ପତ୍ତି ଭୟଙ୍କର ଥିଲା। ଯଦି ଆପଣ ସତ୍ୟ ଜାଣିବାକୁ ଚାହାଁନ୍ତି, ତେବେ ଏହା ସେମାନଙ୍କ ପରିବାର ପାଇଁ ଲଜ୍ଜାଜନକ, ବିଶେଷ କରି ସେ ଦୁଇଜଣଙ୍କ ପାଇଁ। ପ୍ରଧାନ ବିଚାରପତି ଜନ୍ ରବର୍ଟସ୍, କୋନି ବାରେଟ୍ ଓ ଗୋର୍ସୁଚ୍ କୋର୍ଟଙ୍କର ୬-୩ ମତରେ ଟ୍ରମ୍ପଙ୍କ ବ୍ୟାପକ ବିଶ୍ୱ ଶୁଳ୍କକୁ ବେଆଇନ ବୋଲି ରାୟ ଦେଇଥିଲେ। ଟ୍ରମ୍ପ ଶୁଳ୍କ ଆଦାୟ ପାଇଁ ତାଙ୍କ ଅଧିକାରକୁ ବଜାୟ ରଖିବା ପାଇଁ ଭୋଟ ଦେଇଥିବା ରକ୍ଷଣଶୀଳ ବିଚାରପତିମାନଙ୍କୁ ପ୍ରଶଂସା କରିଥିଲେ - କ୍ଲାରେନ୍ସ ଥମାସ, ସାମୁଏଲ୍ ଆଲିଟୋ ଏବଂ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ବ୍ରେଟ୍ କାଭାନା । ସପକ୍ଷରେ ଭୋଟ ଦେଇଥିବା ତିନିଜଣଙ୍କୁ ସେମାନଙ୍କ ଶକ୍ତି, ଜ୍ଞାନ ଓ ଦେଶ ପ୍ରତି ପ୍ରେମ ପାଇଁ ଟ୍ରମ୍ପ ଧନ୍ୟବାଦ ଜଣାଇଥିଲେ। ଟ୍ରମ୍ପ ବିଶେଷ ଭାବରେ କାଭାନାଙ୍କ ଉଦ୍ଦେଶ୍ୟରେ କହିଥିଲେ, ଯିଏ ଶୁଳ୍କ ରାୟର ବିରୋଧ କରି ୬୩ ପୃଷ୍ଠାର ଏକ ମତାମତ ଲେଖିଥିଲେ। ଟ୍ରମ୍ପ ତାଙ୍କୁ ଜଣେ ପ୍ରତିଭାଶାଳୀ ଓ ତାଙ୍କ ଉପରେ ଗର୍ବିତ ବୋଲି କହିଥିଲେ। ରାଷ୍ଟ୍ରପତି ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଏହି ରାୟ ପଛରେ ବିଦେଶୀ ପ୍ରଭାବ ରହିଛି। ମୋର ମତ ହେଉଛି, କୋର୍ଟ ବିଦେଶୀ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହୋଇଛନ୍ତି।

### ଭାରତ ଓ ବ୍ରାଜିଲ ମଧ୍ୟରେ...

ସେ କୃତ୍ରିମ ବୁଦ୍ଧିମତ୍ତା, ସୁପର କମ୍ପ୍ୟୁଟର, ସେମିକଣ୍ଡକ୍ଟର ଓ ବ୍ଲକଚେନ୍ ଭଳି ଅତ୍ୟାଧୁନିକ କ୍ଷେତ୍ରରେ ସହଯୋଗକୁ ମଧ୍ୟ ପ୍ରାଥମିକତା ଦେଇଛନ୍ତି । ଶକ୍ତି ସହଯୋଗକୁ ଭାରତ-ବ୍ରାଜିଲ ସମ୍ପର୍କର ଏକ ଦୃଢ଼ ସ୍ତମ୍ଭ ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ହାଇଡ୍ରୋକାର୍ବନ ବ୍ୟତୀତ, ନବୀକରଣୀୟ ଶକ୍ତି, ଇଥାନଲ ମିଶ୍ରଣ ଓ ସ୍ଥାୟୀ ବିମାନ ଇନ୍ଧନ ଭଳି କ୍ଷେତ୍ରରେ ସହଯୋଗ ଦ୍ରୁତ ଗତିରେ ବିସ୍ତାର ହେଉଛି। ସେ ଗ୍ଲୋବାଲ ଜୈବ ଇନ୍ଧନ ଆଲାଏନ୍ସରେ ବ୍ରାଜିଲର ସକ୍ରିୟ ଭୂମିକାକୁ ପ୍ରଶଂସା କରି ଏହାକୁ ଏକ ସବୁଜ ଭବିଷ୍ୟତ ପାଇଁ ଏକ ସହଭାଗୀ ପ୍ରତିବଦ୍ଧତା ବୋଲି କହିଥିଲେ। ସେ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ବ୍ରାଜିଲର ସହ-ଅଧ୍ୟକ୍ଷତା ପ୍ରସ୍ତାବକୁ ମଧ୍ୟ ସ୍ୱାଗତ କରିଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ଲୁଲାଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା ମଧ୍ୟ ହୋଇଥିଲା। ଯେଉଁଥିରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ତଥା ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଭାରତ ଓ ବ୍ରାଜିଲ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଖଣି, ଡିଜିଟାଲ ସହଯୋଗ ତଥା ଉପକୂଳ କ୍ଷେତ୍ର ଉପରେ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଯୋଗାଣ ଶୃଙ୍ଖଳା ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ବିରଳ ଧାତୁ ଉପାଦାନ ସହ ଜଡିତ ଚୁକ୍ତିନାମା ଗୁରୁତ୍ୱପୂର୍ଣ୍ଣ। ଏହି ସହଭାଗୀତା ଉଭୟ ଦେଶ ପାଇଁ ଏକ ବିଜୟ ସଦୃଶ ହେବ । ବିଶ୍ୱ ମଞ୍ଚରେ ଭାରତ ଓ ବ୍ରାଜିଲର ସହଭାଗୀତା ପ୍ରଭାବଶାଳୀ ହୋଇଛି। ଉଭୟ ଦେଶ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ କରିବାକୁ ସହମତ। ଆତଙ୍କବାଦକୁ ସମଗ୍ର ମାନବତାର ଶତ୍ରୁ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଓ ବ୍ରାଜିଲ ଆତଙ୍କବାଦ ବିରୋଧରେ ଏକତ୍ର ଠିଆ ହୋଇଛନ୍ତି। ମୋଦୀ ବିଶ୍ୱ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି ।

# ସାଉଦି ଆରବରେ ଓଡିଆ ଯୁବକ ମୃତ

ଭୁବନେଶ୍ୱର,୨୧।୨(ନିପ୍ର) ବିଜେପି ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ଉଦ୍ୟମରେ ସାଉଦି ଆରବରେ ମୃତ ଓଡିଆ ଯୁବକ ପ୍ରମୋଦ ସାହୁଙ୍କ ମରଶରୀର ଶନିବାର ତାଙ୍କ ଜନ୍ମମାଟିରେ ପହଞ୍ଚିଛି। ପରମେଶ୍ୱରଙ୍କ ମରଶରୀର ଭାରତ ଫେରାଇ ଆଣିବାପାଇଁ ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଶ୍ରୀ ପଣ୍ଡା ଏକ ପତ୍ର ଲେଖି ନିବେଦନ କରିଥିଲେ । ସୂଚନାଯୋଗ୍ୟ, କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ କୂଳସମିତାଙ୍ଗ ଗ୍ରାମର ବିପିନ ବିହାରୀ ସାହୁଙ୍କ ପୁଅ ପ୍ରମୋଦ ସାହୁ ସାଉଦି ଆରବର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରେ ହୃଦଘାତ କାରଣରୁ ତାଙ୍କର ମୃତ୍ୟୁ ହୋଇଥବା କମ୍ପାନୀ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ପ୍ରମୋଦଙ୍କ ପତ୍ନୀ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ତାଙ୍କ ଗ୍ରାମକୁ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କୁ ଏକ ପତ୍ର ଲେଖି ମରଶରୀରକୁ ଭାରତ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରିବା ସହ ବକେୟା ପ୍ରାପ୍ୟ ଯୋଗାଇଦେବାକୁ ନିବେଦନ କରିଛନ୍ତି। ଆଜି ମରଶରୀର ଜନ୍ମମାଟିକୁ ଫେରିବା ପରେ ପୁରା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସାଂସଦ ଶ୍ରୀ ପଣ୍ଡାଙ୍କ କାର୍ଯ୍ୟାଳୟ ତରଫରୁ ଯୁବ ନେତା ସତ୍ୟବାଦୀ ଚଇନି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକଶଂତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଦୂତାବାସର ତ୍ୱରିତ ପଦକ୍ଷେପ ପାଇଁ ଶ୍ରୀ ପଣ୍ଡା ଧନ୍ୟବାଦ ଜଣାଇଛନ୍ତି।

## ଏଫିଡେଭିଟ

ମାନ୍ୟବର ଶ୍ରୀଯୁକ୍ତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ତହସିଲଦାର, ଜଳେଶ୍ୱର ନିକଟରେ ଶପଥ ନେଉଛି କି, ମୁଁ ଏଫିଡେଭିଟକାରିଣୀ ହର୍ଷନା ବିବି ବୟସ ୬୬ ବର୍ଷ, ପିତା ସେଖ୍ ଜବା, ସ୍ୱାମୀ କମିରୁଦ୍ଦିନ ସା/ପୋ : ରାଜପୁର, ଥାନା- ଜଳେଶ୍ୱର, ଜି- ବାଲେଶ୍ୱର, ଘୋଷଣା କରୁଛି କି ମୁଁ ରାଜପୁର ମୌଜାର ସ୍ଥାୟୀ ବାସିନ୍ଦା ଅଟେ । ମୋର ଆଧାର ନମ୍ବର ୬୦୯୧୧୦୪୧୩୮୪୭ ଅଟେ । ଏହି ଆଧାର ନମ୍ବରରେ ମୋର ନାମ ହର୍ଷନା ବିବି ଅଛି । କିନ୍ତୁ ମୌଜା ଶାଳିକୋଠ ଖାତା ନଂ ୬୩୯/୭୧୦ ରେ ମୋର ନାମ ଖୁଲୁଜା ବିବି ଅଛି । ଉଭୟ ହର୍ଷନା ବିବି ଓ ଖୁଲୁଜା ବିବି ଏକ ବ୍ୟକ୍ତି ଅଟନ୍ତି । ମୁଁ ହର୍ଷନା ବିବି ନାମ ଅନୁସାରେ ଚାରିଆଡେ ପରିଗଣିତ ଓ ବିବେଚିତ ହୋଇ ଆସୁଅଛି ।

- ହର୍ଷନା ବିବି

# ନାଗରିକ ସୁରକ୍ଷା ଅଧିକାର ବାଲେଶ୍ୱର ଶାଖା ପକ୍ଷରୁ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ

ଲଙ୍ଗଳେଶ୍ୱର,୨୧/୨(ନିପ୍ର) ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ବସିଥିବା ଜାଗର ମେଳାରେ ଫାଷ୍ଟ ଫୁଡ୍, ଜଳଖିଆ ଓ ମିଠା ଦୋକାନ ଗୁଡିକରେ ବହୁଳ ମାତ୍ରାରେ ଅପମିଶ୍ରିତ ଖାଦ୍ୟ ର ମାନ ଯାଞ୍ଚ ପାଇଁ ଶୁକ୍ରବାର ସନ୍ଧ୍ୟାରେ ନାଗରିକ ସୁରକ୍ଷା ଅଧିକାର ସଂଗଠନ, ଓଡ଼ିଶା, ବାଲେଶ୍ୱର ଶାଖାର ସଦସ୍ୟ ମାନେ ମେଳାରେ ବସିଥିବା ଦୋକାନ ରେ ବ୍ୟବହାର ହେଉଥିବା ସାମଗ୍ରୀ, ଟମାଟୋ ସସ, ଚିଲି ସସ, ମସଲା ସାମଗ୍ରୀ ଗୁଡିକର ମାନ ଯାଞ୍ଚ କରିଥିଲେ।ଖାଦ୍ୟ ସାମଗ୍ରୀ ଗୁଡିକରେ ଅପମିଶ୍ରିତ ସାମଗ୍ରୀ ଦିଆଯାଉଥିବାରୁ ସଂଗଠନର ସଦସ୍ୟ



ମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ଅପମିଶ୍ରିତ ସାମଗ୍ରୀ ଗୁଡିକୁ ନଷ୍ଟ କରିଥିଲେ ଓ ବ୍ରାଣ୍ଡ କମ୍ପାନୀର ଖାଦ୍ୟ ସାମଗ୍ରୀ ବ୍ୟବହାର କରିବାକୁ କହିଥିଲେ। ଖାଦ୍ୟ ସାମଗ୍ରୀ ଘୋଡ଼ାଇ ରଖିବା ସହିତ ଦୋକାନ ଭିତରେ ଓ ବାହାରେ ପରିଷ୍କାର ରଖିବାକୁ ଦୋକାନୀ ମାନଙ୍କୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ଯାଞ୍ଚରେ ବାଲେଶ୍ୱର ଶାଖା ସଭାପତି ଆଇନଜୀବୀ ପ୍ରତାପ କେଶରୀ ଦାସ, ସମ୍ପାଦକ ବିସିକେସନ ବେହେରା, ସର୍ବଭାରତୀୟ ସଂଖ୍ୟାଲଘୁ ସେଲ ସମ୍ପାଦକ ଶେକ୍ ମୁକ୍ତାର୍ ଉଦ୍ଦିନ, ଉପଦେଷ୍ଟା ପ୍ରମୋଦ କୁମାର ପଟ୍ଟାୟତ, ପ୍ରଫେସର ଶ୍ରୀକାନ୍ତ ମଲ୍ଲିକ, ବରିଷ୍ଠ ସଦସ୍ୟ ବିରଞ୍ଚି ନାରାୟଣ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ମାନେ ମଧ୍ୟ ସହଯୋଗ କରିଥିଲେ।

# ପୁରାତନ ବିଦ୍ୟାର୍ଥୀ ପରିଷଦ ତରଫରୁ ବିଶ୍ୱ ମାତୃ ଭାଷା ଦିବସ ପାଳିତ



ବାଲେଶ୍ୱର,୨୧/୦୨(ନି.ପ୍ର) : ସଦର ବ୍ଲକ ବଡକିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ସ୍ଥାନୀୟ ଗ୍ରାମବାସୀ, ମେଟ୍ରିକ ପରୀକ୍ଷାର୍ଥୀମାନଙ୍କ ଅଭିଭାବକଙ୍କ ଉପସ୍ଥିତରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି।ପରିଷଦର ସଭାପତି ଜଳଧର ସାମଲ ଅଧ୍ୟକ୍ଷତରେ ଆୟୋଜିତ ମୋ ଭାଷା ମୋପାଇଁ ଶ୍ରେଷ୍ଠ ଆଲୋଚନା ଚକ୍ରରେ ଇଂ ମନ୍ମଥ କୁମାର ବାରିକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ପରିଷଦର ସମ୍ପାଦକ କବି ସୁଧାକର ସେଠୀ ପ୍ରାରମ୍ଭିକ କଥା ରଖିବା ସହ ଭାଷା ଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନେଇଥିବା ବରପୁତ୍ର ମାନଙ୍କୁ ସ୍ମରଣ କରିଥିଲେ। ଶ୍ରୀ ସେଠୀ କବିତା ମାଧ୍ୟମରେ ନିଜ ମାତୃଭାଷାର ଜୟଗାନ କରରିବା ସହ, ଆଗାମୀଦିନରେ ଭାଷାର ସୁରକ୍ଷା, ବିକାଶ ପାଇଁ ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ କରିବ ବୋଲି ଜଣାଇଥିଲେ । ବିଶେଷକରି ଛତୁ ଫୁଟିଲା ପରି ଇଂରାଜି ମାଧ୍ୟମ ବିଦ୍ୟାଳୟର ଆତ୍ମପ୍ରକାଶ ମାତୃଭାଷାର ସୁରକ୍ଷା ପାଇଁ ପୁଣିଏକ ବିପ୍ଳବ ଆବଶ୍ୟକ ବୋଲି ଯୁବ ସଂଗଠକ ସବ୍ୟସାଚି ଶତପଥି ନିଜ ବକ୍ତବ୍ୟରେ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ନବକୁମାର ନାୟକ, ବିଜୟ କୁମାର ଦାସ, ଠକର ଚରଣ ପାଢ଼ୀ, ଜୟଶ୍ରୀ ରାଉତ,ଲକି ସାମଲ, ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାହସମ୍ପାଦିକ ସାବିତ୍ରୀରାଣୀ ଦାସ, ଶୁଭ୍ରାଂଶୁ କୁମାର ରାଉତ, ଭବେଶ କୁ ମହାନ୍ତି, ରାହୁଲ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ମହାନ୍ତି, ହିମାଂଶୁ ପରିଡା, ଶାନ୍ତନୁ କୁମାର ପାଣିଗ୍ରାହୀ, ସୁଧାକର ରାଉତ,ରଞ୍ଜନ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ରଶ୍ମିରଂଜନ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଯୌତୁକ ନିର୍ଯାତନାର ଶିକାର ଦୁଇଭଉଣୀ: ବଡଭଉଣୀ ଶାଶୁଙ୍କ ଆକ୍ରମଣରେ ସାନଭଉଣୀ ଗୁରୁତର

ନୀଳଗିରି,୨୧/୦୨(ନି.ପ୍ର) : ବଡ଼ଭଉଣୀ ଯୌତୁକ ନିର୍ଯାତନରେ ନିର୍ଯାତିତ ହେଉଥିବାବେଳେ ବାଦ ପଡିନାହାନ୍ତି ସାନଭଉଣୀ। ବଡ଼ଭଉଣୀର ଶାଶୁଙ୍କ ମାଡ଼ରେ ସାନ ଭଉଣୀ ଗୁରୁତର ଆହତହୋଇ ମେଡିକାଲରେ ଭର୍ତ୍ତିହୋଇଥିବା ଦେଖିବାକୁ ମିଳିଛି। ଏମିତି ଏକ ଅଭାବନୀୟ ଘଟଣା ନୀଳଗିରି ଥାନା ଅଧୀନ ସାନପାଟପୁର ଗ୍ରାମରେ ଘଟିଯାଇଛି। ସୂଚନା ଅନୁଯାୟୀ ଖନ୍ତାପଡ଼ା ଥାନା ଅଧୀନ କସବାଜୟପୁର ଗ୍ରାମର ମୃତ୍ୟୁଞ୍ଜୟ ଦାସଙ୍କ ବଡ଼ଝିଅ ରାଜଶ୍ରୀ ଦାସଙ୍କୁ ନୀଳଗିରି ଥାନା ଅଧୀନ ସାନପାଟପୁର ଗ୍ରାମର ଉମାକାନ୍ତ ରାଉତଙ୍କ ବଡ଼ପୁଅ ସନ୍ତୋଷ କୁମାର ରାଉତଙ୍କୁ ୨୦୨୦ ମସିହାରେ ପ୍ରେମବିବାହ କରିଥିଲେ। ବିବାହର ତିନିବର୍ଷ ଭଲରେ କଟିବାପରେ ରାଜଶ୍ରୀଙ୍କ ଉପରେ ଆରମ୍ଭ ହୋଇଥିଲା ଯୌତୁକ ନିର୍ଯ୍ୟାତନା। ଏନେଇ ନୀଳଗିରି ଥାନାରେ ୨୦୨୫ ମସିହାରେ ଅଭିଯୋଗ ହୋଇଥିଲା ଏବଂ ଅଭିଯୋଗ ପର ଠାରୁ ନିଜ ବାପଘରେ ରହୁଥିଲେ ରାଜଶ୍ରୀ।ଶୁକ୍ରବାର ଦିନ ପ୍ରାୟ ୧୧ଘଟିକା ସମୟରେ ରାଜଶ୍ରୀ ତାଙ୍କ ସାନଭଉଣୀଙ୍କ ସହିତ ନିଜ ଛୁଆପାଇଁ ସାନପାଟପୁର ଗ୍ରାମର ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଣ୍ଡା ଆଣିବାକୁ ଯାଇଥିଲେ । ହେଲେ ସେଠାରେ ରାଜଶ୍ରୀଙ୍କ ଶାଶୂ ସୁମତି ରାଉତ ଓ ଶଶୁର ଉମାକାନ୍ତ ରାଉତ ପହଞ୍ଚି ବୋହୂ ରାଜଶ୍ରୀଙ୍କୁ ଟଣାଉଟରା କରିବାସହ ଖରାପ ଭାଷାରେ ଗାଳିଗୁଲଜ କରି ଦୁଇଭଉଣୀଙ୍କୁ ଅତି ନିର୍ମମଭାବେ ଆକ୍ରମଣ କରିଥିଲେ।ଏହି ଆକ୍ରମଣରେ ସାନଭଉଣୀ ଲିପ୍ସା ଗୁରୁତର ହୋଇଥିବାବେଳେ ପରିବାର ଲୋକେ ଖବରପାଇ ଲିପ୍ସାଙ୍କୁ ତୁରନ୍ତ ନୀଳଗିରି ମେଡ଼ିକାଲ ଆଣି ଭର୍ତ୍ତିକରିଥିଲେ। ତେବେ ଏହି ଘଟଣା ସଂପର୍କରେ ନୀଳଗିରି ଥାନାରେ ରାଜଶ୍ରୀଙ୍କ ମା ମମତା ଦାସ ଲିଖିତ ଅଭିଯୋଗ କରିଥିବାବେଳେ ନୀଳଗିରି ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡିଛି।



# ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

ବାଲିଆପାଳ,୨୧/୦୨(ନି.ପ୍ର) : ବସ୍ତା ୬୦ ନମ୍ବର ଜାତୀୟ ରାଜପଥ ଦଣ୍ଡିକା ନିକଟରେ ଶୁକ୍ରବାର ରାତିରେ ଜଣେ ବାଇକ ଅରୋହିକୁ ଏକ ଚାଉଳ ବୋଝେଇ ଟ୍ରକ ପଛରୁ ଧକା ଦେବାରୁ ଘଟଣା ସ୍ଥଳରେ ବାଇକ ଆରୋହୀର ମୃତ୍ୟୁ ହୋଇ ଯାଇଛି। ମୃତ ଯୁବକ ଜଣକ ହେଲେ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ ମୁସଲମାନ ବସ୍ତିର ସେକ ସାମୁ ଙ୍କ ବଡ଼ ପୁଅ ସେକ ଅଜୁ। ଅଜୁ ଦୀର୍ଘ ବର୍ଷ ଧରି ବାଲିଆପାଳ ଓ ବସ୍ତା ଅଞ୍ଚଳରେ ଜେସିବି ଓ ଟ୍ରାକ୍ଟର ଯୋଗେ ଲୋକଙ୍କୁ ମାଟି ଯୋଗାଇ ଆସୁଥିଲେ। ଶୁକ୍ରବାର ସେ ବସ୍ତା ଅଞ୍ଚଳରେ ଜେସିବି ଯୋଗେ ମାଟି ଖୋଳୁଥିଲା। ରାତିରେ ଡ୍ରାଇଭର ମାନଙ୍କ ପାଇଁ ଖାଇବା ନେବାକୁ ଆସୁଥିବା ବେଳେ ଏକ ଚଉଳ ବୋଝେଇ ଟ୍ରକ ତାଙ୍କୁ ପଛପଟୁ ଧକା ଦେଇ ଉପରେ ଚଢ଼ି ଯାଇଥିଲା ଯାହା ଫଳରେ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଗାଡି ଛାଡି ଫେରାର ହୋଇଥିବା ବେଳେ ଜାତୀୟ ରାଜପଥ ପେଟ୍ରୋଲିଂ ଭ୍ୟାନ ଏବଂ ବସ୍ତା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଗାଡି ଜବଦ କରି ଅଧିକ ତଦନ୍ତ ଜାରି ରଖିଛି।

# ଗଣେଶ ମନ୍ଦିର ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ



ବାଲିଆପାଳ,୨୧/୦୨(ନି.ପ୍ର) : ବାଲିଆପାଳ ବ୍ଲକ ଖଗଡାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରୀ ଗଣେଶଙ୍କ ମନ୍ଦିର ନିର୍ମାଣ ପାଇଁ ଶୁକ୍ରବାର ଭିତ୍ତି ପ୍ରସ୍ତର ସ୍ଥାପନ ଏବଂ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହୃଦୟ ରଞ୍ଜନ ତ୍ରିପାଠୀ ଙ୍କ ସମ୍ପୂର୍ଣ ଅନୁଦାନରେ ଏହି ଭବ୍ୟ ମନ୍ଦିର ନିର୍ମାଣ ହେବ ବୋଲି ମନ୍ଦିର କମିଟିର ସଭାପତି ବ୍ରଜକିଶୋର ଭୂୟାଁ ସୁଚନା ଦେଇଛନ୍ତି। ଶ୍ରଦ୍ଧାକ୍ଷେତ୍ର ପରିସରରେ ଶ୍ରଦ୍ଧାପତିଙ୍କ ମନ୍ଦିର ସମେତ ମହାଦେବ ମନ୍ଦିର, ମା ଲକ୍ଷ୍ମୀ, ମା ବିମ୍ବଳାଙ୍କ ମନ୍ଦିର ରହିଛି। ଏହି ମନ୍ଦିର ନିର୍ମାଣ ହେଲେ ଶ୍ରଦ୍ଧାଳୁ ମାନେ ଗଣେଶଙ୍କର ଦର୍ଶନ କରିପାରିବା ସହିତ ଶ୍ରଦ୍ଧା କ୍ଷେତ୍ରରେ ସୌନ୍ଦର୍ଯ୍ୟ ମଧ୍ୟ ଦ୍ୱିଗୁଣିତ ହେବ ବୋଲି ଡ଼ ତ୍ରିପାଠୀ କହିଛନ୍ତି। ଶ୍ରଦ୍ଧାକ୍ଷେତ୍ରର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠିଙ୍କ ଦ୍ୱାରା ଭୂମିପୂଜା କରାଯାଇଥିଲା। ମନ୍ଦିରର ପରିଚାଳନା କମିଟିର ସମ୍ପାଦକ ପ୍ରଫୁଲ୍ଲ ସାହୁ, ବରିଷ୍ଠ ସଦସ୍ୟ ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ, ମଧୁସୁଦନ ସାହୁ,ପ୍ରୀୟନାଥ ସେଠି, କାଳୀଚରଣ ଦେ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଦିବ୍ୟ କାମ ମହାନ୍ତିଙ୍କ ସମେତ ଅନ୍ୟ ପୂଜକ ରବିନାରାୟଣ ପାଠି, ବଳଦେବ ପଣ୍ଡା, ସମ୍ଭୁନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ନୀଳଗିରି ,୨୧/୦୨(ନି.ପ୍ର) : ମାତୃଭାଷା ମାଆର ଭାଷା । ଭାଷା ବ୍ୟବହାର ନହେଲେ ଭାଷା ମରିଯାଏ । ଭାଷା ମଣିଷର ପରିଚୟ। ମାତୃଭାଷାକୁ ଗୁରୁତ୍ୱ ଦେଉଥିବା ବ୍ୟକ୍ତି ସମାଜରେ ସର୍ବଦା ସ୍ୱତନ୍ତ୍ରବୋଲି ଆଜି ବିଶ୍ୱ ମାତୃଭାଷା ଦିବସରେ ନୀଳଗିରି ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ବକ୍ତବ୍ୟ ପ୍ରକାଶ ପାଇଥିଲା। ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଅଧ୍ୟାପିକା ମମତା ବରାଳ, ଡ. ଶିବାନୀ ଡଗର, ଡ. ପ୍ରଦୀପ୍ତ କୁମାର ମିଶ୍ର, ଅଧ୍ୟାପିକା ମୌସୁମୀ ଭୋଳ ପ୍ରମୁଖ ନିଜନିଜ ବକ୍ତବ୍ୟ ରଖିବାସହ ଛାତ୍ରୀମାନେ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀ ଭାର୍ଗବୀ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ସ୍ୱର୍ଗତା ସସ୍ମିତା ପାତ୍ରଙ୍କ ସ୍ମୃତିଚାରଣ ସଭା ପାଳିତ




ବସ୍ତା,୨୧/୦୨(ନି.ପ୍ର) : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟରେ ସସ୍ମିତା ପାତ୍ରଙ୍କ ସ୍ମୃତି ଚାରଣ ସଭା ପାଳିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଯୁବ ସମାଜସେବୀ ଡକ୍ଟର ଅମର କୁମାର ପାଳ ଏହି ସଭାରେ ପୌରହିତ୍ୟ କରିଥିଲେ। ସସ୍ମିତା ପାତ୍ର ମୃତ୍ୟୁ ବେଳକୁ ତାଙ୍କୁ ୩୬ବର୍ଷ ହୋଇଥିଲା। ସେ ମୂକ ଓ ବଧିର ବିଦ୍ୟାଳୟର ପୂର୍ବତନ କର୍ମଚାରୀ ଥିଲେ। ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଂଜୁବତି ବିଶ୍ୱାଳ ତାଙ୍କ ମୃତ୍ୟୁରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିବା ସହିତ ନିଜର କୋହକୁ ସମ୍ଭାଳିପାରି ନଥିଲେ। ସେ ଜଣେ କର୍ତବ୍ୟନିଷ୍ଠ ଓ ମେଳାପି ମଣିଷ ଥିଲେ। ତାଙ୍କରି ଅମର ଆତ୍ମାର ସଦଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରି ସର୍ବ ଶେଷରେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅଧ୍ୟକ୍ଷା ଶ୍ରୀମତୀ ଅପରାଜିତା ସେନାପତି ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭାସାଙ୍ଗ କରାଯାଇଥିଲା ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ସର୍ବସାଧାରଣ ସ୍ଥାନଗୁଡ଼ିକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ପ୍ରୋତ୍ସାହନ




ପାରାଦ୍ୱୀପ, ୨୧/୨ : ପ୍ରଦୂଷଣ ମୁକ୍ତ ପରିବେଶ ପ୍ରତି ପ୍ରତିବଦ୍ଧତାର ଅଂଶସ୍ୱରୂପ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମିଳିତ ଭାବେ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଅଭିଯାନ ମାଧ୍ୟମରେ ରାଜ୍ୟର ବିଭିନ୍ନ ସର୍ବସାଧାରଣ ସ୍ଥାନକୁ ପ୍ଲାଷ୍ଟିକ୍ ମୁକ୍ତ ରଖିବା ପାଇଁ ପଦକ୍ଷେପ ନିଆଯାଉଛି। ମାନବ ସ୍ୱାସ୍ଥ୍ୟ, ପ୍ରାଣୀ ଏବଂ ସାମୁଦ୍ରିକ ଜୀବନ ଉପରେ ଏକକ ବ୍ୟବହାର ପ୍ଲାଷ୍ଟିକର ଭୟାବହତା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ।ଏଏମ୍/ଏନ୍ଏସ୍ ଇଣ୍ଡିଆର ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ଟିମ୍ ଏବଂ ପାରାଦ୍ୱୀପସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ମିଳିତ ସହଯୋଗରେ ଏକ ସଚେତନତା ଅଭିଯାନ ଆୟୋଜନ କରିଥିଲେ, ଯେଉଁଥିରେ ପରିବେଶ ସୁରକ୍ଷା ପାଇଁ ସାମୂହିକ ଶପଥ ପାଠ କରାଯିବା ସହ ସର୍ବସାଧାରଣ ସ୍ଥାନ ଓ ପିକନିକ୍ ସ୍ପଟ୍ ?ଗୁଡ଼ିକରେ ଉଚିତ ଓ ଅନୁଚିତ ପଦକ୍ଷେପ ବିଷୟରେ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଦୈନିକ ଭକ୍ତଙ୍କ ପ୍ରବଳ ଭିଡ଼ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ନିୟମିତ ଆୟୋଜନ ହେଉଥିବା ବନ୍ଧୁମିଳନକୁ ଦୃଷ୍ଟିରେ ରଖି ବାବା ଗୋରଖନାଥ ମନ୍ଦିର ପରିସରର ଉଭୟ ଫାଟକରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ନିଷେଧ ଉପରେ ବାର୍ତ୍ତା ବହନ କରୁଥିବା ସ୍ଥାୟୀ ସାଇନବୋର୍ଡ ମଧ୍ୟ ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ, ସ୍ଲରି ପାଇପ ଲାଇନ ଓ ଏଏମ୍/ଏନ୍ ?ଏସ୍ ପୋର୍ଟ୍ସର ମୁଖ୍ୟ ସିଏଚ୍ ହରିପ୍ରସାଦ, ଓଡ଼ିଶା ପରିବେଶ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଦାଶ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସ ର ପରିବେଶ ବିଭାଗ ପ୍ରବନ୍ଧକ ଦେବଦତ୍ତ ଦାସ ଏବଂ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅଭିଯାନରେ ଏଏମ୍/ଏନ୍ ?ଏସ୍ ?ର କର୍ମଚାରୀ ଓ ଶ୍ରଦ୍ଧାଳୁଙ୍କୁ ମିଶାଇ ୨୦୦ରୁ ଅଧିକ ଲୋକ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ।
କେନ୍ଦୁଝରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ରାଜ୍ୟ ଜଙ୍ଗଲ ବିଭାଗର ସହଯୋଗରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ଆନନ୍ଦପୁରର ଗଡ଼ଚଣ୍ଡୀ ପିକନିକ୍ ସ୍ପଟ୍ ?ଠାରେ ଏକ ସପ୍ତାହବ୍ୟାପୀ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଆୟୋଜନ କରାଯାଇଥିଲା । ହଦଗଡ଼ ରେଞ୍ଜ ଅଫିସର ଶ୍ରୀ ମାର୍ଶାଲ କିସ୍କୁଙ୍କ ଦ୍ୱାରା ଏହି ଅଭିଯାନର

# ଆନ୍ତର୍ଜାତୀୟ ମାତୃଭାଷା ଦିବସ



ଜଳେଶ୍ୱର,୨୧/୦୨(ନି.ପ୍ର) : ଶନିବାର ଅପରାହ୍ନ ୫ ଘଟିକା ସମୟରେ ଜଳେଶ୍ୱର ନୂଆ ବଜାର ସ୍ଥିତ ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ଜଳେଶ୍ୱର ଶାଖା ର ସଭାପତି କମଳ ଚକ୍ରବର୍ତ୍ତୀ ଙ୍କ ପୌରହିତ୍ୟ ରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ନିକଟରେ ଉତ୍କଳ ସମ୍ମିଳନୀ ରାଜ୍ୟ ସାଙ୍ଗଠନିକ ସମ୍ମିଳନୀ ରେ ନିର୍ବାଚିତ ହୋଇଥିବା ଉପସଭାପତି ଭାବେ ଶ୍ରୀ ଯୁକ୍ତ ଚକ୍ରବର୍ତ୍ତୀଙ୍କୁ ସମସ୍ତ ସଦସ୍ୟ ତଥା ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଅଭିନନ୍ଦନ ଦଥା ଆମ ଜଳେଶ୍ୱର ମାଟି ଗର୍ବ ଗୌରବ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମା ଚରଣ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲଳିତ ରଂଜନ ସେନାପତି, ସତ୍ୟ ମୟ ଆଚାର୍ଯ୍ୟ, ସମ୍ପାଦକ ସୁନୀଲ କୁମାର ନାୟକ, କୃଷି ବୈଜ୍ଞାନିକ ବିଜୟ କୁମାର ମିଶ୍ର, ସାଂଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଉପସଭାପତି ଡଃ ଅଜିତ କୁମାର ମହାନ୍ତି, ସମାଜ ସେବୀ ଦିଲ୍ଲୀପ କୁମାର ଗିରି, ଉପସଭାପତି ଅଶୋକ କୁମାର ଦାସ, ଗତିକୃଷ୍ଣ ଦଳେଇ, ସଦସ୍ୟ ସମରେଶ ଦିନ୍ଦା, ଭାସ୍କର ଚନ୍ଦ୍ର ମିଶ୍ର, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ରନାଥ ସେନାପତି ଘନଶ୍ୟାମ ଗିରି, ସହସମ୍ପାଦକ ହେମନ୍ତ କୁମାର ଗିରି, ସାମ୍ବାଦିକ ସୁକୁମାର ରଣା, ରାମକୃଷ୍ଣ ଆଶ୍ରମ ର ଭାଇସ ଚେୟାରମେନ ଆରୋପ ସତ୍ୟ ମାଇତି, ଜୀବନ ପରିଡା, ଜଗଦିଶ ନନ୍ଦୀ, ପୂର୍ଣ୍ଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ କୋଷାଧ୍ୟକ୍ଷ ରବିନ୍ଦ୍ରନାଥ ବାରିକ ।

# ନରସିଂହପୁର ସ୍କୁଲରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ



ବାସୁଦେବପୁର,୨୧/୦୨(ନି.ପ୍ର) : ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶାନ୍ତି ଲତା ପଣ୍ଡା ସଭାପତିତ୍ୱ କରିଥିଲେ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନ୍ତର୍ଜାତୀୟ ମାତୃଭାଷା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ବେତଡ଼ା ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା, କବି ଓ ସାମ୍ବାଦିକ ରଞ୍ଜନ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ପଣ୍ଡା ଓ ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଗଳ୍ପ କଥନ, କବିତା ଆବୃତ୍ତି, ସାଧାରଣ ଜ୍ଞାନ, ମାତୃ ଭାଷା ପ୍ରକଳ୍ପ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ଦୟାନିଧି ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସସ୍ମିତା ବାରିକ୍, ଆରତୀ ଲତା ନାୟକ,ରମାକାନ୍ତ ଦଳେଇ ପ୍ରମୁଖ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସଂସ୍କୃତି ଭବନରେ ବିଶ୍ୱ ମାତୃଭାଷା ଦିବସ ପାଳିତ

ଭୁବନେଶ୍ୱର,୨୧/୦୨(ନି.ପ୍ର) : ଓଡ଼ିଆ ଭାଷା ପ୍ରତିଷ୍ଠାନ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଶନିବାର ଭୁବନେଶ୍ୱର ସ୍ଥିତ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ ଆଜିର କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆମ ମାତୃଭାଷା ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ସଂସ୍କୃତି ବିଭାଗ ପକ୍ଷରୁ କରାଯାଉଥିବା ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଆମ ମାତୃଭାଷା ପ୍ରତି ଆମ ସମସ୍ତଙ୍କ ମଧ୍ୟରେ ଭଲ ପାଇବା ରହିଛି। ଆମ ଭାଷା ଓଡ଼ିଆ ଆମକୁ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ପ୍ରଦାନ କରିଛି। ଆମ ଭାଷା, ସାହିତ୍ୟ ଓ ସମାଜ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ନିଜର ଭାବନାକୁ ଆମେ ମାତୃଭାଷାରେ ପରିପ୍ରକାଶ କରିଥାଉ, ଭାଷାରୁ ସାହିତ୍ୟ ସୃଷ୍ଟି ହୁଏ ଏବଂ ସାହିତ୍ୟ ଆମ ସମାଜର ବାସ୍ତବିକତାକୁ ପ୍ରତିଫଳନ କରେ। ଓଡ଼ିଆ ସାହିତ୍ୟରେ ଉଚ୍ଚକୋଟୀର ଗବେଷଣା ହେବା ଏବଂ ଏହାର ବହୁଳ ପ୍ରଚାର ଓ ପ୍ରସାର ହେବାର ଆବଶ୍ୟକତା ରହିଛି। ଆମ ଯୁବପିଢ଼ି ଆମ ଓଡ଼ିଆ ଭାଷାକୁ ବିଶ୍ୱ ବିଦିତ କରିବା ଦିଗରେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟକୁ ପୂରଣ କରିବେ ବୋଲି ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ ଶିଶୁ ସାହିତ୍ୟିକ ଦାଶ ବେନହୁର ମତପ୍ରକାଶ କରିଥିଲେ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida